

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୧ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 11 APRIL 2021

Vol.No. 32 ■ No. 92 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ବିପ୍ଳବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଛତିଶଗଡକୁ ବସ୍ ସେବା ବନ୍ଦ : ପରିବହନ ମନ୍ତ୍ରୀ

ଭୁବନେଶ୍ୱର,୧୦/୦୪ (ନି.ପ୍ର): କରୋନା ଭୟାବହତାକୁ ଦେଖି ଛତିଶଗଡ଼କୁ ବସ୍ ଚଳାଚଳ ବନ୍ଦ କରିବାକୁ ଓଡ଼ିଶା ସରକାର ନିଷ୍ପତି ନେଇଛନ୍ତି । ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ସ୍ୱତନ୍ତ୍ର ରିଲିଫ କମିଶନର ଏ ନେଇ ଚିଠି ଲେଖିଛନ୍ତି । ବିଭାଗ ପକ୍ଷରୁ ଖୁବଶୀଘ୍ର ଏସଓପି ଜାରି କରାଯାଇପାରେ । ବର୍ଡର ଚେକିଙ୍ଗ ପଏଂଟରେ ଆରିଟିଓମାନେ ଯାଂଚ କରିବେ । କରୋନା ସଂକ୍ରମଣ ବୃଦ୍ଧି ଭିତରେ ସାଧାରଣ ବସରେ ଯାତାୟାତ କରୁଥିବା ଯାତ୍ରୀମାନଙ୍କ ସୁରକ୍ଷା ପାଇଁ କଣ କଟକଣା କରାଯିବ ସେ ନେଇ ଆମେ ଆଲୋଚନା କରୁଛୁ । ଖୁବଶୀଘ୍ର ଏ ନେଇ ବିଭାଗ ପକ୍ଷରୁ ନିଷ୍ପତି ନିଆଯିବ ବୋଲି ପରିବହନ ମନ୍ତ୍ରୀ କହିଛନ୍ତି ।

## ଅଢ଼େଇ ଲକ୍ଷ କୋଭିସିଲ୍ଡ ଭୁବନେଶ୍ୱର ବିମାନବନ୍ଦରରେ ପହଂଚିଲା

ଭୁବନେଶ୍ୱର,୧୦/୦୪ (ନି.ପ୍ର): ଭୁବନେଶ୍ୱର ବିମାନବନ୍ଦରରେ ଅଢ଼େଇ ଲକ୍ଷ କୋଭିସିଲ୍ଡ ଟିକା ଆସି ପହଂଚିଛି । ସମସ୍ତ ଜ ଜିଲ୍ଲାକୁ ଏହି ଟିକା ପଠା ଯିବ । ଟିକା ନେବା ପାଇଁ ବିଭିନ୍ନ ଜିଲ୍ଲାରୁ ଗାଡ଼ି ଭୁବନେଶ୍ୱରରେ ପହଂଚିଛି । ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଆସନ୍ତାକାଲି ରାଜ୍ୟର ସମସ୍ତ ଟିକାକରଣ କେନ୍ଦ୍ରରେ ଟିକା ଦିଆଯିବ ବୋଲି ସୂଚନା ଦେଇଛନ୍ତି । ଆସନ୍ତାକାଲି ଠାରୁ ଏପ୍ରିଲ ୧୪ ଯାଏ ପାଳିତ ହେବ ଟିକା ଉତ୍ସବ ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୫ ଗିରଫ, ୭୪୯ ବାହନ ଜବତ

ଭୁବନେଶ୍ୱର,୧୦/୦୪ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୫ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୪୯ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ୨୭,୧୮,୬୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଏସସିବିରୁ କୁଖ୍ୟାତ ଗ୍ୟାଙ୍ଗଷ୍ଟାର ହାଇଦର ଫେରାର୍

## ଧରିବାକୁ ଆରମ୍ଭ ହେଲା ସ୍ୱତନ୍ତ୍ର ଅପରେସନ୍



କଟକ/ଭୁବନେଶ୍ୱର,୧୦/୦୪ (ନି.ପ୍ର): କୁଖ୍ୟାତ ଗ୍ୟାଙ୍ଗଷ୍ଟାର ସୁଲେମାନ୍ ହାଇଦର କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରୁ ଫେରାର ହୋଇଯାଇଛି । ଏସସିବିର ସର୍ଜରୀ ୱାର୍ଡର ୫ ନଂ କ୍ୟାବିନ୍ ରେ ୧୨ ଦିନ ଧରି ଚିକିତ୍ସାଧୀନ ଥିବା ବେଳେ ଶନିବାର ଅପରାହ୍ନରେ ଫେରାର୍ ହୋଇଯାଇଥିବା ଜଣାପଡିଛି । କ୍ୟାବିନ୍ ନିକଟରୁ ନିୟୋଜିତ ଥିବା ଜଣେ ସୁରକ୍ଷାକର୍ମଚାରୀଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଛି । ତେଣୁ ହାଇଦର ସୁରକ୍ଷା କର୍ମଚାରୀଙ୍କୁ ନିଶା ଦେଇ ଫେରାର ହୋଇଯାଇଥିବା ଅନୁମାନ କରାଯାଉଛି । କଟକ ଡିସିପି ପ୍ରତୀକ ସିଂହଙ୍କ କହିବା ଅନୁଯାୟୀ ହାଇଦରକୁ ଧରିବା ପାଇଁ ଅପରେସନ୍ କୁ ଜୋରଦାର କରାଯାଇଛି । ସୀମା ସିଲ୍ କରାଯାଇଛି । ପଡୋଶୀ ଜିଲ୍ଲା କେନ୍ଦ୍ରାପଡା ଓ ଯାଜପୁର ଏସପି ମାନଙ୍କୁ ଜଣାଇ ଦିଆଯାଇଛି ଏବଂ ସର୍ଚ୍ଚ ଅପରେସନ୍ କରିବାକୁ କୁହାଯାଇଛି । ସୂଚନାଯୋଗ୍ୟ ଯେ କେନ୍ଦୁଝରର ଖଣି ବ୍ୟବସାୟୀ ରଶ୍ମୀ ମହାପାତ୍ର ଓ ସେକ୍ ଚୁନା ହତ୍ୟାକାଣ୍ଡ ମାମଲାରେ ହାଇଦର ସଜା ଭୋଗୁଥିଲା । ବୁର୍ଲା ସର୍କଲ ଜେଲରେ ହାଇଦରକୁ ରଖାଯାଇଥିବା ବେଳେ ଅସୁସ୍ଥତା ଯୋଗୁଁ ତାକୁ ବୁର୍ଲା ମେଡିକାଲରେ ଭର୍ତି କରାଯାଇଥିଲା । ତେବେ ୧୨ ଦିନ ତଳେ ତାକୁ କଟକ ଏସସିବି ଅଣାଯାଇଥିଲା ।

# ରାଜ୍ୟରେ ବଢ଼ି ଚାଲିଛି ଦୈନିକ ସଂକ୍ରମଣ

## ପଡ଼ୋଶୀ ରାଜ୍ୟର ସଂକ୍ରମଣକୁ ଦେଖି ସୀମା ସିଲ୍ କଲା ପ୍ରଶାସନ



ଭୁବନେଶ୍ୱର,୧୦/୦୪ (ନି.ପ୍ର): ରାଜ୍ୟରେ ଉପରମୁହାଁ ହୋଇଚାଲିଛି କରୋନା ସଂକ୍ରମଣ । ଦିନକରେ ୧୩ଶହ ୭୪ ନୂଆ ପଜିଟିଭ୍ ଚିହ୍ନଟ ଓ ୨ ଜଣଙ୍କ ମୃତ୍ୟୁ ହୋଇଛି । ସୁନ୍ଦରଗଡରୁ ସର୍ବାଧିକ ୩୫୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୯୩ଜଣ, ନୂଆପଡ଼ା ଜିଲ୍ଲାରୁ ୧୩୫ ନୂଆ ପଜିଟିଭ ମାମଲା ସାମ୍ନାକୁ ଆସିଛି । ପଶ୍ଚିମଓଡିଶାରେ କରୋନା ସ୍ଥିତି ଚିନ୍ତାଜନକ ହେଉଥିବାରୁ ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲା ଗସ୍ତ କରି କୋଭିଡ ପରିଚାଳନା ସମୀକ୍ଷା କରିଛନ୍ତି ମୁଖ୍ୟ ଶାସନ ସଚିବ ଓ ସ୍ୱାସ୍ଥ୍ୟ ସଚିବ । ପଡୋଶୀ ରାଜ୍ୟ ପଟୁ ସଂକ୍ରମଣ ଭୟ ଯୋଗୁଁ ଛତିଶଗଡ ସୀମାକୁ ସିଲ କରିଛି ନବରଙ୍ଗପୁର ଜିଲ୍ଲା ପ୍ରଶାସନ । ଉମରକୋଟ ନିକଟ ଦଣ୍ଡେସରା ଗାଁ ଚେକ ପୋଷ୍ଟକୁ ସିଲ କରି ଯାଂଚ କରିଛନ୍ତି ତହସିଲଦାର ଓ ଏସଡିପିଓ । ଛତିଶଗଡରୁ ଜରୁରୀ କାମରେ ଆସୁଥିବା ଲୋକଙ୍କୁ କରୋନା ନେଗେଟିଭ ରିପୋର୍ଟ ମଗାଯାଉଛି । ନେଗେଟିଭ୍ ରିପୋର୍ଟ ନଥିଲେ ୭ଦିନ ସଂଗରୋଧରେ ରହିବାକୁ କୁହାଯାଉଛି । ଅନ୍ୟପଟେ ଛତିଶଗଡକୁ ବସ ଚଳାଚଳ ବନ୍ଦ କରିବାକୁ ନିଷ୍ପତି ନେଇଛନ୍ତି ସରକାର । ସେପଟେ ଶହ ଶହ ପ୍ରବାସୀ ଓଡିଆଙ୍କୁ ବିନା ଯାଂଚରେ ଛଡାଯାଉଥିବା ଖବର ପ୍ରସାରଣ ପରେ ଚେତିଛି ▶▶ପୃଷ୍ଠା ୭

## ୨୦୧୧ ପରେ ପୁଣି ପୁରୀ ଏମାର ମଠରୁ ମିଳିଲା ରୂପା ଇଟା



ପୁରୀ,୧୦/୦୪ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ପୁରୀ ଶ୍ରୀମନ୍ଦିର ନିକଟସ୍ଥ ଏମାର ମଠରୁ ପୁଣି ରୂପା ଇଟା ମିଳିଛି । ମଠର ପଛପଟୁ ୪୫ ଖଣ୍ଡ ରୂପା ଇଟା ମିଳିଥିବା ନେଇ ସୂଚନା ଦେଇଛନ୍ତି ରାଧାବଲ୍ଲଭ ମଠର ମହନ୍ତ । ମହନ୍ତଙ୍କ ସୂଚନା ମୁତାବକ ମଠର ପଛପଟୁ ୪୫ ଖଣ୍ଡ ରୂପା ଇଟା ମିଳିଛି । ପ୍ରତି ଇଟା ଖଣ୍ଡର ଓଜନ ୩୨ ରୁ ୩୫ କିଲେ ହେବ ବୋଲି ସେ କହିଛନ୍ତି । କାଲି ପୁରୀ ଏମାର ମଠର ନୂଆ ଟ୍ରଷ୍ଟି କାର୍ଯ୍ୟଭାର ଗ୍ରହଣ କରିଥିଲେ । ପୁରୀର ଏହି ଐତିହ୍ୟ ସଂପନ୍ନ ମଠର ପରିଚାଳନା ଦାୟିତ୍ୱ ଟ୍ରଷ୍ଟ ହାତକୁ ଯିବା ପରେ ମଧ ମଠର ମହନ୍ତ ମହାରାଜ ଏଥିରେ ସହ ଯୋଗ କରୁନଥିଲେ । ଏହି ପ୍ରସଙ୍ଗକୁ ନେଇ ମଠର ନୂଆ ଟ୍ରଷ୍ଟ ବୋର୍ଡ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ଏହା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏମାର ମଠର ଟ୍ରଷ୍ଟର ନୂଆ ▶▶ପୃଷ୍ଠା ୭

## ପଶ୍ଚିମବଙ୍ଗରେ ମତଦାନ ବେଳେ ବିଜେପି ଓ ଟିଏମସି ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ : ୪ ମୃତ



ପଶ୍ଚିମବଙ୍ଗ,୧୦/୦୪ (ନି.ପ୍ର): ପଶ୍ଚିମବଙ୍ଗରେ ନିର୍ବାଚନ ତାରିଖ ଆରମ୍ଭ ହେବା ଠାରୁ ଆଜି ଚତୁର୍ଥ ପର୍ଯ୍ୟାୟ ମତଦାନ ପର୍ଯ୍ୟନ୍ତ ଦୈନିକ ହିଂସାର ଖବର ଆସୁଛି । ହେଲେ ଆଜି ରାଜ୍ୟର କୁଚ୍ ବିହାର ଠାରେ ଯେଉଁ ହିଂସା ଦେଖିବାକୁ ମିଳିଛି ତାହା ପଶ୍ଚିମବଙ୍ଗ ଜନତାଙ୍କ ପାଇଁ ଏକ ସତର୍କ ଘଂଟି । ଆଜି ପଶ୍ଚିମବଙ୍ଗର କୁଚ୍ ବିହାର ଜିଲ୍ଲା ଅନ୍ତର୍ଗତ ସୀତଲକୁଚି ମତଦାନ ବୁଥ ବାହାରେ ସଂଘର୍ଷ ଘଟି ୪ଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ମୃତ୍ୟୁବରଣ କରିଥିବା ୪ଜଣ ବ୍ୟକ୍ତି ଟିଏମସି କର୍ମୀ ଥିଲେ ବୋଲି ଜଣାପଡ଼ିଥିବା ବେଳେ ଏବେ ପୂରା ଘଟଣା ବିଷୟରେ ଜଣାଇଛି ସିଆଇଏସଏଫ । ଭିଡ଼କୁ ନିୟନ୍ତ୍ରଣ କରିବାକୁ ଯାଇ ଏବଂ ପୋଲିଂ କର୍ମଚାରୀଙ୍କୁ ବଞ୍ଚାଇବାକୁ ଯାଇ ସିଆଇଏସଏଫ ଗୁଳି ଚଳାଇଥିବା କହିଛି । ସିଆଇଏସଏଫ ମୁତାବକ, ବୁଥରେ ପହଞ୍ଚିବାରେ ପ୍ରତିରୋଧ କରୁଥିବା ଜନସାଧାରଣଙ୍କୁ ହଟାଇ ମତଦାତାଙ୍କୁ ମତଦାନ କେନ୍ଦ୍ରରେ ପହଞ୍ଚାଇବା ପାଇଁ ଚେଷ୍ଟା କରୁଥିବା ବେଳେ ଏକ ଛୋଟ ପିଲାଟି ତଳେ ପଡ଼ିଯାଇଥିଲା । ଏହାକୁ ନେଇ ସକାଳ ▶▶ପୃଷ୍ଠା ୭

## କାଳବୈଶାଖୀ ସମ୍ଭାବନା : ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୧୦/୦୪ (ନି.ପ୍ର): ରାଜ୍ୟରେ କାଳବୈଶାଖୀର ପ୍ରଭାବ ଯୋଗୁଁ ଅଧିକାଂଶ ସ୍ଥାନରେ ତାପମାତ୍ରା କମ୍ ରହିଛି । ଆକାଶ ମେଘାଚ୍ଛନ୍ନ ରହିବା ସହ ସ୍ଥାନେ ସ୍ଥାନେ ବର୍ଷା ହେବାର ସୂଚନାରହିଛି । ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ଏହିଭଳି ପାଗ ଲାଗି ରହିବ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ ବିଭାଗର ସୂଚନା ମୁତାବକ ଆଜି ଠାରୁ ଆସନ୍ତାକାଲି (ରବିବାର) ସୁନ୍ଦରଗଡ, ଦେବଗଡ, କେନ୍ଦୁଝର, ମୟୂରଭଂଜ, ବାଲେଶ୍ୱର, ଭଦ୍ରକ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ରାୟଗଡା, ଗଜପତି, କନ୍ଧମାଳ. ଖୋର୍ଦ୍ଧା , ନୟାଗଡ ଓ ଗଂଜାମ ଜିଲ୍ଲାର କିଛି ସ୍ଥାନରେ ଝଡ-ବର୍ଷା । ସହ ବଜ୍ରପାତ ହୋଇପାରେ । ଏହି ସମୟରେ ଘଂଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ତେଣୁ ଏହି ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଆସନ୍ତା ୧୧ ତାରିଖଠାରୁ ୧୨ ତାରିଖ ସକାଳ ୮ଟା ୩୦ ମଧ୍ୟରେ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଂଜାମ, ▶▶ପୃଷ୍ଠା ୭

## ଅଷ୍ଟ୍ରେଲିଆରେ ଦୁଇଟି ତୋଫାନ ହୋଇପାରନ୍ତି ମୁହାଁମୁହିଁ : ଇଣ୍ଡୋନେସିଆରେ ୧୬୭ ଜଣଙ୍କ ମୃତ୍ୟୁ



ପଶ୍ଚିମ ଅଷ୍ଟ୍ରେଲିଆ,୧୦/୦୪: ପଶ୍ଚିମ ଅଷ୍ଟ୍ରେଲିଆର ରହୁଥିବା ଲୋକମାନଙ୍କୁ ସତର୍କ କରିଛି ସେଠିକାର ପାଣିପାଗ ବିଭାଗ । ବିଭାଗ ସୂଚନା ଦେଇଛି କି ଦୁଇଟି ସାମଦ୍ରିକ ଝଡ ମୁହାଁ ମୁହିଁ ହେବାକୁ ଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ତୋଫାନ ହୋଇପାରେ । ମାଡି ଆସୁଥିବା ଏହି ଦୁଇଟି ତୋଫାନ ମଧ୍ୟରେ ଗୋଟିଏ ସରୋଜା ଓ ଅନ୍ୟଟି ଓଡେଟା ନାମରେ ନାମକରଣ କରାଯାଇଛି । ବୈଜ୍ଞାନିକମାନଙ୍କ ମତରେ ଏଭଳି ଭାବେ ଦୁଇଟି ତୋଫାନ ମୁହାଁମୁହିଁ ହେବା ବିରଳ ଓ ଦୁର୍ଲ୍ଲଭ ଘଟଣା । ଏହି ତୋଫାନ ଫଳରେ ଚଳିତ ସପ୍ତାହରେ ପଶ୍ଚିମ ଅଷ୍ଟ୍ରେଲିଆର ପାଣିପାଗର ବଡ ପରିବର୍ତ୍ତନ ଦେଖାଦେବ । ବୈଜ୍ଞାନିକ ମାନଙ୍କ ସୂଚନା ମୁତାବକ ତୋଫାନ 'ସରୋଜା' ଲଘୁଚାପର ରୂପ ନେଇସାରିଛି । ଏହା ତୃତୀୟ ଶ୍ରେଣୀ ବାତ୍ୟାରେ ପରିଣତ ହୋଇସାରିଛି ଓ ଏହା ରବିବାର ସୁଧା ଅଷ୍ଟ୍ରେଲିଆ ଉପକୂଳରେ ମାଡହେବ । ଏହା ୯୩ ମାଇଲ ବେଗରେ ଉପକୂଳମୁହାଁ ହେଉଥିବା ବେଳେ ସରୋଜା ▶▶ପୃଷ୍ଠା ୭

## ଗୋଟିଏ ଦିନରେ ୧୩୭୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୦/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୩୭୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୪୮୧୮୨କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୩୯୨୦୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୭୦୦୩ ରହିଛି । ଆଜି ଚିହ୍ନଟ ହୋଇଥିବା ୧୩୭୪ ଜଣଙ୍କ ମଧ୍ୟରୁ ୮୧୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୬୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ▶▶ପୃଷ୍ଠା ୭

# ପିପିଲିରେ ବିଜେପି ନେତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ

## ଥାନାରେ ଏତଲା ଦେଲା ବିଜେପି : ବିଜେଡି ବିଧାୟକ ବ୍ୟୋମକେଶ ରାୟଙ୍କ ଇଙ୍ଗିତରେ ଆକ୍ରମଣ ଅଭିଯୋଗ

ପିପିଲି-ଡେଲାଙ୍ଗ/ଭୁବନେଶ୍ୱର, ୧୦/୦୪ (ନି.ପ୍ର): ପିପିଲିରେ ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ସଂପାଦିକା ରଶ୍ମିରେଖା ଦାସ ଏବଂ ବୁଥ ସଭାପତି ସରୋଜ ସେଠୀଙ୍କୁ ବିଜେଡି କର୍ମୀ ଲିଙ୍ଗରାଜ ସ୍ୱାଇଁ ଏବଂ ତାଙ୍କ ସହଯୋଗୀମାନେ ଆକ୍ରମଣ କରିବା ସହ ଏହି ଅଂଚଳ ଛାଡି ଯିବା ପାଇଁ ଧମକ ଦେଇଛନ୍ତି । ଏନେଇ ବିଜେପି ପକ୍ଷରୁ ପିପିଲି ଥାନାରେ ଏତଲା ଦିଆଯାଇଛି । ପିପିଲି ଉପନିର୍ବାଚନରେ ଶାସକ ବିଜେଡିକୁ ନିର୍ବାଚନ ପରାଜୟର ଭୟ ଘାରିଛି । ପୂର୍ବରୁ ବିଭିନ୍ନ ଉପନିର୍ବାଚନକୁ ହାତେଇବା ପାଇଁ ବିଜେଡି ଗୁଣ୍ଡାମାନେ ଯେପରି ଲୋକଙ୍କ ଭିତରେ ଆତଙ୍କ ଖେଳାନ୍ତି ଠିକ୍ ସମାନ ଢଙ୍ଗରେ ପିପିଲି ନିର୍ବାଚନମଣ୍ଡଳୀରେ ଆଜି ଶାସକ ଦଳର କର୍ମୀମାନେ ବିରୋଧୀଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି ବୋଲି ଦଳ ଅଭିଯୋଗ କରିଛି । ବିଜେଡି ବିଧାୟକ ବ୍ୟୋମକେଶ ରାୟ ଏବଂ ବିଜେଡି ନେତା ତନ୍ମୟ ସ୍ୱାଇଁଙ୍କ ଇଙ୍ଗିତରେ ବିଜେପି ନେତ୍ରୀ ଓ ବୁଥ ସଭାପତିଙ୍କୁ ଆକ୍ରମଣ କରାଯାଇଛି । ବିଗତ ୨/୩ ଦିନ ତଳେ ସହଜପୁର ପଂଚାୟତରେ ଗଣ୍ଡଗୋଳ ହେବା ପରେ ପୋଲିସ ତା'ର ପେଟ୍ରୋଲିଂକୁ ଜୋରଦାର କରିବା ନେଇ ପ୍ରତିଶୃତି ଦେଇଥିଲା । କିନ୍ତୁ ଶାସକ ଦଳ ଚାପରେ ପୋଲିସ ତା'ର କାର୍ଯ୍ୟ ସଠିକ୍ ଢଙ୍ଗରେ କରୁନାହିଁ । ଶାସକ ବିଜେଡି ଏଠି ଦ୍ୱିତୀୟ ନନ୍ଦିଗ୍ରାମ କରିବା ପାଇଁ ଷଡଯନ୍ତ୍ର କରୁଛି ଏବଂ ନିର୍ବାଚନ ହାରିବା ଭୟରେ ବିଜେଡି ରକ୍ତମୁଖା ସାଜିଛି । ବୁଥ ସଭାପତି ସରୋଜ ସେଠୀ ଜଣେ ହରିଜନ ଲୋକ ହୋଇଥିବାରୁ ଶାସକ ବିଜେଡିର କର୍ମୀମାନେ ତାଙ୍କୁ ଜାତିଆଣ ଆକ୍ଷେପ କରିଥିବା ଯୋଗୁଁ ସେ ମାନସିକ ସ୍ତରରେ ବହୁତ ଆଘାତ ପାଇଛନ୍ତି । ଏ ଦିଗରେ ପୋଲିସ ପ୍ରଶାସନ ନିରପେକ୍ଷ ଭାବେ ଘଟଣାର ତଦନ୍ତ କକରି ଦୋଷୀଙ୍କୁ ଗିରଫ କରିବା ସହ ଶାନ୍ତିପୂର୍ଣ୍ଣଭାବେ କିପରି ନିର୍ବାଚନ ହେବ ସେ ଦିଗରେ କାର୍ଯ୍ୟ କରିବା ପାଇଁ ବିଜେପି ଦାବୀ କରିଛି । ବିଶେଷ କରି ସହଜପୁର ପଂଚାୟତରେ ପୋଲିସ ପେଟ୍ରୋଲିଂକୁ ବ୍ୟାପକ କରାଯାଉ ।


VISIT AGAIN & AGAIN

ଶୁଭମ ଟେକ୍ସଟାଇଲ୍ସ

SUBHAM TEXTILES

WHOLESALE CLOTH MERCHANTS

ହୋଟେଲ ପ୍ଲାଜା

HOTEL PLAZA

A Delicious Food Center & Comfortable Residency

&

VIPUL GROCERY STORE

Srikanthapur, Near kali Mandir, backside of convent school
Contact: 06782-265411
Mob: 7978251365, 8249096461,9437000056,7008683432

# ଟୁଇନ୍ ସିଟିରେ ବାହାଘର ପ୍ରୋସୋସନ୍ ମନା : ବିବାହରେ ସର୍ବାଧିକ ୫୦, ଅନ୍ତ୍ୟେଷ୍ଟିରେ ୨୦ ଲୋକ



ଭୁବନେଶ୍ୱର,୧୦।୪ (ନି.ପ୍ର): ଆଜି ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୫୦ ଛୁଇଁବା ପରେ ପୁଲିସ କମିଶନରେଟ ପକ୍ଷରୁ ଟୁଇନ ସିଟିରେ ବିବାହ ଶୋଭାଯାତ୍ରା (ପ୍ରୋସେସନ) ଉପରେ ସମ୍ପୂର୍ଣ୍ଣ କଟକଣା ଜାରି ହୋଇଛି । ଏହାସହିତ ବିବାହ ଉତ୍ସବରେ ସର୍ବାଧିକ ୫୦ଜଣ ଓ ଅନ୍ତେଷ୍ଟିରେ ସର୍ବାଧିକ ୨୦ଜଣଙ୍କୁ ଅନୁମତି ମିଳିବ । ତେବେ ଉଭୟ ବିବାହ ଓ ଅନ୍ତେଷ୍ଟି ପାଇଁ ସ୍ଥାନୀୟ ଥାନାଠୁ ଅନୁମତି ଜରୁରୀ ବୋଲି ଆଜି କମିଶନରେଟ ପୁଲିସ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି । କମିଶନରେଟ ପୁଲିସ ପକ୍ଷରୁ ଟ୍ୱିଟର ମାଧ୍ୟମରେ ବିବାହ ଓ ଅନ୍ତେଷ୍ଟି କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ଗାଇଡଲାଇନ୍ ଜାରି ହୋଇଛି । ବିବାହ ଉତ୍ସବ ପାଇଁ ସ୍ଥାନୀୟ ଥାନାରୁ ପୂର୍ବ ଅନୁମତି ନେବା ଜରୁରୀ । ବିବାହରେ ବରକନ୍ୟା, ବନ୍ଧୁବାନ୍ଧବ, ସମ୍ପର୍କୀୟ, ପୂଜାରୀ, ରୋଷେୟା ଓ ଅତିଥିଙ୍କୁ ମିଶାଇ ମୋଟ ୫୦ଜଣ ରହିପାରିବେ । କୌଣସି ପରିସ୍ଥିତିରେ ବି ଏହି ସଂଖ୍ୟାରୁ ଅଧିକ ଲୋକ ବିବାହ ଉତ୍ସବରେ ହେବେ ନାହିଁ । ବିବାହ ଉତ୍ସବରେ କେବଳ ଖାଇବା ସମୟକୁ ଛାଡ଼ିଦେଲେ ଅନ୍ୟ ସବୁସମୟରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ହେବ । ଖାଇବା ଓ ବସିବା ପାଇଁ ସିଟ୍ ବ୍ୟବସ୍ଥା ଏଭଳି ହେବା ଜରୁରୀ, ଯାହାଫଳରେ ଦୁଇ ଜଣ ବ୍ୟକ୍ତିଙ୍କ ମଧ୍ୟରେ ୨ମିଟରର ବ୍ୟବଧାନ ରହୁଥିବ । ବିବାହ ଉତ୍ସବକୁ ୬୫ରୁ ଅଧିକ ବର୍ଷ ବୟସର ବ୍ୟକ୍ତି, ୧୦ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ଓ ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଆସିବା ଉପରେ ସମ୍ପୂର୍ଣ୍ଣ କଟକଣା ରହିବ । ଗୁଟଖା ଓ ପାନ ଖାଇବା, ସର୍ବସାଧାରଣରେ ପାନ ଛେପ ପକାଇବା ଉପରେ ମଧ୍ୟ କଟକଣା ଜାରି ହୋଇଛି । ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବିବାହ ପାଇଁ ବର ପ୍ରୋସୋସନ ଉପରେ ସମ୍ପୂର୍ଣ୍ଣ କଟକଣା ରହିବ । ସେହିପରି ଯଦି କାହାରି ମୃତ୍ୟୁ ହୁଏ ତା'ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର ପାଇଁ ପରିବାର ସଦସ୍ୟଙ୍କୁ ଉଭୟ ମୃତ୍ୟୁ ହୋଇଥିବା ସ୍ଥାନ ଓ ଅନ୍ତିମ ସଂସ୍କାର ହେବାକୁ ଥିବା ସ୍ଥାନର ଥାନାକୁ ଲିଖିତ ଭାବେ ଅବଗତ କରିବାକୁ ପଡ଼ିବ । ଅନ୍ତେଷ୍ଟିରେ ପରିବାର ସଦସ୍ୟ, ବନ୍ଧୁବାନ୍ଧବ, ପୂଜାରୀ ଆଦିଙ୍କୁ ମିଶାଇ ସର୍ବାଧିକ ୨୦ଜଣରୁ ଅଧିକ ହେବେ ନାହିଁ । ଉଭୟ ବିବାହ ଓ ଅନ୍ତେଷ୍ଟି ପାଇଁ ଜାରି ନିର୍ଦ୍ଦେଶନାମାର ଉଲ୍ଲଘଂନ ହେଲେ ସମ୍ପୃକ୍ତ ପରିବାରର ମୁଖ୍ୟ ଓ ଯେଉଁ ସ୍ଥାନରେ ହେଉଛି ତା'ର ସତ୍ତ୍ୱାଧିକାରଙ୍କ ବିରୁଦ୍ଧରେ ଆଇନ ଅନୁସାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନରେଟ ପୁଲିସ କହିଛି ।

# ଓଡିଶା ନୌବାଣିଜ୍ୟ ସଂଗ୍ରହାଳୟର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୧୦।୪ (ନି.ପ୍ର): ୨୦୨୧-୨୨ ବର୍ଷରେ ଓଡିଶା ନୌବାଣିଜ୍ୟ ସଂଗ୍ରହାଳୟର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଆଜି ଭୁବନେଶ୍ୱର ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ 'ସେଚ ସଦନ' ସମ୍ମିଳନୀ କକ୍ଷରେ ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଚୀନ ଓଡିଶାର ନୌବାଣିଜ୍ୟ ପରମ୍ପରାର ଅନନ୍ୟ ସ୍ମୃତି ବହନ କରୁଥିବା କଟକ ଯୋବ୍ରାସ୍ଥିତ 'ଓଡିଶା ନୌବାଣିଜ୍ୟ ସଂଗ୍ରହାଳୟ'ର ବିକାଶ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ସର୍ବଦା ଗୁରୁତ୍ୱ ଦେଇ ଆସୁଛନ୍ତି । ଏହି ପରିପ୍ରେକ୍ଷୀରେ ସଂଗ୍ରହାଳୟର ବର୍ତ୍ତମାନର ସ୍ଥିତି, ରକ୍ଷଣାବେକ୍ଷଣ ବ୍ୟବସ୍ଥା ଓ ଆଗାମୀ ଦିନରେ ଏଠାକୁ ଯେପରି ଅଧିକ ପର୍ଯ୍ୟଟକ ଓ ଦର୍ଶକ ଆସିବେ, ସେଥିପାଇଁ ଏହାକୁ ଆହୁରି ଆକର୍ଷଣୀୟ କରିବା ଓ ଏଠାରେ ଅଧିକ ସୁବିଧାସୁଯୋଗ ଉପଲବ୍ଧ ହେବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ସଂଗହାଳୟରେ ଥିବା ନୌବାଣିଜ୍ୟର ପ୍ରାଚୀନ ଐତିହ୍ୟ, ଓ୍ୱର୍କସପ୍, ଆକ୍ୱାରିୟମର ମାଛ, ଭୁଲଭୁଲେୟା ଆଦି ଦର୍ଶକମାନଙ୍କ ପାଇଁ ମନଛୁଆଁ ହୋଇପାରୁଛି । ସଂଗ୍ରହାଳୟର ରକ୍ଷଣାବେକ୍ଷଣ ପାଇଁ ଆର୍ଥିକ ପରିଚାଳନା ବ୍ୟବସ୍ଥା, ଏହାର ସୌନ୍ଦର୍ଯ୍ୟକରଣ ପାଇଁ ଅଧିକ ଆର୍ଥିକ ବ୍ୟବସ୍ଥା ସ୍ୱରୂପ କର୍ପସ ପାଣ୍ଠି ବୃଦ୍ଧି, ରାଜ୍ୟ ଯୋଜନାରେ ଆର୍ଥିକ ବ୍ୟବସ୍ଥା ତଥା ନିର୍ଦ୍ଦେଶକ ପଦବୀ ପୂରଣ ଆଦି ସମ୍ପର୍କରେ ଆଲୋଚନା କରାଯାଇ ଆଗତ ବିଭିନ୍ନ ପ୍ରସ୍ତାବ ପରବର୍ତ୍ତୀ ସମୟରେ ନୌବାଣିଜ୍ୟ ସଂଗ୍ରାଳୟର ଉଚ୍ଚସ୍ତରୀୟ ପରିଚାଳନା କମିଟି ବୈଠକରେ ଅନୁମୋଦନ କରାଯିବା ନେଇ ନିଷ୍ପତି ନିଆଯାଇଛି । ଭର୍ଚୁଆଲ ବ୍ୟବସ୍ଥା ମାଧ୍ୟମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁଗର୍ଗ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ଅର୍ଚ୍ଚନା ପଟ୍ଟନାୟକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଜ୍ୟୋତିର୍ମୟ ରଥ, ମୁଖ୍ୟ ଯନ୍ତ୍ରୀ, ଡିଜାଇନ୍ ଇଂ ବାଲେଶ୍ୱର ନାଥ ସାହୁ, ଅଧିକ୍ଷଣ ଯନ୍ତ୍ରୀ ଇଂ ଚଣ୍ଡେଶ୍ୱର ବେହେରା, ମହାନଦୀ ସାଉଥ୍ ଡିଭିଜନ ନିର୍ବାହୀ ଯନ୍ତ୍ରୀ ରାଜେଶ ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକାରିଣୀ ବୈଠକରେ ତଥ୍ୟ ରଖିଥିଲେ ।

# ଯୁବ କଂଗ୍ରେସ ଓ ଓପେଫାର ଟାଟା ପାଓ୍ୱାର ଅଫିସ ଘେରାଉ

## ଫ୍ରାଂଚାଇଜ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି କଲା ଯୁବ କଂଗ୍ରେସ

ଭୁବନେଶ୍ୱର,୧୦।୪ (ନି.ପ୍ର): ଆଜି ଓଡିଶା ପ୍ରଦେଶ ଯୁବ କଂଗ୍ରେସ ଓ ଓପେଫା ତରଫରୁ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଫ୍ରାଂଚାଇଜ କର୍ମଚାରୀ ମାନଙ୍କର ସ୍ଥାୟୀ ନିଯୁକ୍ତି ଦାବି କରି ଇଡ୍‌କୋ ଟାଓ୍ୱାରସ୍ଥିତ ଟାଟା ପାଓ୍ୱାର ଅଫିସ ଘେରାଉ କରାଯାଇଛି । ପ୍ରଥମ ଦିନରୁ ଫ୍ରାଂଚାଇଜ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦାବୀ କରି ବାରମ୍ବାର ଆନ୍ଦୋଳନ କରିଛି ଯୁବ କଂଗ୍ରେସ । କିନ୍ତୁ ସରକାର ଦାବୀକୁ କର୍ଣ୍ଣପାତ କରୁନଥିବାରୁ ଆଜି ଟାଟା ଅଫିସ ଘେରାଉ କରାଯାଇଛି । ଜୁନ୍- ୨୦୨୦ ରେ ସେଶୁକୁ ଟାଟା ପାଓ୍ୱାର ଅଧିଗ୍ରହଣ କଲାପରେ ୮ରୁ ୧୦ ବର୍ଷ ଧରି ନିରନ୍ତର ଭାବେ କାର୍ଯ୍ୟକରୁଥିବା ଫେଡ୍‌କୋ, ଇଞ୍ଜେନ ର ଫ୍ରାଂଚାଇଜ କର୍ମଚାରୀମାନଙ୍କୁ ଟାଟା ପୁନଃ ନିଯୁକ୍ତି ନ ଦେବା ଫଳରେ ସେମାନେ ଜିବୀକା ହରାଇଛନ୍ତି । ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯଥା: ଫନି, ହୁଡ୍‌ହୁଡ୍, ଫାଇଲିନ ଓ କୋଭିଡ- ୧୯ ଭଳି ମହାମାରି ସମୟରେ ନିଜ ଜୀବନକୁ ବାଜି ଲଗାଇ ଲୋକମାନଙ୍କୁ ନିରନ୍ତ ବିଦ୍ୟୁତ ସେବା ଯୋଗାଇ ଆସୁଥିଲେ । କିନ୍ତୁ ରାଜ୍ୟ ସରକାର ଟାଟା ପ୍ରେମରେ ବିଭୋର ହୋଇ ଫ୍ରାଂଚାଇଜ କର୍ମଚାରୀ ମାନଙ୍କୁ ସ୍ଥାୟୀ ନିଯୁକ୍ତି ନ ଦେଇ ବାରମ୍ବାର ପ୍ରତାରିତ କରୁଛନ୍ତି । ଉକ୍ତ ଫ୍ରାଂଚାଇଜ କର୍ମଚାରୀ ଅଦମ୍ୟ ପରିଶ୍ରମ ଓ ନିଷ୍ଠାବଳରେ ବାଣିଜ୍ୟ ଓ ପରିବହନ କ୍ଷତି ୨୦% କମାଇବା ସହିତ ରାଜସ୍ୱ ଆଦାୟ ପରିମାଣ ମଧ୍ୟ ପୂର୍ବତନ ତୁଳନାରେ ଯଥେଷ୍ଟ ଅଧିକ କରାଇଥିଲେ । କିନ୍ତୁ ରାଜ୍ୟ ସରକାର ଓ ଟାଟା ମିଳିତ ଭାବେ କର୍ମଚାରୀ ମାନଙ୍କୁ ନିଯୁକ୍ତି ଆଳରେ ଠକି ଆସୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କା । ସରକାର ଓ ଟାଟାପାଓ୍ୱାରକୁ ଚେତାବନୀ ଦେଇ ଡ. ଲେଙ୍କା କହିଛନ୍ତି ରାଜ୍ୟର ଯୁବକ ମାନଙ୍କ ସ୍ୱାର୍ଥ ପାଇଁ ସରକାର କାର୍ଯ୍ୟ କରିବା ଦରକାର । ଦୀର୍ଘ ସମୟ ଧରି ଟାଟା ଅଫିସ ଘେରାଉ କରିବା ପରେ ଏକ ୫ଜଣିଆ ଟିମ୍ ଟାଟା କର୍ତୃପକ୍ଷଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଥିଲେ ଏବଂ ଆଲୋଚନା ମଧ୍ୟ କରିଥିଲେ । ଦୀର୍ଘ ସମୟର ଆଲୋଚନା ପରେ ଟାଟା କର୍ତୃପକ୍ଷ ସମସ୍ତ ଦାବୀକୁ ଗୁରୁତ୍ୱର ସହ ବିଚାର କରିବା ନେଇ ପ୍ରତିଶୃତି ଦେବା ପରେ ଆନ୍ଦୋଳନରୁ ଓହରିଥିଲା ଯୁବ କଂଗ୍ରେସ । ଆଗାମୀ ଦିନରେ ଟାଟା କର୍ତୃପକ୍ଷ ଯଦି ନିଜ ପ୍ରତିଶୃତି ପାଳନ ନକରନ୍ତି ଯୁବ କଂଗ୍ରେସ ଟାଟା ପାଓ୍ୱାର ଅଫିସକୁ ଅଚଳ କରିଦେବ ବୋଲି ଦୃଢ଼ ଚେତାବନୀ ଦେଇଛନ୍ତି ଡ. ଲେଙ୍କା । ଆଜିର ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ ମୁଖପାତ୍ର ନଳିନୀକାନ୍ତ ନାୟକ, ବିଶ୍ୱରଞ୍ଜନ ଦାଶ, ଜ୍ଞାନରଞ୍ଜନ ରାଉତ, ଓପେଫାର ସଭାପତି ବିଶ୍ୱଜିତ ସ୍ୱାଇଁ, ସୁମିତ ପରିଡ଼ା, ଦିବାକର ସାହୁ, ପ୍ରଭାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସଫେଇ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ ବୈଜୟନ୍ତ



ଭୁବନେଶ୍ୱର ,୧୦।୪ (ନି.ପ୍ର): ଶୁକ୍ରବାର ଦିଲ୍ଲୀସ୍ଥିତ କେଦାରନାଥ ସାହନି ଅଡିଟୋରିୟମଠାରେ ଉତ୍ତର ଦିଲ୍ଲୀ ନଗର ନିଗମ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଦିଲ୍ଲୀ ବିଜେପି ପ୍ରଭାରୀ ବୈଜୟନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଫେଇ କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି । ଉତ୍ତର ଦିଲ୍ଲୀ ନଗର ନିଗମ ଦ୍ୱାରା ୧୭୫ ଜଣଙ୍କୁ ସଫେଇ କର୍ମଚାରୀ ଭାବେ ନିଯୁକ୍ତ କରାଯାଇଛି । ଏହି ଅବସରରେ ନିଗମ ଦ୍ୱାରା ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଶ୍ରୀ ପଣ୍ଡା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଗର ନିଗମର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ବାଣ୍ଟିଥିଲେ । ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ବିଜେପି ସଭାପତି ଆଦେଶ ଗୁପ୍ତା, ଉପସଭାପତି କରମ ସିଂ କର୍ମା, ଉତ୍ତର ଦିଲ୍ଲୀ ନଗର ନିଗମ ମେୟର ଜୟ ପ୍ରକାଶଙ୍କ ସମେତ ଅନ୍ୟ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ସ୍କୁଲ୍, କଲେଜ ଓ ବିଶ୍ୱବିଦ୍ୟାଳୟ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ହେଉ: ଏଆଇଏସ୍ଏଫ୍

ଭୁବନେଶ୍ୱର ,୧୦।୪ (ନି.ପ୍ର): କରୋନା ଆଳ ଦେଖାଇ ଓଡ଼ିଶା ସରକାର ସ୍କୁଲ୍, କଲେଜ ଓ ବିଶ୍ୱବିଦ୍ୟାଳୟ ବନ୍ଦ ଓ ହଷ୍ଟେଲ୍ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିବାରୁ ଏଆଇଏସ୍ଏଫ୍ ପକ୍ଷରୁ ଏହାର ପ୍ରତିବାଦ କରାଯାଇଛି । ସଂଗଠନ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତି ରେ କୁହାଯାଇଛି ଯେ ରାଜ୍ୟରେ ସପିଂ ମଲ୍ ଓ ସିନେମାହଲ୍ ଚାଲିପାରୁଛି, ପିପିଲି ବିଧାନସଭା ନିର୍ବାଚନରେ ହଜାର ହଜାର ଲୋକ ସମାଗମ ହୋଇପାରୁଛନ୍ତି । କିନ୍ତୁ ବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ବନ୍ଦ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି । କରୋନା ପାଇଁ ଗୋଟିଏ ବର୍ଷ ଶିକ୍ଷାଦାନ ବନ୍ଦ ରହିଥିବା ବେଳେ କିଛିଦିନ ପୂର୍ବେ ପାଠପଢା ଆରମ୍ଭ ହୋଇଥିଲା । ସବୁ କିଛି ସ୍ୱାଭାବିକ ଭାବେ ଚାଲିଥିବା ବେଳେ ପୁଣି ଶିକ୍ଷାନୁଷ୍ଠାନ ଓ ହଷ୍ଟେଲ୍ ବନ୍ଦ କରାଯାଇଛି । ଏହି ନିଷ୍ପତ୍ତି ପ୍ରତ୍ୟାହାର ନ କଲେ କେବଳ ଉତ୍କଳ ବିଶ୍ୱବିଦ୍ୟାଳୟ ନୁହେଁ ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ଇଂଜିନିୟରିଂ, ମେଡିକାଲ କଲେଜ ସମେତ ସମସ୍ତ ଧନ୍ଦାମୂଳକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଏଆଇଏସ୍ଏଫ୍ ପକ୍ଷରୁ ରାଜ୍ୟ ସଭାପତି ସଂଘମିତ୍ରା ଜେନା ଚେତାବନୀ ଦେଇଛନ୍ତି ।

# ଛାତ୍ର କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୧୦।୪ (ନି.ପ୍ର): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଛାତ୍ର କଂଗ୍ରେସର ସଭାପତି ୟାସିର ନଓ୍ୱାଜଙ୍କ ନେତୃତ୍ୱରେ ଶୁକ୍ରବାର ଛାତ୍ର କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସର ପତାକା ଉତୋଳନ କରି ସଭାପତି ୟାସିର ନଓ୍ୱାଜ କହିଲେ ଯେ ଛାତ୍ର କଂଗ୍ରେସ ନିଷ୍ଠାର ସହ ଧାରାବାହିକ ଭାବରେ ସାଧାରଣ ଜନତାଙ୍କ ସେବା କରିଆସୁଛି । ଗାନ୍ଧି ଦର୍ଶନ, ପଣ୍ଡିତ ନେହେରୁଙ୍କର ଭାରତ ବିକାଶ ସ୍ୱପ୍ନ, ଇନ୍ଦିରାଜୀଙ୍କର ଅଖଣ୍ଡ ଭାରତର ସଂକଳ୍ପ, ରାଜୀବଜୀଙ୍କର ବିଜ୍ଞାନ ଓ କାରିଗରୀ ସମୃଦ୍ଧ ଦେଶ, ସୋନିଆଜୀଙ୍କର ଦୁର୍ନୀତି ହଟାଅ ଅଭିଯାନ (ଆର.ଟି.ଆଇ) ଓ ଅନାହାର ମୁକ୍ତ ସମାଜ ଏବଂ ରାହୁଲଜୀଙ୍କର ସ୍ୱାବଲମ୍ବୀ ଭାରତର ସଂକଳ୍ପକୁ ଛାତ୍ର କଂଗ୍ରେସ ସଂଗ୍ରାମର ମନ୍ତ୍ର ଭାବେ ଗ୍ରହଣ କରିଛି । ସାଂପ୍ରଦାୟିକ ଶକ୍ତି ବିରୁଦ୍ଧରେ ସଂଗ୍ରାମ କରୁଛି । ଗରିବ, ନିଷ୍ପେଷିତ, ସଂଖ୍ୟାଲଘୁ, ମହିଳା, ଯୁବକ ଓ ଛାତ୍ରର ଦାବି ପାଇଁ ଲଢ଼େଇ କରୁଛି । ଅତ୍ୟାଚାରୀ ଶାସକର ପତନ ପାଇଁ ସଂଗ୍ରାମ ଜାରି ରଖିଛି । ଏକ ସଶକ୍ତ, ସୁନ୍ଦର ଏବଂ ଆତ୍ମନିର୍ଭରଶୀଳ ଦେଶ ଓ ଜାତି ଗଠନ ପାଇଁ ଛାତ୍ର କଂଗ୍ରେସ ଅସରନ୍ତି ତ୍ୟାଗର ସଂକଳ୍ପ ନେଇଛି । କଂଗ୍ରେସ ଭବନ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା ।

# ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଜିସିପିଇ କଲେଜ ନୂଆ କ୍ୟାମ୍ପସ ପରିଦର୍ଶନ

ଭୁବନେଶ୍ୱର,୧୦।୪ (ନି.ପ୍ର): ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ଆଜି ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ (ଜିସିପିଇ)ର ନୂଆ କ୍ୟାମ୍ପସ୍ ପରିଦର୍ଶନ କରିବା ସହ ବିଭିନ୍ନ ନିର୍ମାଣ ଓ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଆଜି ମନ୍ତ୍ରୀ ଶ୍ରୀ ବେହେରା ତମାଣ୍ଡୋସ୍ଥିତ ଜିସିପିଇ ମହାବିଦ୍ୟାଳୟର ନୂଆ କ୍ୟାମ୍ପସ୍ ପରିଦର୍ଶନ କରିବା ସହ ଚାଲୁ ରହିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଏବଂ ଶିକ୍ଷାରମ୍ଭ ନେଇ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଏଥିସହିତ ନିର୍ମାଣାଧୀନ ବାଳକ ଓ ବାଳିକା ହଷ୍ଟେଲ, ଏକାଡେମିକ୍ ବ୍ଲକ୍ ଆଦି ପରିଦର୍ଶନ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ଉନ୍ନତିକୁ ସର୍ବଦା ଗୁରୁତ୍ୱ ଦେଉଥିବାବେଳେ ରାଜ୍ୟରେ ଏକ ସ୍ୱତନ୍ତ୍ର ମାନର ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପ୍ରତିଷ୍ଠା ନେଇ କ୍ରୀଡ଼ା ଓ ଯୁବସେବା ବିଭାଗ ଯେଉଁ ଲକ୍ଷ୍ୟ ରଖିଛି ତାହାକୁ ପୂରଣ କରିବା ଦିଗରେ ସମସ୍ତେ ତତ୍ପର ହୋଇ କାର୍ଯ୍ୟ କରିବାକୁ ମନ୍ତ୍ରୀ ଶ୍ରୀ ବେହେରା ଅଧିକାରୀମାନଙ୍କ ପରାମର୍ଶ ଦେଇଥିଲେ । ନବନିର୍ମିତ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପ୍ରତିଷ୍ଠା ହେଲେ ଏହା ଶିକ୍ଷାର୍ଥୀମାନଙ୍କୁ ଏକ ବଡ଼ ପ୍ଲାଟଫର୍ମ ଯୋଗାଇବ । ଆଧୁନିକ ଶିକ୍ଷା ଭିତିଭୂମି ସହ ଉନ୍ନତ ହଷ୍ଟେଲ, ଖାଦ୍ୟପେୟ ଏବଂ ଖେଳ ପଡ଼ିଆ ଓ ଆବଶ୍ୟକ ସମସ୍ତ କ୍ରୀଡ଼ା ସରଞ୍ଜାମ ଏଥିରେ ମହଜୁଦ ରହିବ । ଏହା ପରବର୍ତ୍ତୀ ସମୟରେ ପିଇଟି ଶିକ୍ଷକ, ଭଲ କୋଚ ସୃଷ୍ଟି ସହ ରାଜ୍ୟର କ୍ରୀଡ଼ା ଇକୋ ସିଷ୍ଟମ୍‌କୁ ସମୃଦ୍ଧ କରିବାରେ ସହାୟକ ହୋଇପାରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ପ୍ରଧାନମନ୍ତ୍ରୀଙ୍କ ଟିକା ମେଳା ପ୍ରଚାର ସର୍ବସ୍ୱ : ନିରଞ୍ଜନ



ଭୁବନେଶ୍ୱର,୧୦।୪ (ନି.ପ୍ର): ଓଡ଼ିଶାରେ କୋଭିଡ୍ ଟିକା ଯେତିକି ଆବଶ୍ୟକ ତାକୁ କେନ୍ଦ୍ର ସରକାର ଦେଇପାରୁନାହାନ୍ତି । ଏବେ ପ୍ରଧାନମନ୍ତ୍ରୀ ମୋଦୀ ୧୧ ତାରିଖରୁ ଟିକା ମେଳା କରାଯିବ ବୋଲି ଘୋଷଣା କରିଛନ୍ତି । ଏହା କେବଳ ପ୍ରଚାର ସର୍ବସ୍ୱ । ଆଜି ଏକ ପ୍ରେସ ବିବୃତି ଜାରି କରି ଏପରି ଅଭିଯୋଗ କରିଛନ୍ତି ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ । କେନ୍ଦ୍ର ସରକାର କୋଭିଡ୍ ଟିକା ଯୋଗାଇ ପାରୁନାହାନ୍ତି । ଆମ ଓଡ଼ିଶା ସରକାର ମଧ୍ୟ ଏପରି ଅପାରଗ ଯେ କେନ୍ଦ୍ରକୁ ଟିକା ଆଣିପାରୁନାହାନ୍ତି । ଉଭୟ ସରକାର ଲୋକଙ୍କୁ ଜୀବନ ସହ ଖେଳ ଖେଳୁଛନ୍ତି । ନିର୍ବାଚନ ବେଳେ ଯେପରି ମୋଦୀ ମହାଶୟ କହିଥିଲେ, ଜିତିଲେ ସମସ୍ତ ଦେଶବାସୀଙ୍କ ଆକାଉଣ୍ଟକୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ । ଠିକ୍ ସେହିପରି ଭାବେ ଟିକାକରଣ ମେଳା କରି ଭେଳିକି ଦେଖାଇବାକୁ ପୁଣି ଥରେ ଯୋଜନା କରିଛନ୍ତି । ଏଥିରୁ କ୍ଷାନ୍ତ ରହନ୍ତୁ ।

# ଜଳ ସତ୍ୟାଗ୍ରହ କରିବ ମହାନଦୀ ବଂଚାଅ ଆନ୍ଦୋଳନ




ଭୁବନେଶ୍ୱର ,୧୦।୪ (ନି.ପ୍ର): ତିନି ବର୍ଷ ବିତିଲା, ବନ୍ଦ ହେଉନି ଛତିଶଗଡ଼ର ବେଆଇନ ନିର୍ମାଣ । ଅଣମୌସୁମୀ ସମୟରେ ଶୁଖିଲା ପଡୁଛି ହୀରାକୁଦ । ୧୦ ତାରିଖରେ ହେବ ମହାନଦୀ ଟ୍ରିବୁନାଲର ୨୧ ତମ ଶୁଣାଣି । ଏହି ପରିପ୍ରେକ୍ଷୀରେ ଅନ୍ତରୀଣ ଆଦେଶ ସମେତ ବିଭିନ୍ନ ଦାବି ନେଇ ଜଳ ସତ୍ୟାଗ୍ରହ କରିବ ମହାନଦୀ ବଞ୍ଚାଅ ଆନ୍ଦୋଳନ । କଟକର ଜୋବ୍ରା, ପାରାଦ୍ୱୀପ, ବାଙ୍କୀ, ବୈଦେଶ୍ୱର, ଆଠଗଡ, କରବର, କଣ୍ଟିଲୋ, ବୌଦ୍ଧ, ସୋନପୁର, କନକତରା, ସୁଖାସୋଡ଼ାରେ ଆସନ୍ତାକାଲି ସକାଳ ୯.୩୦ରୁ ୧୧.୩୦ ମଧ୍ୟରେ ସତ୍ୟାଗ୍ରହ କରାଯିବ ବୋଲି ଘୋଷଣା କରିଛି ସଙ୍ଗଠନ । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏ ସଂପର୍କରେ ସୂଚନା ଦେଇ ସଙ୍ଗଠନର ଆବାହକ ସୁଦର୍ଶନ ଦାସ କହିଛନ୍ତି, ମାର୍ଚ୍ଚ ୧୨ ତାରିଖରେ ମହାନଦୀ ଟ୍ରିବୁନାଲକୁ ୩ ବର୍ଷ ପୂରଣ ହୋଇଛି । ଅଣମୌସୁମୀ ସମୟରେ ହୀରାକୁଦ ପାଇଁ ଆବଶ୍ୟକ ୧.୭୪ ମିଲିୟନ ଏକର ଫୁଟ୍ ପାଣିର ଆବଶ୍ୟକତାକୁ ଦୃଷ୍ଟି ଦିଆଯାଉ ନାହିଁ । ଏହି ତିନିବର୍ଷ ଭିତରେ ମହାନଦୀ ଟ୍ରିବୁନାଲ ଓଡିଶାର ସ୍ୱାର୍ଥ ଓ ନଦୀର ଅଧିକାରକୁ ସୁରକ୍ଷା ଦେବାରେ କୌଣସି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି କ୍ଷ ହୀରାକୁଦ ତଳମୁଣ୍ଡରେ ୭ ବ୍ୟାରେଜ ନିର୍ମାଣ ଘୋଷଣା ପ୍ରତାରଣାରେ ପରିଣତ ହୋଇଛି । ବରଂ ମହାନଦୀ ପାଣି, ଜମି ଉଭୟ ଜବରଦଖଲରେ ରହିଛି । ସବୁଜ ମିସନ ଫମ୍ପା ସ୍ଲୋଗାନରେ ପରିଣତ ହୋଇଛି । ବର୍ତ୍ତମାନ ସ୍ଥିତିରେ କଳମା ବ୍ୟାରେଜ୍ ଖୋଲି ମହାନଦୀର ନିରନ୍ତନ ପ୍ରବାହ ବ୍ୟବସ୍ଥା, ସବୁଜ ମିସନ ଅଗ୍ରଗତି ନେଇ ଶ୍ୱେତପତ୍ର ପ୍ରକାଶ, ହୀରାକୁଦ ତଳମୁଣ୍ଡରେ ବ୍ୟାରେଜ ନିର୍ମାଣ କରି ଜଳ ସଂରକ୍ଷଣ ବ୍ୟବସ୍ଥା, ମହାନଦୀକୁ ପ୍ରଦୂଷଣମୁକ୍ତ ପାଇଁ ସଙ୍ଗଠନ ଦାବି କରିଛି । ସାମ୍ବାଦିକ ସମ୍ମିଳନୀରେ ପ୍ରବକ୍ତା ପ୍ରସନ୍ନ ବିଶୋଇ, ବିଜୟ ପ୍ରଧାନ, ଉମାବଲ୍ଲଭ ରଥ, ଅଶୋକ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦ୍ରାଂଚଳ ରାଜସ୍ୱ ଜିଲ୍ଲାର ଉଦ୍ୟାନ କୃଷି ଅଧିକାରୀଙ୍କ ସମୀକ୍ଷା ବୈଠକ

## ଯୋଜନାରେ ବରାଦ ଅର୍ଥକୁ ଧାର୍ଯ୍ୟ ସମୟ ମଧ୍ୟରେ ଖର୍ଚ୍ଚ କରିବାକୁ କୃଷିମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୪ (ନି.ପ୍ର): ଉଦ୍ୟାନ କୃଷି ନିମନ୍ତେ ବିଭିନ୍ନ ଯୋଜନାରେ ବରାଦ ଅର୍ଥକୁ ଧାର୍ଯ୍ୟ ସମୟ ମଧ୍ୟରେ ଖର୍ଚ୍ଚ କରି ଏହାର ସୁଫଳ ଚାଷୀମାନଙ୍କ ନିକଟରେ ପହଂଚାଇବାକୁ ପଡ଼ିବ । କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ହୋଇଥିବାବେଳେ ଉଦ୍ୟାନ କୃଷି ଯୋଜନାରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଦିଗରେ କୌଣସି ଅବହେଳାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ଆଜି କେନ୍ଦ୍ରାଂଚଳ ରାଜସ୍ୱ କମିଶନର ଅନ୍ତର୍ଗତ ଜିଲ୍ଲାର ଜିଲ୍ଲାସ୍ତରୀୟ ଉଦ୍ୟାନ କୃଷି ଅଧିକାରୀମାନଙ୍କ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଡ. ସାହୁ କହିଲେ ଯେ ରାଜ୍ୟରେ ଉଦ୍ୟାନ କୃଷିର ବିକାଶର ପର୍ଯ୍ୟାପ୍ତ ସୁଯୋଗ ରହିଛି । ଏହାକୁ ପୂର୍ଣ୍ଣ ବିନିଯୋଗ କରି କୃଷକମାନଙ୍କ ଆୟ ବହୁଗୁଣିତ କରାଯାଇପାରିବ । ଏଥିସହିତ ପ୍ରତି ବ୍ଲକ୍‌ର ସ୍ଥାନୀୟ ଉତ୍ପାଦକୁ ଦୃଷ୍ଟିରେ ରଖି 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ କୃଷି ଉଦ୍ୟୋଗ ପ୍ରତିଷ୍ଠା ଦିଗରେ ଅଧିକାରୀମାନେ ଅଧିକ ତତ୍ପରତା ପ୍ରକାଶ କରିବାକୁ ମନ୍ତ୍ରୀ କହିଥିଲେ । ଶୀତଳ ଭଣ୍ଡାର, କୃଷକ ଉତ୍ପାଦକ ସଂଗଠନ ଏବଂ ସ୍ଥାନୀୟ କୃଷକମାନଙ୍କ ସହିତ ଉପଯୁକ୍ତ ସମନ୍ୱୟ ରଖି ଆଳୁ, ଗାଜର, ବନ୍ଧାକୋବି ଆଦି ପନିପରିବାର ଉପଯୁକ୍ତ ସଂରକ୍ଷଣ ସହିତ ଶୀତଳ ଭଣ୍ଡାରର ପୂର୍ଣ୍ଣ କ୍ଷମତା ଉପଯୋଗ କରିବା ପାଇଁ ମନ୍ତ୍ରୀ କହିଥିଲେ । ରାଜ୍ୟରେ ଫଳ ଚାଷ ପାଇଁ କ୍ଲଷ୍ଟର ପଦ୍ଧତି ଆପଣାଇବା ନିମନ୍ତେ ମନ୍ତ୍ରୀ ଡ.ସାହୁ ଗୁରୁତ୍ୱ ଦେଇଥିଲେ । ଉପକୂଳ ଜିଲ୍ଲାଗୁଡ଼ିକରେ ନଡ଼ିଆ ଚାଷର ବ୍ୟାପକ ସୁଯୋଗ ରହିଥିବାରୁ ଅଧିକରୁ ଅଧିକ ଚାଷୀ ନଡ଼ିଆ ଚାଷ ନିମନ୍ତେ ମନୋନିବେଶ କରିବା ଏବଂ ଅଧିକ ଉତ୍ପାଦନ ନିମନ୍ତେ ହାଇବ୍ରିଡ୍ ପନିପରିବା ଚାଷ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।
ଚଳିତ ବର୍ଷ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଓ ଉନ୍ନତ ମାନର କୃଷି ସାମଗ୍ରୀ ଯୋଗାଇ ଦେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ଖିଲାପ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ । ବୈଠକ ପ୍ରାରମ୍ଭରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ରୋହିତ କୁମାର ଲେଙ୍କା ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସଂପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୧ ଅପ୍ରେଲ, ୨୦୨୧
email : rabibarachayan2015@gmail.com

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

ଭାଗ - ୨୩

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

(ପୂର୍ବପ୍ରକାଶିତ ଉତ୍ତାରୁ...)

ଉପରିସ୍ଥ ହାକିମଙ୍କ ଇଙ୍ଗିତରେ କେବେ ସେ କୌଣସି କାର୍ଯ୍ୟ କରୁନଥିଲେ । ବରଂ ସେପରି ଇଙ୍ଗିତର ସୂଚନାମାତ୍ର ପ୍ରାପ୍ତ ହେଉଥିଲେ ତହିଁର ବିପରୀତ କାର୍ଯ୍ୟ କରୁଥିଲେ । ଏହି ସମୟରେ ଗୋଟିଏ ଘଟଣା ଉଲ୍ଲେଖଯୋଗ୍ୟ । ନାରାୟଣ ରାଓ ନାମକ ଜଣେ ମରହଟ୍ଟା ଠିକାଦାର ମଧ୍ୟପ୍ରଦେଶରୁ ଆସି ସମ୍ବଲପୁରରେ ଠିକାଦାରୀ କରି ରହିଥିଲେ । ତାଙ୍କର କେତେଗୁଡ଼ିଏ ଭଡ଼ାଘର ଥିଲା ଓ ଡେପୁଟି ମୁନ୍‌ସିଫ୍ କିରାଣୀ ପ୍ରଭୃତି ସରକାରୀ କର୍ମଚାରୀମାନେ ତାଙ୍କ ଘରେ ରହୁଥିଲେ । ତାଙ୍କର ଏପରି ଗୋଟିଏ ଘରେ ଜଣେ ବଙ୍ଗାଳୀ ପୂର୍ତ୍ତବିଭାଗର କିରାଣୀ ରହିଥିଲେ । ଘରର ମରାମତି ଖର୍ଚ୍ଚ ବିଷୟରେ ତାଙ୍କ ଗୃହସ୍ୱାମୀ ନାରାୟଣ ରାଓଙ୍କ ମଧ୍ୟରେ ମତୈକ୍ୟ ହେବାରୁ ଭଡ଼ାରୁ କିଛି ବାକି ରହିଯାଇଥିଲା । ଦିନେ କିରାଣୀ ଦରମା ପାଇ ନିଜଘର ଦ୍ୱାରରେ ଛିଡ଼ାହୋଇ ନୋଟ୍ ଗଣୁଥିବା ସମୟରେ ନାରାୟଣ ରାଓ ଆସି ତାଙ୍କ ହାତରୁ ଖଣ୍ଡେ ଶହେଟଙ୍କିଆ ନୋଟ୍ ଜବରଦସ୍ତ ନେଇ ଚାଲିଗଲେ ଓ କହିଲେ ଯେ, ତାଙ୍କ ଭଡ଼ା ପୂର୍ଣ୍ଣ ଭାବରେ ଚୁକ୍ତିକରି ନଦେଲେ ନୋଟ୍ ଫେରାଇବେ ନାହିଁ । ତାଙ୍କ ଉପରେ ଅଳ୍ପ ଭଡ଼ା ପ୍ରାପ୍ୟ ହେଉଥିଲା । ସେ ଯେତେ ପ୍ରତିବାଦ କଲେ ଓ ନୋଟ୍ ଫେରାଇବାକୁ କହିଲେ ନାରାୟଣ ରାଓ ଶୁଣିଲେ ନାହିଁ । ଏ ସମ୍ବନ୍ଧରେ ମଧ୍ୟସ୍ଥ ଭଦ୍ର ବ୍ୟକ୍ତିଙ୍କ ପରାମର୍ଶ ସୁଦ୍ଧା ଶୁଣିଲେ ନାହିଁ । କିରାଣୀ ପୋଲିସରେ ମୋକଦ୍ଦମା ଦାଏର କଲେ । ନାରାୟଣ ରାଓ ଚୋରି ଅପରାଧରେ ଚାଲାଣ ହେଲେ ଶଶୀବାବୁଙ୍କଠାକୁ । ମୋକଦ୍ଦମା ବିଚାର ସକାଶେ ଆସିଲା । ଏହି ସମୟରେ ଜଣେ ବଡ଼ ହାକିମ ସୁଦ୍ଧା ନାରାୟଣ ରାଓଙ୍କ ଗୋଟିଏ ଘରେ ରହୁଥିଲେ । ମୋକଦ୍ଦମା ଉଠାଇନେବା ସକାଶେ ନାରାୟଣ ରାଓ ତାଙ୍କ ସାହାଯ୍ୟ ଲୋଡ଼ିଲେ । ସେ ଡେପୁଟି କମିଶନରଙ୍କ ଠାରେ ଏହି ପ୍ରସ୍ତାବ କଲେ ଓ ଡେପୁଟି କମିଶନର ଶଶୀବାବୁଙ୍କୁ ମୋକଦ୍ଦମା ଉଠାଇନେବା ସକାଶେ ଅନୁମତି ଦେବାକୁ କହିଲେ । ଆଇନ ଅନୁସାରେ ମୋକଦ୍ଦମା ଉଠାଇ ନେଇ ଆସାମୀକୁ ଖଲାସ ଦେବା କ୍ଷମତା କେବଳ ମୋକଦ୍ଦମା ବିଚାର କରୁଥିବା ହାକିମଙ୍କରର । ଉପରସ୍ଥ ଜିଲ୍ଲା ହାକିମଙ୍କ ଆଦେଶ ନିମ୍ନ ଅଦାଲତ ପ୍ରତି ପ୍ରଯୁଜ୍ୟ ନୁହେଁ । ଏହି କାରଣରେ ଶଶୀବାବୁ ଜିଲ୍ଲା ହାକିମଙ୍କ ଆଦେଶକୁ ଅବଜ୍ଞା କରି ମୋକଦ୍ଦମା ବିଚାର କଲେ ଓ ନାରାୟଣ ରାଓ ପ୍ରତି ଶାସ୍ତି ବିଧାନ କରିଥିଲେ ।

ଏହି ଜିଲ୍ଲା ହାକିମ ହେଉଛନ୍ତି କ୍ରଫୋର୍ଡ ସାହେବ (W.M. Crawford, I.C.S)। କ୍ରଫୋର୍ଡ ସାହେବ ଅତ୍ୟନ୍ତ ସଦାଶୟ ହାକିମ ଥିଲେ । ମଧ୍ୟପ୍ରଦେଶର ସିଭିଲିଏନ୍ । ସମ୍ବଲପୁର ମଧ୍ୟପ୍ରଦେଶରୁ ବିଚ୍ଛିନ୍ନ ହେଲା ଉତ୍ତାରେ ଗଭର୍ଣ୍ଣମେଣ୍ଟ ତାଙ୍କୁ ବଙ୍ଗ ଶାସନ ଅଧୀନକୁ ଆଣି ସମ୍ବଲପୁର ଡେପୁଟି କମିଶନର ପଦରେ ଅବସ୍ଥାପିତ କରିଥିଲେ । ମୋ ଚାକିରି ଜୀବନରେ ତାଙ୍କ ତୁଲ୍ୟ ସଦାଶୟ ଦେବପ୍ରତିମ ଜିଲ୍ଲା ହାକିମ ମୁଁ ଦେଖିନାହିଁ । ତାଙ୍କ ଚପରାସୀ ମିଆଁ ଜୀନ୍ ଖାଁ କଲେରାରେ ଆକ୍ରାନ୍ତ ହେଲା ଓ କ୍ରଫୋର୍ଡ ସାହେବ ଓ ତାଙ୍କ ପତ୍ନୀ ନିଜେ ତାହା ଘରେ ଉପସ୍ଥିତ ହୋଇ ସିଭିଲ୍ ସର୍ଜନଙ୍କ ଦ୍ୱାରା ତାହାର ଚିକିତ୍ସା ବ୍ୟବସ୍ଥା କରିଥିଲେ ।

ସମ୍ବଲପୁର ଓଡ଼ିଶା ସହିତ ମିଳିତ ହେବାର ଅଳ୍ପଦିନ ଉତ୍ତାରେ ଜିଲ୍ଲାସ୍କୁଲରୁ ପ୍ରବୀଣ ହେଡ୍‌ମାଷ୍ଟର ଶ୍ରୀ ଦାଶରଥି ପାଣିଗ୍ରାହୀ ବଦଳି ହୋଇଗଲେ ଓ ତାଙ୍କ ସ୍ଥାନରେ ଯେଉଁ କେତେଜଣ ହେଡ୍‌ମାଷ୍ଟର୍ ହୋଇ ଆସିଥିଲେ ସେମାନେ ଓଡ଼ିଶା ଶିକ୍ଷାବିଭାଗର କୃତବିଦ୍ୟ ଶିକ୍ଷକ । ସେମାନଙ୍କ ମଧ୍ୟରେ ୧୯୧୦ ମସିହାରେ ଆସିଥିଲେ ସୁପ୍ରତିଷ୍ଠିତ ସ୍ୱଭାବ-ପଲ୍ଲୀକବି ନନ୍ଦକିଶୋର ବଳ । ମୁଁ ବଲାଙ୍ଗିର ମାଇନର୍ ସ୍କୁଲ୍‌ରେ ଛାତ୍ର ଥିବା ସମୟରେ ୧୯୦୧ ମସିହାରୁ 'ଉତ୍କଳ ସାହିତ୍ୟ'ର ଗ୍ରାହକ ହୋଇଥିଲି ଓ ତହିଁରେ ପ୍ରକାଶିତ ନନ୍ଦକିଶୋର ବଳଙ୍କ କବିତାମାନ ପାଠ କରୁଥିଲି । ଏହି ସମୟରେ ତାଙ୍କ ପ୍ରଣୀତ ପଲ୍ଲୀଚିତ୍ର, ନିର୍ଝରିଣୀ, ବସନ୍ତ କୋକିଳ, କୃଷ୍ଣକୁମାରୀ, ସୀତା ବନବାସ ପ୍ରକାଶିତ ହୋଇଥିଲା ଓ ଏହି ରଚନାମାନ ଆଗ୍ରହ ସହକାରେ ମୁଁ ପାଠ କରୁଥିଲି । ଏ ସମସ୍ତ ପାଠକରି ବାସ୍ତବରେ କବିଙ୍କ ପ୍ରତି ମୋର ଭକ୍ତି ଜାତ ହୋଇଥିଲା । କଟକ କଲେଜକୁ ଯିବା ଉତ୍ତାରେ ତାଙ୍କୁ ଦେଖିବାକୁ ଦିନେ ଯାଇଥିଲି ତାଙ୍କ ଡଗରପଡ଼ା ବସାକୁ । ପ୍ରତିଦିନ ଆମ୍ଭମାନଙ୍କ ଛାତ୍ରାବାସ ଦେଇ ଟ୍ରେନିଂ ସ୍କୁଲ୍‌କୁ ଯାଆନ୍ତି । ଆଜି ମୋର ମନେହେଉଛି ତାଙ୍କୁ ଦେଖିଲା ମାତ୍ରକେ ତାଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତିରେ ମୋର ମସ୍ତକ ସ୍ୱତଃ ଅବନତ ହୋଇପଡ଼େ । ପୁଣି ମନେ ହେଉଛି ତାଙ୍କ ରଚିତ ନିମ୍ନଲିଖିତ ପଙ୍କ୍ତିରେ ପ୍ରତିଫଳିତ ତାଙ୍କ ବିନୀତ ଅଥଚ ଉଚ୍ଚ ହୃଦୟର ଆଦର୍ଶ-

"ଯାଆନ୍ତୁ ଲକ୍ଷ୍ମୀବିଳାସବାସେ ସଙ୍ଗୀଗଣ
ତବ ଦରିଦ୍ର କୁଟୀରେ ଯାପିବି ଜୀବନ ।
ସାରସ୍ୱତ ଭଣ୍ଡାରରୁ କବୀନ୍ଦ୍ର ବଳିତା
ବାଛି ଦିଅ ଭାରତୀ ଗୋ ! ଦୁର୍ଲଭେ କବିତା ।"

ସମ୍ବଲପୁରକୁ ଆସି ସେ ମୋ ବସା ନିକଟସ୍ଥ ଜିଲ୍ଲାସ୍କୁଲ ସଂଲଗ୍ନ ଛାତ୍ରାବାସରେ ବସା କରି ରହିଲେ । ପ୍ରତ୍ୟହ ତାଙ୍କ ସହିତ ମୋର ସାକ୍ଷାତ ହୁଏ । ମୋ ବସାକୁ ପ୍ରାୟ ପ୍ରତ୍ୟହ ଆସନ୍ତି ଓ ମୋର ଜ୍ୟେଷ୍ଠା ଶିଶୁକନ୍ୟା ମନୋରମାକୁ ପରମ ସ୍ନେହରେ କୋଳ କରନ୍ତି । ଶିଖିବା ଉଦ୍ଦେଶ୍ୟରେ ତାଙ୍କ ସହିତ ମୁଁ ସାହିତ୍ୟ ଚର୍ଚ୍ଚା କରେ । ଦିନେ ତାଙ୍କ 'କୃଷ୍ଣକୁମାରୀ'ରୁ ଗୁଡ଼ାଏ ଆବୃତ୍ତି କରିଗଲି । ମୋତେ ପଚାରିଲେ, "ଏହା କେଉଁଥିରୁ ବୋଲୁଛନ୍ତି ?" ଶୁଣି ମୁଁ ବିସ୍ମିତ ହେଲି । ଆଶ୍ଚର୍ଯ୍ୟର କଥା ନିଜ ଲେଖା ବୋଲି ସୁଦ୍ଧା ତାଙ୍କର ମନେ ନାହିଁ । ଯେତେବେଳେ କହିଲି ଯେ, ତାଙ୍କ ସ୍ୱରଚିତ, 'କୃଷ୍ଣକୁମାରୀ'ରୁ ସେ ବିସ୍ମୟ ପ୍ରକାଶ କରିଥିଲେ । ରତ୍ନାକର ଗର୍ଭରେ କେତେ ଯେ ରତ୍ନ ରହିଅଛି ସେ କ'ଣ କେବେ ତାହାର କଳନା କରେ ? ପୁରାତନ ନୂତନ କବି ଓ ଲେଖକମାନଙ୍କ ପ୍ରତି ମୋର ହୃଦୟ ସର୍ବଦା ଭକ୍ତିରେ ପୂର୍ଣ୍ଣ ହୁଏ । କଟକରେ କଲେଜରେ ଥିବା ସମୟରେ କବିବର ରାଧାନାଥ ଓ ଭକ୍ତକବି ମଧୁସୂଦନଙ୍କୁ ଦେଖି ଦୂରରୁ ଅଲକ୍ଷିତ ଭାବରେ ପ୍ରଣାମ କରେ । ଯେଉଁଦିନ ରାଧାନାଥ ବଙ୍ଗୀୟ ନାରୀକବି ନରେନ୍ଦ୍ରବାଳା ସରସ୍ୱତୀଙ୍କ ସହିତ ତାଙ୍କ ପ୍ରଣୟ-ସ୍ୱୀକୃତି ପ୍ରକାଶ କଲେ ତାହା ଶିକ୍ଷିତ ମହଲରେ ନାନାଭାବରେ ଆଲୋଚନାର ବିଷୟ ହୋଇଥିଲା । ତହିଁରେ ଆମ୍ଭେମାନେ ଗଭୀର ମନୋବେଦନା ଅନୁଭବ କରିଥିଲୁ । ମଧୁସୂଦନଙ୍କ ଜନ୍ମତିଥି ଶ୍ରୀପଞ୍ଚମୀ ଦିନ ଥରେ ବନ୍ଧୁ ମିଳନରେ କେତେକ କଲେଜ ଛାତ୍ରଙ୍କୁ ମଧ ନିମନ୍ତ୍ରଣ ହୋଇଥିଲା । ସେମାନଙ୍କ ଭିତରେ ମୁଁ ମଧ ଥିଲି । ଭିନ୍ନ ଭିନ୍ନ ଓଡ଼ିଆ ଓ ବଙ୍ଗଳା ଗ୍ରନ୍ଥରୁ ଆବୃତ୍ତି ହୋଇଥିଲା । ମୁଁ ମଧ ଅନ୍ୟାନ୍ୟଙ୍କ ସହିତ ଏଥିରେ ଅଂଶ ଗ୍ରହଣ କରି 'ବିଦଗ୍ଧ ଚିନ୍ତାମଣି'ରୁ ତ୍ରିଂଶ ଛାନ୍ଦର ସନ୍ଧ୍ୟାବର୍ଣ୍ଣନା ଆବୃତ୍ତି କରିଥିଲି ଓ ସ୍ୱରରେ ଗାଇଥିଲି । ସମ୍ବଲପୁରରେ ପ୍ରଥମ ଚାକିରିରେ ଥିବା ସମୟରେ ଦିନେ ସନ୍ଧ୍ୟାରେ କବି ଗଙ୍ଗାଧର ମେହେରଙ୍କ ବସାରେ ଉପସ୍ଥିତ ହେଲି ।

ସେତେବେଳେ ସେ ଡିବିରି ଜାଳି ଖଣ୍ଡିଏ ମସିଣା ଉପରେ ବସି କ'ଣ ଲେଖିବାରେ ବ୍ୟସ୍ତ ଥିଲେ । ସେହି ସମୟରେ ସେ ଅବୈତନିକ ମାଜିଷ୍ଟ୍ରେଟ୍‌ମାନଙ୍କ ପେଶ୍‌କାର । ଜଣକେତେ ଅବସରପ୍ରାପ୍ତ ପୋଲିସ୍ ଇନସ୍‌ପେକ୍ଟର ଏହି କାର୍ଯ୍ୟରେ ଥାଆନ୍ତି । ମୁଁ ହାକିମ ହୋଇଛି । ଗଙ୍ଗାଧର ମୋତେ ଦେଖି ବ୍ୟସ୍ତ ହୋଇ ପଡ଼ିଲେ ଓ କେତେ ବିନୟପୂର୍ଣ୍ଣ ଭାଷାରେ ତାଙ୍କ ଲେଖା ଶେଷହେବା ପର୍ଯ୍ୟନ୍ତ ଅଳ୍ପ ବସିବାକୁ କହିଲେ । ଦେଖିଲି ଅନାୟାସରେ ପରକଲମରେ ଚର୍‌ଚର୍ ଲେଖି ଯାଉଛନ୍ତି । ମନେହେଲା ଭାବିବାକୁ ସୁଦ୍ଧା ତିଳେମାତ୍ର ଅଟକି ନାହାଁନ୍ତି । ସମ୍ମୁଖରେ ଅଳ୍ପ ଦୂରରେ ଥାଇ ସୁଦ୍ଧା ଅନୁଭବ କଲି, ତାହା ଗୋଟିଏ କବିତା । ଅଳ୍ପ ସମୟ ପରେ କାଗଜ ଖଣ୍ଡିକ ମୋଡ଼ି ମୋ ସହିତ କଥା ଆରମ୍ଭ କରି ବସିଲେ । ତାଙ୍କ ହାତରୁ କାଗଜ ଖଣ୍ଡିକ ହସ୍ତଗତ କଲି ଓ ଫିଟାଇ ଦେଖିଲାରୁ ମୋ ବିସ୍ମୟର ସୀମା ରହିଲା ନାହିଁ । ତାହା ତାଙ୍କ ପ୍ରଣୀତ ତପସ୍ୱିନୀ କାବ୍ୟର ଏକାଂଶ । ସର୍ବୋତ୍କୃଷ୍ଟ 'ପ୍ରଭାତ ବର୍ଣ୍ଣନା'- ତାହାର ପ୍ରଥମ ପଦ-

ମଙ୍ଗଳେ ଅଇଲା ଉଷା
ବିକଚ ରାଜୀବଦୃଶା
ଜାନକୀ ଦର୍ଶନ ତୃଷା ହୃଦୟେ ବସି
କରପଲ୍ଲବେ ନିହାର
ମୁକ୍ତା ଧରି ଉପହାର
ସତୀଙ୍କ ବାସ ବାହାର ପ୍ରାଙ୍ଗଣେ ରହି
କଳକଣ୍ଠ କଣ୍ଠେ କହିଲା
ଦରଶନ ଦିଅ ସତୀ ! ରାତି ପାହିଲା ।

ଆରମ୍ଭରୁ ଏପରି କ୍ରମରେ ପ୍ରତିପାଦରେ ଯମକପୂର୍ଣ୍ଣ ମନୋମୁଗ୍ଧକର ୩୨ଟି ପଦ ।

ଅନେକ କହିବା ଶୁଣାଯାଇଅଛି, ଉପେନ୍ଦ୍ର ଭଞ୍ଜ ପ୍ରଭୃତି କବିମାନେ ସେମାନଙ୍କ ରଚନାରେ ନାନା ପ୍ରକାର ଛନ୍ଦ, ଯମକ, ଅନୁପ୍ରାସ ଇତ୍ୟାଦି କସରତରେ ଅଯଥା ସମୟ ଓ ଶକ୍ତି ନିୟୋଗ କରି ନଥିଲେ ଆହୁରି ଅନେକ ଗ୍ରନ୍ଥ ଦେଇ ସାହିତ୍ୟକୁ ଆହୁରି ପରିପୁଷ୍ଟ କରିପାରିଥାନ୍ତେ । କବି ଗଙ୍ଗାଧରଙ୍କୁ ଦେଖି ମୋର ଏହି ଧାରଣା ଦୂର ହେଲା । ମନେହେଲା, କବି ପ୍ରତିଭା ନୈସର୍ଗିକ । ସ୍ୱ ସ୍ୱ ରଚନାରେ ଏମାନଙ୍କୁ ବୋଧହୁଏ ଅଧିକ କିଛି ଆୟାସ କରିବାକୁ ହେଉନଥିଲା । (କ୍ରମଶଃ)



## ଡାଏରୀ -୭୦



ଓଡିଆ ସାହିତ୍ୟ କ୍ଷେତ୍ରରେ **ଡ. ରଜନୀ ରଂଜନ** ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...

### ॥ ଦୁଃସ୍ୱପ୍ନ ॥

ବହଳ ପାଣିର ଧାର ଖସୁଛି ତୀଖ ପାହାଡ଼ ଉପରୁ ଦ୍ରୁତ ଗତିରେ । ତଳକୁ ଚାହିଁଲେ ଆଖି ପାଉନି । ପାଣିର ସୁଅରେ ଭାସି ଆସୁଛି ଛୋଟ ହୁଲି ଡଙ୍ଗା । ଡଙ୍ଗାରେ ଅସହାୟ ଭାବରେ ବସିରହିଛି ପୂଜା । କିଛି ସମୟ ପରେ ପାହାଡ଼ ତୀଖରୁ ଖସି ପଡ଼ିବ ହୁଲି ଡଙ୍ଗାଟି ।

ଅତ୍ୟନ୍ତ ଆତଙ୍କିତ ଅବସ୍ଥାରେ ପୂଜା ।

ଅସ୍ପଷ୍ଟ ଚିତ୍କାର କରି ବେଡ୍‌ରୁ ଉଠିବାକୁ ଚେଷ୍ଟା କଲା ରଜନୀ ଦାଶ ଦୁଃସ୍ୱପ୍ନର ଆଘାତରେ । ମାତ୍ର ଉଠି ପାରିଲାନି, ସେବିକା ଓ ନର୍ସିଂହୋମ କର୍ମଚାରୀ ମାନେ ରଜନୀ ଦାଶର ଦେହଟାକୁ ଛନ୍ଦି ଦେଇଥିଲେ ଯାଂତ୍ରିକ ବେହରଣରେ । ଆଇ.ସି.ୟୁ.ରେ ଅଦ୍ଭୁତ ନିରବତା । ନିରବତାକୁ ଭଂଗ କରୁଥିଲା ସାମ୍‌ନା ବେଡ୍‌ର ପେସେଣ୍ଟର ଚିତ୍କାର ।

ଭୟ ପାଇଗଲା ରଜନୀ ଦାଶ । ସାମ୍‌ନା ଟେବୁଲ୍ ଉପରେ ମୁଣ୍ଡରଖି ଶୋଇ ଯାଇଛି ସେବିକାଟି, ରଜନୀ ଦାଶର ଦେହରେ ଝାଳ । ପୂଜାକୁ ନେଇ ଏମିତି ଏକ ଦୁଃସ୍ୱପ୍ନ ଦେଖିଲା କାହିଁକି ? ପୂଜା କିଛି ସମ୍ଭାବ୍ୟ ଦୁଃସ୍ଥିତିର ସାମ୍‌ନା କରୁଛନ୍ତି ଏବେ ?

ଚେକ୍‌ଅପ୍‌ରେ ଆସି ହଠାତ୍ ଆଡ୍‌ମିସନ ନେଇଗଲା ନର୍ସିଂହୋମ୍‌ରେ । କାହାକୁ ଜଣାଇବାର ଅବକାଶ ମିଳିଲାନି, ବେଡ୍‌କୁ ଆସିବା ପୂର୍ବରୁ ଫୋନ୍ ଅଫ୍ କରି ପୁଅକୁ ଧରାଇ ଦେଇଥିଲା ବ୍ୟାଙ୍କ୍ ଆକାଉଣ୍ଟର ସିକ୍ରେଟ୍ କୋର୍ଡ ଜଣାଇ । ରଜନୀ ଦାଶ ଜାଣିଥିଲା ତା'ର ଅସୁସ୍ଥତାର ଖବର ବେଶି ସମୟ ଗୋପନ ରହିପାରିବନି, ବଂଧୁ, ପରିଜନ ଶୁଭେଚ୍ଛୁମାନଙ୍କର ସୁଅ ଛୁଟିବ ।

ସେଇଆ ମଧ ଘଟିଲା । ଜଣେ କଳାକାର ବଂଧୁ ଫେସବୁକ୍ ଗ୍ରୁପ୍‌ରେ ରଜନୀ ଦାଶର ଅସୁସ୍ଥତା ନେଇ ପୋଷ୍ଟ କରି ଦେଲେ । ରକ୍ଷା ହେଇଛି ରଜନୀ ଦାଶର ଫୋନ୍ ଅଫ୍ ଥିଲା । କାହାରିଠୁ ବୁଝିବାର ସୁଯୋଗ ପାଇନଥିବ ପୂଜା । କିଛିଦିନ ତଳେ ପୂଜାର ଫୋନ୍ ଆସିଥିଲା, କାନ୍ଦି କାନ୍ଦି ଫୋନ୍ କରିଥିଲା ପୂଜା । ପୂଜାର ହଜ୍‌ବ୍ୟାଣ୍ଡ୍ ତାକୁ ଛାଡ଼ପତ୍ର ନୋଟିସ୍ ପଠାଇଛନ୍ତି ।

ଚମକି ପଡ଼ିଥିଲା ରଜନୀ ଦାଶ । ପୂଜା ସହ ପରିଚୟ ମାତ୍ର କେଇ ବର୍ଷର । ସୁନ୍ଦରୀ, ସ୍ମାର୍ଟ ଓ ଅସମ୍ଭବ ଭାବରେ ଈଶ୍ୱର ବିଶ୍ୱାସୀ, ଯାହାକି ବର୍ତ୍ତମାନର ତଥାକଥିତ ଆଧୁନିକାମାନଙ୍କ ଚରିତ୍ରର ପରିପନ୍ଥୀ । ପ୍ରେମ ବିବାହ କରିଥିଲା ସେ । ପ୍ରତିଷ୍ଠାର ଶୀର୍ଷ ଦେଶରେ ପହଞ୍ଚିଥିଲା ସେମାନଙ୍କ ସଂସାର । କିନ୍ତୁ ସବୁକିଛି ବଦଳିଗଲା ଆସ୍ତେ ଆସ୍ତେ । ମଲ୍‌ଟିନ୍ୟାସ୍‌ନାଲ କଂପାନୀର ସି.ଇ.ଓ ଥିବା ତା'ର ସ୍ୱାମୀଙ୍କ ଚରିତ୍ର ଓ ମାନସିକତାରେ ଧୀରେ ଧୀରେ ପରିବର୍ତ୍ତନ ଆସିଲା । ପ୍ରାକ୍ତନ ବାନ୍ଧବୀର ପ୍ରେମ ଜାଲରେ ଛନ୍ଦି ହୋଇ ପଡ଼ିଲେ । ପୂଜା ଓ ପିଲାମାନଙ୍କ ସହ ସଂପର୍କ ଦିନକୁ ଦିନ ତିକ୍ତ ହେବାକୁ ଲାଗିଲା । ପୂଜା ପ୍ରତି ସ୍ୱାମୀଙ୍କର ଭଲପାଇବାରେ ଭଟ୍ଟା ପଡ଼ିଗଲା । ଭୀଷଣ ଆଘାତ ପାଇଥିଲା ପୂଜା । ଘଣ୍ଟାଘଣ୍ଟା ଧରି ଈଶ୍ୱରଙ୍କ ପ୍ରାର୍ଥନା ଓ ପୂଜାଅର୍ଚ୍ଚନାରେ ସମୟ କାଟିବାକୁ ଲାଗିଲା ।

ଏ ପରିସ୍ଥିତିରେ କଣ ବା ଉପଦେଶ ଦେବ ରଜନୀ ଦାଶ ? ଜ୍ୟୋତିଷଜ୍ଞାନ ଥିବା ବଂଧୁଙ୍କ ପରାମର୍ଶ ଲୋଡ଼ିଲା ରଜନୀ ଦାଶ । ପୂଜାର ସୁସ୍ଥ ଦାମ୍ପତ୍ୟ ଜୀବନ କାମନା କରି ଅନୁସଙ୍ଗିକ ପ୍ରତିକାରର ବନ୍ଦୋବସ୍ତ କରିଥିଲା ।

ପ୍ରତିମୁହୂର୍ତ୍ତରେ ପୂଜାକୁ ପରିସ୍ଥିତିର ସାମ୍‌ନା କରିବା ପାଇଁ ଉପଦେଶ ଦେଉଥିଲା । ଠିକ୍ ଯେମିତି ରଜନୀ ଦାଶକୁ ଉପଦେଶ ଦେଉଥିଲା ପୂଜା ।

ହସ୍‌ପିଟାଲରେ ପୂଜାର ଖବର ନେବାର ସୁଯୋଗ ନଥିଲା । ସେବିକାକୁ ତା ସେଲ୍ ଫୋନ୍ ମାଗିବ କି ? ନା ଥାଉ ।

ଆଇ.ସି.ୟୁ ରୁ କ୍ୟାବିନ୍‌କୁ ସ୍ଥାନନ୍ତରିତ ହେବା ପରେ ଫୋନ୍ ଖୋଲି ବସିଲା । ଅନ୍ୟ ବନ୍ଧୁ ମାନଙ୍କ ସହ ପୂଜାର ବି' ଅନେକ ମେସେଜ୍ ଥିଲା । ସମ୍ଭବତଃ ରଜନୀ ଦାଶର ସ୍ୱାସ୍ଥ୍ୟ ଅବସ୍ଥା ସଂପର୍କରେ ଖବର ପାଇନଥିଲା ପୂଜା ।

ଅନେକ ଭିଡିଓ ପଠେଇଥିଲା । ନିକଟରେ ସ୍ୱାମୀ ଓ ପିଲାଙ୍କ ସହ କେରଳ ଛୁଟି କଟାଇବାକୁ ଯିବା ସମୟର ଭିଡିଓ । ଅବିକଳ ସ୍ୱପ୍ନରେ ଦେଖିଥିବା ଜଳ ପ୍ରପାତ ପାଖରେ ପୂଜା, ତା' ସ୍ୱାମୀ ଓ ପିଲାମାନଙ୍କ ସହ ଛୋଟ ହୁଲି ଡଙ୍ଗାରେ ଯିବାର କ୍ଲିପିଙ୍ଗ୍‌ସ । ରଜନୀ ଦାଶ ପ୍ରଥମେ ବିଶ୍ୱାସ କରିପାରିଲା ନାହିଁ । ପୂଜା ଲେଖିଥିଲା "ଭଲ ଅଛି ସାର୍ ! ହଜ୍‌ବ୍ୟାଣ୍ଡଙ୍କ ସାଥିରେ ବୁଲି ଆସିଛି । ଫେରିଲେ ସବୁ କହିବି । ଆପଣଙ୍କ ଭଲ ପାଇବା ମୋ ମଥା ଉପରେ ମା'ଙ୍କ ଅଭୟ ହାତ ଦେଇଛି । ମୋର କିଛି କ୍ଷତି ହେବନି ।"

ରଜନୀ ଦାଶ ବାରମ୍ବାର ଶେଷ ଧାଡ଼ିଟିକୁ ପଢ଼ିବାକୁ ଲାଗିଲା ।

## ॥ ପାଞ୍ଚଟି ଅନୁଦିତ କବିତା ॥





ମୂଳ ବଙ୍ଗଳା: ବିତସ୍ତା ଘୋଷାଲ
ଓଡିଆ ଅନୁବାଦ: ପ୍ରଦୀପ କୁମାର ରାୟ

### (୧)॥ ଲୋକଟି କବି ହେବାକୁ ଚାହିଁଥିଲା ॥

ଲୋକଟି କବି ହେବାକୁ ଚାହିଁଥିଲା
କବିତା ଲେଖିବାକୁ ଯାଇ
ଭୁଲିଗଲା ବର୍ଣ୍ଣମାଳା ।
ଅକ୍ଷରର ସଂଧାନରେ ସେ
ବୁଲୁଥିଲା ,
କ୍ରମଶଃ ସେ ଭୁଲିଗଲା ନିଜର ଭାଷା
ଭୁଲିଗଲା ନିଜର ଅବୟବ
ନୂତନ ଭାବରେ ସେ ଭାଷା ଶିଖିଲା
ନଦୀର ଭାଷା, ଝରଣାର ଭାଷା,
ପକ୍ଷୀର ଭାଷା.....
ଦାବାନଳରେ ଜଳୁଥିବା
ଗଛମାନଙ୍କର ଆର୍ତ୍ତଚିତ୍କାର...
ଫଟାମାଟିର ହାହାକାର -
ଏସବୁ ହିଁ ହୋଇ ଉଠିଲା ତା'ରି ଭାଷା
କବି ହେବାକୁ ଚାହିଁ ତା'ପରେ
ଏକ ବସନ୍ତରେ
ସେ ନିଜେହିଁ କବିତା ପାଲଟିଗଲା ।

### (୨) ॥ ଆତ୍ମ ଚିତ୍ରଣ ॥

ତୁମ ପାଇଁ ଚୌକାଠରେ
ରଖି ଆସିଛି ସମୃଦ୍ଧି
ବୈଠକ ଘରେ ହସ
ଡାଇନିଂ ରୁମରେ ସୁଖ
ଠାକୁର ଘରେ ଶାନ୍ତି
ତା'ରି ସେପାଖକୁ ପ୍ରେମ ।

ସବୁଠାରୁ ଶେଷ ଘରଟି ମୋର
ସେଠାରେ ମୋରି ସାଥିରେ
ବନ୍ଦୀ ଥାଉ
ଯାବତୀୟ ମାନ - ଅଭିମାନ ,
ବିଷାଦ ଆଉ ଆଖିର ଲୁହ ।

### (୩)॥ ବିପରୀତ ପ୍ରତିକ୍ରିୟା ॥

ଯେତେବେଳେ ବି ମନ ଖରାପ ହୁଏ -
ଅଭିମାନ କବାଟି ହୋଇପଡେ
ଲେଖା ଉପରେ
ସେହିଠାରେ କେହି ମୁହଁ ଲୁଚାଇ କାନ୍ଦେ ।
ତା'ର ଅସ୍ପଷ୍ଟ ଆୱାଜ କେମିତି
ହିଡ ଭଙ୍ଗା ଶବ୍ଦ ପରି ।
ଯେତେବେଳେ ହିଁ ମନେହୁଏ
ଏଇତ ପ୍ରସ୍ଥାନର ଉପଯୁକ୍ତ ସମୟ
ସେତେବେଳେ ହିଁ ହାତର ଆଙ୍ଗୁଳି
ବିଦ୍ରୋହ ଘୋଷଣା କରେ ।
ଆରମ୍ଭ ହୁଏ ତା'ର ଔଦ୍ଧତ୍ୟ ଚାରଣ ।

ମୁଁ ଏସବୁ ଭିତରେ କ୍ରମଶଃ କ୍ଲାନ୍ତ
ହୋଇ ଶୋଇବା କଥା ଭାବେଁ ।
ଅଥଚ ଅବାଧ ମୁଣ୍ଡ ଓ ଆଖି ବନ୍ଦ କରି ବି
କେବଳ ଶବ୍ଦମାନଙ୍କର ହଣାକଟା ଚାଲେ ।

ନିରୁପାୟ ହୋଇ ମନକୁ କୁହେ -
ଚାଲ ପୁଣି କଲମ ଧରିବା ।

### (୪)॥ ଅଶରୀରୀ ଶୀତ୍କାର ॥

ଛାୟାହୀନ ଏକ ଶରୀର ଘୁରିବୁଲେ
ଏ ଘରୁ ସେ ଘର
ତା'ର ନିଃଶ୍ୱାସ, ପାଦ ଶବ୍ଦ,
ଏପରିକି ନାଭିରୁ ଭାସି ଆସୁଥିବା
ବାସ୍ନା ବି ପରିଚିତ ।
ଅଥଚ ମୁହଁଟା ମୁଁ ଦେଖିପାରେ ନାହିଁ
ବାରମ୍ବାର ତାକୁ ସ୍ପର୍ଶ କରିବାକୁ ଚାହେଁ
ତା' ସହିତ ଗପ କରିବାକୁ
ଆଖିରେ ଆଖି ରଖିବାକୁ ।
ମୁଁ ଚିତ୍କାର କରେଁ ...
ମୋ କଥା ଶୁଣି ପାରୁଛ ?
ମୋତେ ସ୍ପର୍ଶ କରିବ ?
ବସିବ ମୋ ପାଖକୁ ଆସି ?

ଉତ୍ତର ଆସେ ନାହିଁ ।
କେବଳ ହଳଦିଆ କାନ୍ଥ
ଏବଂ ନୀଳ ଆଲୁଅ ମଝିରେ
ଛକାପଞ୍ଝା ଚାଲେ
ଆଉ କାୟାହୀନ ଶରୀର ସେହିଠାରେ
ସ୍ୱଚ୍ଛନ୍ଦ ।

### (୫) ॥ ଉପହାର ॥

ରାତି ଗଭୀର ହେଲେ
କଥା ଆରମ୍ଭ ହୁଏ
ଭୋର୍ ହେବାର ମୁହୂର୍ତ୍ତ ଯାଏଁ
ଏହି ଏକାକୀ କଥକ ହିଁ
ଏକମାତ୍ର ସାଥୀ ।

ଯଦି କଥା କହିବାକୁ ଚାହଁ
ଦୀପଟିଏ ଆଣ
ଯେମିତି ବନ୍ଦ ଝରକାର
ଫାଙ୍କ ବାଟେ ମୁଁ ତୁମକୁ ଦେଖିପାରେଁ ।

## କବିତା.... ଆମ ସମୟର



### ॥ ଦର୍ପଣ-୪ ॥



● ଇପ୍‌ସିତା ଷଡ଼ଙ୍ଗୀ

ମୁଁ କ'ଣ ସେଇ ଗୋଟେ ମୁଦି
ଯାହାକୁ ପ୍ରାପ୍ତିର, ଆଶ୍ୱାସନାର,
ବିଶ୍ୱାସର
ଅଦ୍ଭୁତ ଏକ ସଂପର୍କର
ସାହିତ୍ୟ କରି
ସଜେଇ ଦେଇଥିଲ ମୋ ଆଂଗୁଠିରେ ?

ସମୟ କଣ ସବୁବେଳେ ଗୋଟିଏ
ଧାରରେ ଚାଲେ କି ?

କେବେ ମାଛ ପେଟରେ
କେବେ ଘଂଚ ଜଂଗଲରେ ମୁଁ
ପ୍ରତୀକଟେ ହେଇ କଣ ଓହ୍ଲେଇ ପାରିବି
ସଦାକାଳେ, ତୁମ ଜୀବନର
ସର୍କସ ମଇଦାନକୁ ?

ମୁଁ କ'ଣ କବିତାର ପଂକ୍ତି, ଆଢୁଆଳରେ
ଲୁଚି ରହିଥିବା ଗୋଟେ ଅନୁଭବ ?
ଦୀର୍ଘଶ୍ୱାସ ?

ମତେ ଲାଗେ
ତୁମେ- ମନଟିଏ
ନିରୀହ ଅବୋଧ ଶିଶୁର
ଯିଏ ବାରମ୍ବାର ଫିଙ୍ଗୁଥାଏ
ପ୍ରିୟ ଖେଳନାଟିକୁ
ହଜଉଥାଏ ଖିଆଲରେ ଗୋଟେ ଯେ
କିଏ ନା କିଏ ଫେରେଇ ଆଣିବ ତାକୁ
ଗୋଟେ ଦିବ୍ୟ ଜିଦ୍‌ର
ସକଳ ସମ୍ମାନରେ !

ସମୟ ସବୁବେଳେ ଗୋଟେ ଧାରରେ
ଚାଲେନିରେ !
ଜାଣି ଥା ।

ଖିଆଲ ସବୁ ପୂର୍ଣ୍ଣ ହେବାର
ପୌନଃପୁନିକତାରେ
ଧୀରେ ଧୀରେ ଫିକା ପଡ଼େ
ମର୍ଯ୍ୟାଦା ହରାଏ
ସମୟ ବଢ଼ିଲେ, ଜାଣିଥା ॥

ଆକାଶରେ ଉଡ଼େଇ ବୁଲେଇବା ମନକୁ
ପବନରେ ଖେଳେଇ ଦେବା
ନିଜକୁ ହିଁ ସତ ॥
ସେଇ ସତକୁ ହିଁ
ଆବୋରି ନେବା ଚାଲ ॥

(ଏକ ଦୀର୍ଘ କବିତାର କିୟଦଂଶ)

+ ଅଧ୍ୟାପିକା, ଇଂରାଜୀ ବିଭାଗ
ଗୁହାଳପଡ଼ା, ନିମାପଡ଼ା, ପୁରୀ
(ମୋ) ୯୮୬୧୩୩୩୯୪୪

## ଚିନ୍ତା ଅନୁଚିନ୍ତା (୪)

# ପୋଷାକ ରୁଚି : ଫଟା ଜିନ୍ସର ପ୍ରାସଙ୍ଗିକତା

**କବି ଓ ପ୍ରାବନ୍ଧିକ କାଳୀପଦ ପଣ୍ଡା** ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଏହା ପୂର୍ବରୁ ଶ୍ରୀ ପଣ୍ଡାଙ୍କର ଚିନ୍ତା ଚତୁରଙ୍ଗ, ଚିନ୍ତା ତରଙ୍ଗ, ଚିନ୍ତା ଚେତନା ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ ନୂତନ ସ୍ତମ୍ଭ 'ଚିନ୍ତା ଅନୁଚିନ୍ତା'ରେ ଆପଣ ଭେଟିବେ ଲେଖକଙ୍କ ମାନସମନ୍ଥନକୁ ଗୋଟେ ନିଆରା ଢଙ୍ଗରେ ।



ସୂନାରୁଇ, ବି.କଟିସାହି, ସିଂଲା , ବାଲିଆପାଳ, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧/ ୮୯୧୭୨୫୫୪୯୩

ରୁଚି ଅରୁଚି ଏକ ବ୍ୟକ୍ତିଗତ ବ୍ୟାପାର । ଯେଉଁଥିରେ କି ଖାଦ୍ୟରୁଚି ଓ ପୋଷାକ ରୁଚି ଅନ୍ୟତମ ମୁଖ୍ୟ ପ୍ରସଙ୍ଗ । ତେବେ ଖାଦ୍ୟରୁଚି ଏକାନ୍ତ ବ୍ୟକ୍ତିଗତ । ତଥାପି ସୁଷମ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଉପରେ ଚିକିତ୍ସାବିଜ୍ଞାନ ସହ ଶାସ୍ତ୍ରପୁରାଣ କହିଆସିଛି । ବ୍ୟକ୍ତି ମାତ୍ରକେ ରୁଚିଗତ ଭିନ୍ନତା ରହିବା ସ୍ୱାଭାବିକ। ଯାହାକୁ ଯେଉଁ ଖାଦ୍ୟ ଭଲଲାଗେ ସେ ସେଇ ଖାଦ୍ୟ ଘରେ ଓ ବାହାରେ ଗ୍ରହଣ କରେ । ଏଥିରେ କାହାର କିଛି କହିବାର ନଥାଏ । ଆମ ସମ୍ବିଧାନ ନାଗରିକର ମୌଳିକ ଅଧିକାର କ୍ରମରେ ଯେଉଁଭଳି ବାକ୍‌ସ୍ୱାଧୀନତାକୁ କେହି ଅପହରଣ କରିପାରିବେ ନାହିଁ ସେଭଳି ବ୍ୟକ୍ତିର ଖାଦ୍ୟରୁଚି ଓ ପୋଷାକ ରୁଚିରେ କୌଣସି ପ୍ରତିବନ୍ଧକ ରଖି ନାହାନ୍ତି । ଏହା ରାଷ୍ଟ୍ରର ନାଗରିକଗଣର ଇଚ୍ଛାଧୀନ ବ୍ୟାପାର। ତେବେ ଭାରତୀୟ ପରିପ୍ରେକ୍ଷୀରେ ବିଶାଳ ଭୂ-ଭାଗର ଭିନ୍ନଭିନ୍ନ ପ୍ରଦେଶରେ ବିଭିନ୍ନ ସଂପ୍ରଦାୟର ନିଜସ୍ୱ ପୋଷାକ ପରିଚ୍ଛଦ ଖାଦ୍ୟପେୟ ସାଂସ୍କୃତିକ ଜୀବନଧାରା ସ୍ୱତନ୍ତ୍ର । ନାଗାଲାଣ୍ଡ, ମଣିପୁର, କେରଳ, ରାଜସ୍ଥାନ, ଆଣ୍ଡାମାନନିକୋବର ଦ୍ୱିପପୁଞ୍ଜଠାରୁ ଉତ୍ତର ଭାରତ ଓ ଦକ୍ଷିଣ ଭାରତମାନଙ୍କରେ ବିବିଧତା ସଦା ପରିଲକ୍ଷିତ । ଭାଷାଗତ ବିବିଧତାଠାରୁ ଆରମ୍ଭକରି ପର୍ବପର୍ବାଣି, ପୋଷାକପରିଚ୍ଛଦ, ଅଳଙ୍କାର ଆଭରଣ ପରିଧାନ ସବୁଥିରେ ଭିନ୍ନତା ରହିଆସିଛି । ଏହା ରହିବା ମଧ୍ୟ ସ୍ୱାଭାବିକ । ହଜାର ହଜାର ବର୍ଷତଳରୁ ଯେଉଁ ଆଦିମ ସଭ୍ୟତାର କ୍ରମବିକାଶ ଘଟି ଆଜି ଆମେ ଆଧୁନିକ ଜ୍ଞାନକୌଶଳ ଆଧାରରେ ବିବିଧ ପରିବର୍ତ୍ତନର ଧାରା ଦେଇ ଉପନୀତ ତହିଁରେ ଆମେ ବିଶ୍ୱାୟନମୁଖୀ ହୋଇଉଠିଛୁ । ଗ୍ଲୋବାଲାଇଜେସନସ୍ ବା ଜଗତିକରଣ ପ୍ରକ୍ରିୟାରେ ବିଶ୍ୱ ଏକ ଗ୍ରାମ ହେବାକୁ ବସିଛି । ଏତେବେଳେ ଆଉ ଗୋଟିଏ ଭୂଖଣ୍ଡ ତା'ର ହଜାର ହଜାର ବର୍ଷର ସାଂସ୍କୃତିକ ଜୀବନଧାରା, ଚଳିଚଳଣି, ପୋଷାକ ପରିଧାନରେ ସ୍ୱତନ୍ତ୍ରତାକୁ ବଜାୟ ରଖିବାରେ ସମର୍ଥ ହେଉନାହିଁ । ଏ ଦିଗରେ ଗୋଟିଏ ଗୋଟିଏ ଭୂଖଣ୍ଡର ଚେତନଶୀଳ ଅଧିବାସୀ ନିଜର ସ୍ୱାତନ୍ତ୍ର୍ୟକୁ ବଜାୟ ରଖିବା ଦିଗରେ ନିଜେ ଆଗଭର ନ ହେଲେ କାହାର ବା କ'ଣ କରିବାର ଅଛି ? ତାମିଲ, ମାଲାୟମ୍, ଆନ୍ଧ୍ର ପ୍ରଭୃତିରେ ଧୋତିକୁ ଯେଉଭଳି ପୁରୁଷମାନେ ପରିଧାନ କରନ୍ତି, ଆସାମ, ଓଡ଼ିଶା, ପଶ୍ଚିମବଙ୍ଗ ବା ଉତ୍ତରପ୍ରଦେଶ ଭଳି ରାଜ୍ୟରେ ସେଭଳି ବ୍ୟବହାର କରି ନଥାନ୍ତି । ସେହିଭଳି ଦାକ୍ଷିଣାତ୍ୟର କୋଙ୍କଣ, ଗୋଆ ଆଦି ରାଜ୍ୟମାନଙ୍କରେ ଶାଢ଼ି ପରିଧାନ ଓ ଉତ୍ତର-ପୂର୍ବ ଭାରତରେ ଶାଢ଼ି ପରିଧାନର ଭିନ୍ନତା ପରିଲକ୍ଷିତ । ଏଭଳି ରହିବା ତ ସ୍ୱାଭାବିକ । ତେବେ ସଂପ୍ରତି କେତେବର୍ଷ ଧରି ଆମ ଦେଶରେ ପୁଅ ଝିଅମାନଙ୍କର (ବିଶେଷତଃ ଉଚ୍ଚଶିକ୍ଷିତ ପୁଅଝିଅଙ୍କର) ଫଟାଜିନ୍ସପ୍ୟାଣ୍ଟ ଓ ଛୋଟଛୋଟ କପଡ଼ା ଦେହରେ ପରିଧାନକୁ ନେଇ ବିତର୍କର ଝଡ଼ ସୃଷ୍ଟି ହୋଇଛି । ଏକଦା ତାମିଲନାଡୁର ଜଣେ ଲେଡ଼ି ପୁଲିସ୍ କମିଶନର ଝିଅ ବୋହୂମାନଙ୍କର ରୁଚିଶୀଳ ଆବୃତ୍ତ ପୋଷାକ ପରିଧାନ ରହୁ ନଥିବାରୁ ନାନା ଅସାମାଜିକ ଘଟଣା ଘଟିବାରେ କ୍ଷେତ୍ର ପ୍ରସ୍ତୁତି ହେଉଛି ବୋଲି ମନ୍ତବ୍ୟ ଦେବାପରେ ଝଡ଼ ସୃଷ୍ଟି ହୋଇଥିଲା ଫଳରେ ସେହି ଅଧିକାରୀ ଜଣଙ୍କ ଦୁଃଖପ୍ରକାଶ କରିବାକୁ ବାଧ୍ୟ ହେଲେ । ନିକଟରେ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ତିରଥସିଂ ରାୱତ୍ ତାଙ୍କର ମନ୍ତବ୍ୟ ପାଇଁ କ୍ଷମାଭିକ୍ଷା କଲେ । ଦେଶର ମହିଳାମାନଙ୍କର କହିବା କଥା ହେଲା ପୁରୁଷମାନେ ମହିଳାକୁ ଉପଭୋଗର ସାମଗ୍ରୀ ଭାବେ ଏବେବି ବିବେଚିତ କରିଆସୁଛନ୍ତି । ସେମାନଙ୍କ ମଧ୍ୟରୁ ଅନେକେ ଏବେବି ଶରୀର ଢାଙ୍କିବାକୁ ବସ୍ତ୍ର ପାଉନାହାନ୍ତି। ଶିକ୍ଷା ପାଉ ନାହାନ୍ତି । ସେମାନଙ୍କୁ ସଂପୂର୍ଣ୍ଣ ପୁରୁଷ ସମକକ୍ଷ କରାଯାଇନାହିଁ । ହଁ, ଏହା ହୁଏତ କିଛିମାତ୍ରାରେ ସତ୍ୟ ହୋଇପାରେ ମାତ୍ର ପୂର୍ଣ୍ଣ ସତ୍ୟ ନୁହେଁ । ଆମର ପୁରୁଷକୈନ୍ଦ୍ରିକ ସମାଜବ୍ୟବସ୍ଥା କ୍ରମଶଃ ଭାଙ୍ଗି ଏକ ସମତୁଲ ବ୍ୟବସ୍ଥାକୁ ଉନ୍ନୀତ ହେଲାଣି । ଦେଶର ସର୍ବତ୍ର ମହିଳାମାନଙ୍କର ସମାନ ଅଧିକାରକୁ ନିଶ୍ଚିତ କରିବା ଦିଗରେ ପୁରୁଷମାନେ ବି ଆଗେଇ ଆସିଛନ୍ତି । ହଁ ସମାଜରେ କିଛି ହୀନମାନସିକତାର ଦୁଷ୍ଟଲୋକ ରହିବା ସ୍ୱାଭାବିକ । ସେଥିପାଇଁ ତ ଆଇନ୍ ବ୍ୟବସ୍ଥା ରହିଛି । ଏସବୁ ବାହାରେ ଆମେ ଯଦି ସଭିଏଁ ଆତ୍ମନିରୀକ୍ଷଣପୂର୍ବକ ଚର୍ଚ୍ଚା କରିବୁ ତେବେ ଗୋଟିଏ ସିଦ୍ଧାନ୍ତରେ ଉପନୀତ ହେବୁ ଯେ, ନଗ୍ନତାକୁ ପରିହାର କରି ଘୋଡ଼ଣି ଭିତରେ ଆମେ ଆମର ଶାରୀରିକ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଉ । ଏହା ପୁରୁଷ ଓ ନାରୀ ଉଭୟଙ୍କ ପାଇଁ ସମାନ ଭାବେ ପ୍ରଯୁଜ୍ୟ । ଏବେ ଯେହେତୁ ମହିଳାମାନେ ଅଧିକ କର୍ମଜୀବୀ, ଏଣୁ ସେମାନଙ୍କର ଗାଡ଼ିଚଳନାଠୁଁ ଆରମ୍ଭକରି ଯାତାୟାତରେ ପ୍ୟାଣ୍ଟ, ସାର୍ଟ ପରିଧାନ ଅଧିକ ସହଜ ହୁଏ। ପୁଣି ବିଭିନ୍ନ ଦେଶ ସହ ଭ୍ରମଣର ସହଜ ପାଇଁ ପ୍ୟାଣ୍ଟସାର୍ଟକୁ ଆପଣେଇବାରେ ଆପତ୍ତି ରହିବ କାହିଁକି । କିନ୍ତୁ ପ୍ରଶ୍ନ ହେଲା, ଆମେ ସେ ପୁଅ ହେଉ କି ଝିଅ ହେଉ, ସଭିଏଁ ଆମ ପୋଷାକଙ୍କୁ ଅତି ସଂକ୍ଷିପ୍ତ ବା ଫଟା ଚିରାକୁ ଶରୀରରେ ଧାରଣକରି କେଉଁ ବାର୍ତ୍ତା ରଖିବୁ । ଏନେଇ ଉଭୟ ପୁରୁଷ ଓ ମହିଳା ଉଭୟଙ୍କ କ୍ଷେତ୍ରରେ ମାନସିକତାର ପରିବର୍ତ୍ତନ ଆଣି ପାରିଲେ ଏକ ରୁଚିଶୀଳ ପୋଷାକ ପରିଧାନ ମଧ୍ୟରେ ଶରୀର ଔଜ୍ଜ୍ୱଲ୍ୟ ଅଧିକ ପ୍ରସ୍ଫୁଟିତ ହୋଇପାରନ୍ତା । କାରଣ ଅନ୍ୟ ଦେଶ କଥା ଭିନ୍ନ, ଭାରତୀୟ ପରିପ୍ରେକ୍ଷୀରେ ଆମର ପୂର୍ବସୁରୀଙ୍କ ଯେଉଁ ଖାଦ୍ୟରୁଚି ଭଳି ପୋଷାକରୁଚିର ସ୍ୱାତନ୍ତ୍ର୍ୟ ବିଦ୍ୟମାନ ତାହା ଆମ୍ଭକୁ ବିଶ୍ୱଜନସମୁଦାୟରେ ଅଲଗା ଭାବେ ଚିହ୍ନିତ କରାଇ ଆସିଛି । ବେଦ, ଉପନିଷଦ, ପୁରାଣ ଆଦି ସମସ୍ତ ଶାସ୍ତ୍ରସମୂହରେ ଭାରତୀୟ ଜନଜୀବନର ଯେଉଁ ବୈଭବ ତାହାକୁ ଅକ୍ଷୁର୍ଣ୍ଣ ରଖିବାକୁ ହେଲେ ଆମ ସଭିଙ୍କୁ ଶାଳୀନତାପୂର୍ଣ୍ଣ, ରୁଚିଶୀଳ ମାର୍ଜିତ ପୋଷାକ ପରିଧାନ ଦିଗରେ ମନୋନିବେଶ କରିବାକୁ ପଡ଼ିବ ।

## ଧାରାବାହିକ ଉପନ୍ୟାସ



# ନାତି

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ) ୯୪୩୯୪୪୨୯୪୨



**ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ**

ଭାଗ-୨୩
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଆଉ ଆଗକୁ କିଛି ଭାବି ପାରିଲେ ନାହିଁ ଦୀନନାଥ । ଆଖିବୁଜି ସମସ୍ତଙ୍କ ପାଇଁ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରିବାକୁ ଲାଗିଲେ ।

ଏଇ ସମୟରେ ତାଙ୍କ ମୋବାଇଲ୍ ରିଂ ହେଲା । ହାତଗୋଡ଼ ଛାଟିବାରୁ ନିବୃତ୍ତ ହୋଇ ଆପାତତଃ ଶାନ୍ତଥିବା ନାତି ହଠାତ୍ ସେ ଶବ୍ଦରେ ଚମକି ପଡ଼ିଲା । ପୁଣି ଟୁଁ ଟୁଁ କାଳା ଓ ହାତଗୋଡ଼ ହଲେଇବା ପ୍ରକ୍ରିୟା ଆରମ୍ଭ ହୋଇଗଲା ତା'ର ।

ସମୁଦି ଦେବାନନ୍ଦ ବାବୁଙ୍କର ଫୋନ୍ ।

"କେଉଁଠି ପହଞ୍ଚିଲେଣି ସମୁଦି ?"

"ନିର୍ଦ୍ଦିଷ୍ଟ କେଉଁଠି ପହଞ୍ଚିଛୁ, କହି ପାରିବି ନାହିଁ । ତେବେ ପନ୍ଦର ମିନିଟ୍ ଆମ୍ବୁଲାନ୍‌ସ ଗତି କଲାଣି। ଯଦି ଈଶ୍ୱରଙ୍କର କୃପା ଥିବ, ତା'ହେଲେ ଦୁଇଟା ଭିତରେ ଆମେ କଟକ ପହଞ୍ଚି ଯାଇ ପାରିବୁ । ଶୁଭକାନ୍ତ ବି ସେପଟୁ ଆସି କଟକରେ ଏବେ ପହଞ୍ଚି ସାରିଥିବ ।" - ତରତରରେ ଏତକ କହି ପକେଇଲେ ଦୀନନାଥ ।

"ଭଦ୍ରକରେ କେତେବେଳେ ପହଞ୍ଚିବେ ?"

"ଏଇ ଧରନ୍ତୁ, ବାରଟା ପାଖାପାଖି ।"

"ତା' ପୂର୍ବରୁ ମୁଁ ଏଠି ସାନଭାଇ ରବିକୁ ଧରି ଅପେକ୍ଷା କରିଥିବି । ସେ ଆପଣଙ୍କ ସହିତ କଟକ ଯିବ । ଆବଶ୍ୟକ ହେଲେ ସେ ସେଠାରେ ରହିପାରିବ । ଆପଣ ଜାଣନ୍ତି, ମୁଁ ସୁଗାର ଆଉ ପ୍ରେସର୍‌ରୋଗୀ । ସାମାନ୍ୟତମ ଟେନ୍‌ସନ୍‌ରେ ଅବସ୍ଥା ଅସମ୍ଭାଳ ହୋଇ ପଡୁଛି । ତେଣୁ ରବିକୁ ପଠଉଛି ।" - କହିଲେ ଦେବାନନ୍ଦ ବାବୁ ।

ଭବେଶ କୋଳରେ ଥାଇ ଭିଡ଼ିମୋଡ଼ି ହେଉଛି ନାତି । ବୋଧହୁଏ ଶୁଣିପାରୁଛି ଜେଜେବାପା ଆଉ ଅଜାଙ୍କ କଥୋପକଥନ । ସେଥିପାଇଁ ତା'ର ଏ ବୈହିକ ଅଂଗ ସଂଚାଳନ ।

ଆମ୍ବୁଲାନ୍‌ସ ଭିତରେ ଉଚ୍ଛାଳ ଦକ୍ଷିଣା ପବନ ସତ୍ତ୍ୱେ କପାଳରେ ବିନ୍ଦୁ ବିନ୍ଦୁ ଝାଳ ଓ ଆଖିରେ ଲୁହ ଜକେଇ ଆସିଲାଣି ଭବେଶର । ଏମିତି ଜରଜର ଦିଶୁଛି, କ୍ଷଣକେ ଠପ୍ ଠପ୍ ହୋଇ ଗଳି ପଡ଼ିବ ପୁଅ ଉପରେ ।

ନୀରବରେ ନିର୍ଦ୍ଦେଶ କଲା ସେ ଲିପୁକୁ, ଝାଳତକ ତା' ପକେଟ୍‌ରୁ ରୁମାଲ ବାହାର କରି ପୋଛି ଆଣିବାକୁ । ଦୁଇ ହାତ ପାପୁଲିରେ ସ୍ଥିରହୋଇ ଧ୍ୟାନପୂର୍ବକ ନିଜ କୋଳରେ ଧରିଛି ପୁଅକୁ । ଟିକେ ବି ହଲ୍‌ଚଲ୍ ହେବାର ଯୁ' ନାହିଁ । ଧନେଶ୍ୱରର ବେପରୱା ଆନ୍ଦୋଳିତ ଗାଡ଼ିଚାଳନାରୁ ପୁଅକୁ ସ୍ଥିର ରଖିବାପାଇଁ ପ୍ରବଳ ପ୍ରୟାସ କରୁଛି । ଆଉ କ୍ରୋଧିତ ହୋଇ ମଝିରେ ମଝିରେ ଚାହିଁ ଦେଉଛି ଧନେଶ୍ୱରକୁ । ଅଥଚ କିଛି କହି ପାରୁନାହିଁ । ଲିପୁକୁ କହି ପୂର୍ବରୁ ମୋବାଇଲ୍ ଅଫ୍ କରିଦେଇଛି ।

ଭବେଶର କଷ୍ଟ ଏବଂ ପ୍ରତିକ୍ରିୟା ଉଭୟକୁ ବୁଝିପାରିଲେ ଦୀନନାଥ । ଏଥିପାଇଁ ଧନେଶ୍ୱରକୁ ସେ ଦୁଇଥର ତାଗିଦ୍ କଲେଣି , ଏପରି ଗାଡ଼ି ନ ଚଳେଇବାକୁ । ଅଥଚ ଧନେଶ୍ୱର କିଛି ବି ଶୁଣୁନାହିଁ ।

ଏଭଳି ଏକ ବିଷମ ପରିସ୍ଥିତିରେ ନାଗ ଚୁଚୁନ୍ଦ୍ରାର ଅବସ୍ଥାରେ ଉପନୀତ ଥାଇ ଅସମ୍ଭବ ଯନ୍ତ୍ରଣାରେ ସଡୁଥିଲେ ଦୀନନାଥ । ଗୋଟିଏ ହାତରେ ମୋବାଇଲ୍ ଓ ଅନ୍ୟ ହାତରେ ଦୋହଲୁଥିବା ସେଲାଇନ୍ ବୋତଲ । ଦୃଷ୍ଟି ସ୍ଥିର ରହିଛି ଧନେଶ୍ୱର ଉପରେ । କ୍ରୋଧରେ ଫାଟି ପଡୁଛନ୍ତି ସେ । ତାଙ୍କ କଥାକୁ କର୍ଣ୍ଣପାତ କରୁନାହିଁ ଧନେଶ୍ୱର । ସେଇମିତି ବେପରୱା ଗାଡ଼ି ଚଳଉଛି । ସ୍ଥିର, ଗମ୍ଭୀର ଓ କାରୁଣ୍ୟରେ ଜଡ଼ସଡ଼ ଦିଶୁଛି ଦୀନନାଥଙ୍କ ମୁହଁ ।

ଗାଡ଼ି ଭିତରେ, ଏକ ନୀରବ ବାତାବରଣରେ, ସଭିଏଁ କିନ୍ତୁ ଅନ୍ତର ଭିତରେ ମନ୍ଥି ହେଉଥିଲେ ପୁଅକୁ ନେଇ । ଏକ ନୀରବ କୋଳାହଳରେ ଫାଟି ପଡୁଥିଲା ସଭିଙ୍କ ଅନ୍ତର, ଯାହାର ବାଙ୍ମୟ ରୂପ ହେବ ଏଇଆ-

"ବଂଚାଅ ! ବଂଚାଅ ! ଆମକୁ ଏ ବିପଦରୁ ଉଦ୍ଧାର କର ।"

କିମ୍ବା

"ମରିଗଲି, ମରିଗଲି ! ରକ୍ଷାକର ପ୍ରଭୁ ! ଆମକୁ ଏ ବିପତ୍ତିରୁ ରକ୍ଷା କର ।" କିନ୍ତୁ ହଠାତ୍, କାହାକୁ କିଛି ନ ଜଣେଇ କିଛି ପୂର୍ବସୂଚନା ନଥାଇ, ରାସ୍ତାକଡ଼ରେ ଗୋଟେ ପେଟ୍ରୋଲ୍ ପମ୍ପ୍ ଭିତରକୁ ସର୍‌କିନି ଆମ୍ବୁଲାନ୍‌ସଟିକୁ କାଟିଦେଲା ଧନେଶ୍ୱର । ଦୀନନାଥ ଚିତ୍କାର କଲେ - "ହେ ! କ'ଣ ହେଲା ? କ'ଣ ହେଲା ?" ପରକ୍ଷଣରେ ବୁଝିପାରି ନୀରବ ରହିଲେ । ଗାଡ଼ିରେ ଡିଜେଲ୍ ପକେଇବ ପରା !

ଡିଜେଲ୍ ପଡ଼ିଲା । ଧନେଶ୍ୱର କାଉଣ୍ଟରରେ ଟଂକା ପୈଠକରି ଗାଡ଼ି ଭିତରକୁ ଆସିଲା ନାହିଁ । ମୁହେଁଇଲା ପଛପଟକୁ ।

"ଧନେଶ୍ୱର ! କୁଆଡ଼େ ଯାଉଛ ? ଏଠିକି ଆସ ।" - ଦୀନନାଥ ଚିତ୍କାର କଲେ ।

ପିତାମାତା ନିଜ ସନ୍ତାନର ମୁମୂର୍ଷୁ ଅବସ୍ଥାରେ ଏକାପ୍ରକାର ଆଚରଣ କରିଥାନ୍ତି । ପ୍ରତିକ୍ଷଣ ସେମାନଙ୍କର ଦୃଷ୍ଟି ନିବଦ୍ଧ ଥାଏ ପିଲା ଉପରେ, ପିଲାର ପ୍ରତିଟି ଲୋମକୂପରେ । ଭବେଶ ନିବିଷ୍ଟ ଚିତ୍ତରେ ଚାହିଁ ରହିଥିଲା ପୁଅକୁ । ତା'ର ମୁହଁକୁ ଚାହିଁ ରହି ସେଥିରୁ କ'ଣ ପଢୁଥିଲା କେଜାଣି !

ଲିପୁ ସେମିତି ଚୁପ୍‌ହୋଇ ପୁଅର ହାତ ଉପରେ ହାଲୁକା ଚାପଦେଇ ବସି ରହିଥିଲା । ବିଶେଷ କିଛି ସେ ନ ବୁଝିଲେ ବି, କେବଳ ଏତିକି ବୁଝିଥିଲା, ଏସ୍.ଏନ୍.ସି.ୟୁ. ଭିତରେ ବୋଧହୁଏ ପୁଅର ବିଶେଷ କ'ଣ ଅସୁବିଧା ଦେଖାଦେଇଛି, ଯେଉଁଥି କାରଣରୁ ତାକୁ କଟକ ନିଆଯାଉଛି । ଦୀନନାଥ ବୁଝିଥିଲେ ନାତି ତାଙ୍କର ଭଲ ଅଛି । କଟକ ନେଲେ ବି କିଛି ଫରକ ପଡ଼ିବ ନାହିଁ । କିନ୍ତୁ ଭବେଶ ଭିନ୍ନ ଏକ ଆଶଂକାରେ ତରଳୁଥିଲା, କୌଣସି ଗୁରୁତର ବ୍ୟତିକ୍ରମର ସନ୍ଧାନ ଅନ୍ୱେଷଣରେ ଥିଲା ।

ତିନିଜଣ ଯାକ ଭିନ୍ନଭିନ୍ନ ଚକ୍ଷୁନେଇ ଦେଖୁଥିଲେ ନବଜାତକକୁ । ହେଲେ ଧନେଶ୍ୱରକୁ କେବଳ ଦିଶୁଥିଲା ମଦ । ଏମାନଙ୍କର ଦୁର୍ଦ୍ଦଶା ତା' ଆଖିରେ ପଡୁ ନଥିଲା ।

ଦୀନନାଥଙ୍କର ଚିତ୍କାରରେ ଧନେଶ୍ୱର କୌଣସି ପ୍ରତ୍ୟୁତ୍ତର ନ ଦେଇ କେବଳ ଗୋଟିଏ ମାତ୍ର ଆଙ୍ଗୁଳି ଦେଖେଇଲା, ଯାହାର ଅର୍ଥ ହେବ ସେ ପେଟ୍ରୋଲ୍‌ପମ୍ପ୍ ପଛକୁ ଯାଉଛି କେବଳ ପରିସ୍ରା କରିବାପାଇଁ । କିନ୍ତୁ ଦୀନନାଥ ପ୍ରତିବାଦ କଲେ -

"ନାଇଁ, ତୁମେ ଏ ପାଖକୁ ଯାଅ ।"

ଉଦ୍ଦେଶ୍ୟ, ଗାଡ଼ି ଭିତରୁ ଥାଇ ଧନେଶ୍ୱରକୁ ଏବଂ ତା'ର ଗତିବିଧିକୁ ସେ ନଜର ରଖିପାରିବେ । ପୁଣି ତାଙ୍କର ଆଶଂକା କିଛି ଭିନ୍ନ ଥିଲା । ଆଜିକାଲି ପେଟ୍ରୋଲ୍ ଟାଙ୍କି ବାଲା ପଛପାଖରେ ମଦ କାଉଣ୍ଟର୍ ଖୋଲି ମଦ ବିକନ୍ତି ବୋଲି ସେ ଶୁଣିଥିଲେ । ଧନେଶ୍ୱର ମଦ୍ୟପ । ତେଣୁ କେଉଁ କେଉଁ ପେଟ୍ରୋଲ୍ ପମ୍ପରେ ମଦ ବ୍ୟବସ୍ଥା ଅଛି, ତାହା ସେ ଉତ୍ତମ ରୂପେ ଜାଣେ । ସେଥିପାଇଁ ସେ ପଛକୁ ମୁହେଁଇଛି, ତାଙ୍କ କଥା ଏବଂ ନିର୍ଦ୍ଦେଶକୁ ବେଖାତିର୍ କରି ।

ଦୀନନାଥଙ୍କର ଆଶଂକା ସତ ହେଲା। ଧନେଶ୍ୱର ପୁଣି ପେଟେ ମଦ ପିଇଦେଇ ଟଳି ଟଳି ଆସୁଛି ଗାଡ଼ି ପାଖକୁ । ରାଗ ଏବଂ କ୍ରୋଧରେ ଫାଟି ପଡ଼ିଲେ ଦୀନନାଥ । ତାଙ୍କର ଇଚ୍ଛା ହେଉଥିଲା, ସଭିଏଁ ଏଇଠି ଓହ୍ଲେଇ ପଡ଼ିବେ ଏବଂ ଧନେଶ୍ୱରକୁ ନିସ୍ତୁକ ବାଡ଼େଇ ରାସ୍ତାକୁ ଫୋପାଡ଼ି ଦେବେ । ସେମାନେ ଆଉ କଟକ ଯିବେ ନାହିଁ । ରାଜପଥ ଉପରେ ଯାଉଥିବା କୌଣସି ଗାଡ଼ିରେ ଫେରିଯିବେ ନାତିକୁ ନେଇ ନର୍ସିଂହୋମ୍ । ଶୁଭଦା କୋଳରେ ଥୋଇଦେଇ କହିବେ - "ନେ ତୋ ପୁଅକୁ ନେ । ସମର୍ପି ଦେ କାଳିଆକୁ । ଶଂଖରେ ପୂରେଇ, ଚକ୍ର ଉହାଡ଼ କରି ପୁଅକୁ ତୋର ସେ ରଖିବେ । ଏ ଭରସା ମୋର କାଳିଆ ଉପରେ ଅଛି । ସେ ପାଟି ଆଁ କରି ଭିଡ଼ି ମୋଡ଼ି ହେଉଛି କ୍ଷୀର ଖାଇବ ବୋଲି, ତାକୁ କ୍ଷୀର ଦେ' ।"

କିନ୍ତୁ ନା ! ସେ କିଛି କହିପାରିଲେ ନାହିଁ । ଆଧୁନିକ ଚିକିତ୍ସା ବିଜ୍ଞାନର ପ୍ରାବଲ୍ୟର ତାଡ଼ନାରେ ସେ ବିବଶ ଥିଲେ କିଛି ନ କରିବାକୁ ବା ସେମିତି କିଛି ଘଟଣା ଘଟେଇବାକୁ । ଏକ ସରକାରୀ ଡାକ୍ତରଖାନାର ପଞ୍ଚକର୍ମ ବିଶେଷଜ୍ଞ ଜଣେ ଆୟୁର୍ବେଦିକ ଡାକ୍ତର ହେଉଛନ୍ତି ଭବେଶ, ଯେଉଁ ଆୟୁର୍ବେଦ ସମଗ୍ର ପୃଥିବୀର ଜନସମୁଦାୟକୁ ଚିକିତ୍ସା ବିଜ୍ଞାନର ଆଦ୍ୟ ଓଁକାର ଶୁଣେଇଥିଲା, ତାହା ଆଜି ଅବିଶ୍ୱାସର ବନ୍ଦୀଶାଳାରେ କାରାରୁଦ୍ଧ । ପୁଅ ଶୁଭକାନ୍ତ ଜଣେ ଭେଷଜ ବିଶେଷଜ୍ଞ । ନିଜେ ଦୀନନାଥ ହୋମିଓପାଥି ଚିକିତ୍ସକ । ପେଷାରେ ଜଣେ ଅଧ୍ୟାପକ ହେଲେ ବି, ଘରୋଇ ଭାବେ ଏହି ବିଦ୍ୟାର ବେଶ୍ ବ୍ୟୁତ୍ପତ୍ତି ରଖିଥିବା ଜଣେ ବ୍ୟକ୍ତି ଯିଏ ନିଜେ, ନିଜର ଦୁଇପିଲା, ଘରର ସମସ୍ତ ସଦସ୍ୟ ଏବଂ ସାଇପଡ଼ିଶାର ଶତାଧିକ ଆବାଳ ବୃଦ୍ଧ ବନିତାଙ୍କୁ ଦୀର୍ଘ ପନ୍ଦର ବର୍ଷ ଧରି ଚିକିତ୍ସା କରି ଆସିଥିଲେ । ବିଡ଼ମ୍ବନା ଥିଲା ଏଇଆ ଯେ, ଜଣେ ଈଶ୍ୱରବିଶ୍ୱାସୀ ପରଂପରାବାଦୀ ମଣିଷ ଦୀନନାଥ ନିଜର ବିଚାର ଏବଂ ସିଦ୍ଧାନ୍ତକୁ ସଂପ୍ରତି ପରିବର୍ତ୍ତିତ ପରିସ୍ଥିତିରେ ଜାହିର୍ କରିବାକୁ ଅକ୍ଷମ ଥିଲେ ।

କାରଣ, ସମୟ ଏବେ କଡ଼ ଲେଉଟାଇ ଦେଲାଣି । ଯୁଗ ବଦଳି ଗଲାଣି । ସାଂପ୍ରତିକ ସମୟର ରୁଚି, ପସନ୍ଦ ଓ ନାପସନ୍ଦକୁ ନୀରବରେ ମାନିବାକୁ ସେ ବାଧ୍ୟ । ତା'ର ପ୍ରତିବାଦ କି ପ୍ରତିରୋଧ କରିପାରିବେ ନାହିଁ । କଲେ ଲୋକହସା ହେବେ । ଆଉଟ୍‌ଡେଟେଡ୍ ବା ପୁରୁଣାକାଳିଆ ବୋଲି ଗଣାହେବେ । ସୁତରାଂ ସେ ଏକ ଜେନେରେସନ୍ ଗ୍ୟାପ୍ । ଦୀନନାଥ ତା' ପିଲାଟି ବେଳେ ଜେଜେବାପା ଜେଜେମା'ଙ୍କୁ ପୁରୁଣା କାଳିଆ, ଯୌବନରେ ପିତାମାତାଙ୍କ ବିଚାରଧାରାକୁ ପୁରୁଣା କାଳିଆ ବୋଲି ବିଚାରି ଆସିଥିଲେ । ଆଉ ଆଜି ସମୟ ଆସିଛି ତାଙ୍କର ପିଲାମାନେ ଓ ଆଗାମୀ ପୀଢ଼ି ତାଙ୍କୁ ହିଁ କହିବ ପୁରୁଣା କାଳିଆ, ଆଉଟ୍‌ଡେଟେଡ୍ । ଏ ଯେମିତି ଏକ ପରଂପରା, ଏକ ଚଳଣୀ, ଏକ କ୍ରମ ବା ଧାରା ।

ଧନେଶ୍ୱର ଏଥର ପୁନରାୟ ଆମ୍ବୁଲାନ୍‌ସ ଉପରକୁ ଉଠିଲା । ମଦ ଉପରେ ପୁଣି ମଦ । ସଂପୂର୍ଣ୍ଣ ଆୟତ୍ତ ବାହାରକୁ ଚାଲି ଯାଇଥିଲା ସେ । ଗାଡ଼ି ଷ୍ଟାର୍ଟ କରି ପେଟ୍ରୋଲ୍ ପମ୍ପରୁ ବାହାରିଲା ବେଳକୁ ଠିକ୍ କଟେଇ ନପାରି ଏମିତି ଅଣେଇ ଦେଲା ଯେ ତାହା ଆୟତ୍ତ ବାହାରକୁ ଚାଲିଯାଉଥିଲା । ଦୁର୍ଘଟଣା ପାଇଁ ମାତ୍ର ଗୋଟିଏ ପଲକ ବାକି । ହଠାତ୍ ଜୋର୍‌ରେ ବ୍ରେକ୍ କସିଲା, ଯାହା ଫଳରେ ଗାଡ଼ି ଭିତରେ ସମସ୍ତେ ଦୋହଲିଗଲେ । ଭବେଶ ସାମ୍ନା ସିଟ୍‌ରେ ଚାପି ହେଉଁ ହେଉଁ ପୁଅକୁ ଆୟତ୍ତ କରିନେଲା । ଦୀନନାଥ ଆଖି ବୁଜି ପକେଇଲେ ଏକ ଆସନ୍ନ ବିପଦରେ । ଭବେଶର ମୁହଁ ପାଚି ଲାଲ ହୋଇଗଲା ମନ୍ଦାର ଫୁଲ ପରି । ଲିପୁର କାନ୍ଦ କାନ୍ଦ ଅବସ୍ଥା ।

ଏ ଘଟଣା ପରେ ରକ୍ତ ଚାଉଳ ଚୋବେଇ ହେଉଥିଲା ଭବେଶ ଡ୍ରାଇଭର୍ ଧନେଶ୍ୱର ଉପରେ । ଅଥଚ କିଛି କହିପାରୁ ନଥିଲା, କାହିଁକି କେଜାଣି ! ତା' ରୋଷ ଧନେଶ୍ୱର ଉପରେ ଅଜାଡ଼ି ଦେଇଥିଲେ ବରଂ ଦୀନନାଥ ଆଶ୍ୱସ୍ତ ହୋଇଥାନ୍ତେ !

ଭୟରେ ଶିହରି ଉଠିଲେ ଦୀନନାଥ । କୌଣସି ପ୍ରକାରେ ରକ୍ଷା ପାଇଗଲେ ପାଞ୍ଚଟି ଜୀବନ । ଗାଡ଼ି ସଳଖ କରି ରାସ୍ତା ଉପରକୁ ଉଠେଇ ନେଲା ଧନେଶ୍ୱର । ଏବେ ରାଜପଥ ଉପରେ ଷ୍ଟିଅରିଂ ଧରି ଏ.ବି.ସି.କୁ କିପରି ପରିଚାଳନା କରୁଥିଲା, ତାହା ଈଶ୍ୱରଙ୍କୁ ଜଣାଥିଲା ।

ଦୀନନାଥ ପୁଣିଥରେ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ହାତଟେକି ଦେଲେ । "ଏ କି ପରୀକ୍ଷା ମୋ ପାଖରୁ ନେଉଛ ପ୍ରଭୁ ! ଯଦି ତୋର କିଛି ଅଘଟଣ ଘଟେଇବାର ଅଛି, ମୋ ଉପରେ ସେ ଅଘଟଣ ଘଟେଇ ତୁ ତୋର ପ୍ରଭୁ ପଣିଆକୁ ଜାହିର୍ କର ! ହେଲେ ଧନେଶ୍ୱର ସହିତ ଏ ଚାରୋଟି ମଣିଷଙ୍କୁ ସୁରକ୍ଷା ଦେଇ କଟକ ପହଞ୍ଚାଇ ଦେ' । ବରଂ ମୋର ଲାସ୍ ଯାଉ ଏହି ଆମ୍ବୁଲାନ୍‌ସରେ ତୋ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ।"
(କ୍ରମଶଃ)



ମୂଳ ହିନ୍ଦୀ- ନିରଞ୍ଜନ ଧୂଲେକର

ଅନୁବାଦ ଗଳ୍ପ

# ଆଖିରେ ଆଖିରେ କଥା

ଅନୁବାଦ- ବିନୟ କୁମାର ଦାସ

ଫେସ୍‌ବୁକ୍‌ରେ ତା ଫୋଟ ଦେଖି ମୁଁ ମୁଗ୍ଧ ହୋଇଯାଇଥିଲି । ସତରେ ସେ ଥିଲା ଅପୂର୍ବ ସୁନ୍ଦରୀ । ଯାହାକୁ କୁହନ୍ତି ଗୋଟିଏ ଚାଉଳରେ ଗଢା । ସବୁଠାରୁ ଆକର୍ଷଣୀୟ ଥିଲା ତାର ଆଖି ଯୋଡିକ । ପ୍ରତିଦିନ ନିୟମିତ ତାକୁ ଫେସ୍‌ବୁକ୍‌ରେ ଦେଖିଦେଖି ମୁଁ ଯେ ତାକୁ ମନେ ମନେ ଭଲପାଇ ବସିଲିଣି ଏତକ ମୋର ବନ୍ଧୁ ସୁହାସ ଜାଣିଗଲା । ଏଣେ ସୁହାସ ର ବି ସେହି ଝିଅର ପରିବାର ସହିତ ଭଲ ସଂପର୍କ ଥିଲା । ଦିନେ ସେ ମୋତେ କହିଲା, "ଚାଲ୍‌ନା..ଆମେ ଥରେ ତାଙ୍କ ଘରକୁ ଯାଇ ବୁଲିଆସିବା । ତୋର ବି ସାମ୍ନାସାମ୍ନି ତା ସହିତ ଦେଖା ସାକ୍ଷାତ ହୋଇଯିବ ।" ତା ପ୍ରସ୍ତାବରେ ମୁଁ ନା କହି ପାରିନଥିଲି ।

ଆମେ ଦୁହେଁ ତା ଘରେ ପହଂଚିଗଲୁ । ତା ବାପା ମାଆଙ୍କ ସହିତ ସୁହାସ ମୋର ପରିଚୟ କରାଇ ଦେଲା । ସାମାନ୍ୟ କିଛି ଏଣୁତେଣୁ କଥା ପରେ ସେ ତୁରନ୍ତ କହିଦେଲା ଯେ ତାଙ୍କ ଝିଅ ପ୍ରତି ମୋର ଭୀଷଣ ଦୁର୍ବଳତା ରହିଛି । ଏପରିକି ବିବାହ କରିବା ପାଇଁ ମୁଁ ରାଜି ଅଛି । ତହୁଁ ଝିଅର ବାପା ମୋତେ ସିଧାସଳଖ କହିଲେ, "ଆପଣ ପ୍ରଥମେ ମୋ ଝିଅକୁ ଦେଖିନିଅନ୍ତୁ । ତାପରେ ଆମେ କଥା ହେବା ଏ ବିଷୟରେ ।" ସେ ତାକୁ ବୈଠକଖାନାକୁ ଡାକିଲେ ।

ସେ ଆସିଲା । ତା ହାତରେ ଥିଲା କଳାଧଳାର ଏକ ଫୋଲଡିଂ ବାଡି । ଚଟାଣରେ ବାଡିଟିକୁ ଏଠିସେଠି ମାରି ସେ ଆସି ବସିଗଲା ମୁଁ ବସିଥିବା ସୋଫାର ଠିକ୍ ସାମନାରେ । ମୁଁ ଅବାକ୍ ହୋଇଗଲି । ଯାହାର ଆଖିକୁ ମୁଁ ଏତେ ପସନ୍ଦ କରୁଥିଲି, ସେଇ ଆଖିଦୁଇଟି ତାର ତାହାଲେ କାମ କରୁନଥିଲା ? ସେ ଦୃଷ୍ଟିହୀନା ? ମୁଁ ଭଲ ଭାବରେ ତା ଆଖିକୁ ଧ୍ୟାନର ସହିତ ଲକ୍ଷ୍ୟ କରିବାକୁ ଲାଗିଲି । ଏତକ ମୁଁ ଜାଣିପାରିଲି ଯେ ତା ଆଖିର ପିତୁଳା ସ୍ଥିର ରହିଥିଲା ଆଉ ତାହା ମୋ ପଛପଟ ଏକ ବିନ୍ଦୁରେ ହିଁ ଲଟକି ଯାଇଥିଲା । ସମସ୍ତେ ଚୁପଚାପ୍ ବସି



ରହିଥିଲେ । ନିରବତା ଭାଙ୍ଗି ସେ କହିଲା, "ଏବେ ବି କଣ ଆପଣ ମୋତେ ବିବାହ କରିବାକୁ ଚାହୁଁଛନ୍ତି ?"

"ହଁ, ଯଦି ତୁମର କିଛି ଅବଜେକ୍ସନ ନଥିବ ତ.. ।" ତୁରନ୍ତ କହିପକାଇଲି ମୁଁ । ମୋ କଥା ଶୁଣି ତା ବାପା ମାଆଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । କିନ୍ତୁ ଏତକ ବି ମୁଁ ଦେଖିପାରୁଥିଲି ସେମାନଙ୍କ ମୁହଁରେ ଖୁସି ଆଉ ଏକ ହାଲକା ହସର ଝଲକ । ସୁହାସ ମୋ କାନ ପାଖକୁ ତା ମୁହଁ ଆଣି କହିଲା, "ଏ ତୁ କଣ କହୁଚୁ ବନ୍ଧୁ ? ତୁ କଣ ସତରେ ଏ ଦୃଷ୍ଟିହୀନା ଦିବ୍ୟାଙ୍ଗକୁ ତୋର ଜୀବନସାଥୀ ରୂପେ ଗ୍ରହଣ କରିବାକୁ ପ୍ରସ୍ତୁତ ?"

ମୁଁ ଟିକେ ହସିଦେଇ କହିଲି , "କହିଲି ପରା ମୁଁ ରାଜି । ତୁମ ଚାରିଜଣଙ୍କ ମିଳିତ ପ୍ରାୟୋଜିତ ନାଟକ ବିଫଳ ହୋଇଯାଇଛି । ଏକ ସାମାନ୍ୟ ତୃଟି ଆଉ ଓଭରଏକ୍ଟିଂ ତୁମର ସବୁ ଚାଲ୍‌କୁ ଧରା ପକାଇଦେଇଛି । ତୁମେ ସବୁ ହୁଏତ ଜାଣିନ ଯେ ଅନ୍ଧର ଆଖି ପିତୁଳା କେବେ ସ୍ଥିର ରହିପାରେନି । ଏଠି କିନ୍ତୁ ଠିକ୍ ତାର ଓଲଟା ହେଲା । ସେ ଯାହା ହେଉ ଆମ ଦୁହିଁଙ୍କ ଆଖି ତ ମିଶି ଯାଇଛି । ଯାହା କହିବା କଥା ଆଖିରେ ଆଖିରେ ଆମେ କହିସାରିଛୁ । ଏବେ ଚାଲ, ଡାକ୍ତରଙ୍କ ପାଖରେ ତୋ ଆଖି ଟେଷ୍ଟ କରାଇବି ।।"

||||||| ୦ ||||||

+ ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୭୫୬୦୦୧
ମୋ- ୯୮୬୧୦୧୮୩୬୯

# ...କଥା କିଞ୍ଚିତ...



ସାହିତ୍ୟର ଅନ୍ତର୍ଜୀବନ ସହିତ ଶୈଳୀର ସଂପର୍କ । ଏହା ଅନ୍ତର୍ଜୀବନକୁ ମଧ୍ୟ ଦ୍ୱୈତ ଭାବେ ସିଧା ଓ ବକ୍ର ରୂପେ କରେ ପ୍ରଭାବିତ । ସଂଗଠିତ ପଦ୍ଧତି ଓ ଅନ୍ତର୍ଜୀବନରେ ଫ୍ୟାସନ୍‌ମାନ ଏକ ସମୟରେ କରିଥାଏ ପ୍ରତିଷ୍ଠା । ଯେଉଁଭଳି ଜଣେ ନିଜକୁ ବ୍ୟକ୍ତ କରେ, ଯାହା ଯିଏ ବ୍ୟକ୍ତ କରେ ତାହାଠାରୁ ନୁହେଁ କମ୍! ପ୍ରତ୍ୟେକ ସ୍ରଷ୍ଟା ସମୟ ସହିତ ଅନୁବନ୍ଧିତ କିଛି ଗୋପନୀୟ କଥା କରିଥା'ନ୍ତି ପ୍ରକାଶ । ତାଙ୍କ ସୃଷ୍ଟିର ଆଙ୍ଗିକ ଯେମିତି ତାହାର ସବ୍‌ଷ୍ଟାନ୍ସ ଏବଂ ସ୍ୱର (Tone) ମଧ୍ୟ ସେମିତି! ସୃଷ୍ଟିଟି ଯେତେ ବ୍ୟକ୍ତିଗତ ହେଲେ ମଧ୍ୟ ତାହା ବିସ୍ତୀର୍ଣ୍ଣ ଆନ୍ଦୋଳନର ଇତିହାସରେ ଖୋଜିପାଏ ତା'ର ସ୍ଥାନ । ଶୈଳୀ, ବୈଶିଷ୍ଟ୍ୟ ବା ଷ୍ଟାଇଲ୍ ବିଷୟରେ କୁହାଯାଇଛି ଯେ, 'Style as an index of personality', ଯଦିଓ ସରିଛି ନିଷ୍ପତ୍ତି! 'Addison' ଯୁଗରେ ଜନ୍ମଲାଭ କରିଥିବା 'Carlyle' ଯେଉଁ ଗଦ୍ୟ ଲେଖିଛନ୍ତି ତାହା କ୍ଲାସିକ୍ ନହୋଇ ହୋଇଛି ରୋମାଣ୍ଟିକ୍, ଗୋଟିଏ ନିର୍ଭୁଲ ଜର୍ମାନୀୟ ପ୍ରଭାବ ଅଧିକ ସାଧାରଣ ଭାବେ ବିଶୁଦ୍ଧ ଭାବେ ସମୀକ୍ଷାରେ ଆଣେ ଦାବି ! ତେଣୁ କାର୍‌ଲାଇଲ୍‌ଙ୍କ ଶୈଳୀ ପୂର୍ଣ୍ଣ ପ୍ରତିରୋଧ କରେ ନାହିଁ ଇତିହାସର ବିକାଶରେ ଶ୍ରେଣୀ ବିଭାଗକୁ! ବିପରୀତ ଭାବରେ ଏହା ତାଙ୍କ ସ୍ଥାନ, କାଳ ଓ ଶକ୍ତି, ତାଙ୍କ ସହିତ ଏମାନଙ୍କ ସଂପର୍କକୁ ବିଚାରକୁ ନେବାକୁ ପଡ଼େ ।

ଗଦ୍ୟ ସମୟ (କାଳ)ର ଶୈଳୀ ଖୋଜିପାଇଛି, 'true law of prose' ଏବଂ କ୍ରମଶଃ ହୋଇଛି ମଡର୍ଣ୍ଣ! ଆଧୁନିକ ଗଦ୍ୟ clear, plain, short ! ଏହା ମଧ୍ୟ ଇଂରାଜୀ ରେଷ୍ଟୋରେସନ୍ ଗଦ୍ୟ ଆକୃତି, ବିରୋଧ କରିଛି ଦୀର୍ଘ ଗଦ୍ୟ ଓ ଆସକ୍ତି, ଏବେ ମଧ୍ୟ ପ୍ରଚଳିତ ରହିଛି! ଗଦ୍ୟଗଠନ ରୀତି ଓ ତାହାର ଚାରିତ୍ରିକତାର ଆଧୁନିକତା ଅଟଳ ରହିଛି । ଅପ୍ରଚଳିତ ଶବ୍ଦ ଆମ ଶୈଳୀର ସ୍ୱୀକୃତିରେ ପଙ୍କ୍ତିରେ କରିଛି ଅବତରଣ । 'splendid in diction' ବିଶୁଦ୍ଧ ସ୍ୱାଦରେ ବିବିଧ ସୁଖ ଷ୍ଟ୍ରକ୍‌ଚର ନୀତିରେ ଉଜ୍ଜ୍ୱଳ ଭାବେ କରିଛି ପ୍ରତିଷ୍ଠିତ!

ନକୁଳ ଚନ୍ଦ୍ର ସାହୁ
ଶବ୍‌ଦଘର, ଗୋଡ଼ିସାହି, କଟକ-୭୫୪୦୦୬
(ମୋ) ୯୪୩୭୭୪୦୨୬୪

# ନିଦଭରା ରାତି ମଧୁଝରା ଜହ୍ନ...



ସୁବ୍ରତ ପଟ୍ଟନାୟକ



ଏଇ କିଛି ବର୍ଷ ହେଲା ଓଡ଼ିଆ ସଂଗୀତ ଜଗତକୁ ପଡ଼ିଛି ଘୋର ବିଷାଦ। ଜଣକ ପରେ ଜଣେ ପ୍ରଖ୍ୟାତ ସଂଗୀତଜ୍ଞ ଓ କଣ୍ଠଶିଳ୍ପୀଙ୍କର ଘଟିଛି ଅକାଳ ବିୟୋଗ। ନିକଟ ଅତୀତରେ ଆମ ଗହଣରୁ ଅପସରି ଯାଇଛନ୍ତି- ସୁନନ୍ଦା ପଟ୍ଟନାୟକ, ମହମ୍ମଦ ସିକନ୍ଦର ଆଲାମ, ବାସୁଦେବ ରଥ, ଚିତ୍ତ ଜେନା, ଅରବିନ୍ଦ ମୁଦୁଲି, ରାଖାଲ କିଶୋର ମହାନ୍ତି, ଶାନ୍ତନୁ ମହାପାତ୍ର, ମାନ୍ନା ଦେ, ମହମ୍ମଦ ଅଜିଜ୍, ଗୀତିକାର ନିଜାମ୍, ତବଲା ବାଦକ ରାଧାକାନ୍ତ ନନ୍ଦ ପ୍ରମୁଖ। ହୁଏତ ଆଉ କାହା ନାମ ବି ଏହି ସ୍ତମ୍ଭକାରଙ୍କ ଅଗୋଚରରେ ରହିଥାଇପାରେ। ତେବେ, ୨୦୨୧ ମାର୍ଚ୍ଚ ୩୦ ତାରିଖରେ ଆମକୁ ଛାଡ଼ି ଚାଲି ଯାଇଛନ୍ତି ଆଉ ଜଣେ ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଜେ ଆଦେନୀ। ପୁରା ନାଁ- ଜଲାଲ୍ ଆଦେନୀ।

ପିଲାଟି ଦିନରୁ ସଙ୍ଗୀତ ଓ ଅଭିନୟ ପ୍ରତି ଜେ ଆଦେନୀଙ୍କର ଥିଲା ପ୍ରବଳ ଝୁଙ୍କ୍। ୧୯୩୬ ମସିହାରେ ଗଂଜାମ ଜିଲ୍ଲାରେ ତାଙ୍କର ଜନ୍ମ। ଓଡ଼ିଶା ବାହାରେ ରହି ସେ ଇଂଜିନିୟରିଂ ଡିଗ୍ରୀ ହାସଲ କଲେ। ସେ ସମୟରେ ବି ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମା ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇ ସାର୍ଟିଫିକେଟ ପାଇଲେ। ପାଠ ପଢ଼ା ସରିବା ପରେ କଲିକତା ରେଳବାଇରେ ପାଇଲେ ଇଂଜିନିୟର ଚାକିରି। ସେଠାରେ ସେ ଲୁଚି ଲୁଚି ସତ୍ୟଜିତ୍ ରାୟ, ମୃଣାଳ ସେନ୍ ଓ ତପନ ସିହ୍ନାଙ୍କ ପରି ଖ୍ୟାତନାମା ଚଳଚ୍ଚିତ୍ର ନିର୍ଦ୍ଦେଶକଙ୍କ ସୁଟିଂ ସେଟ୍‌କୁ ପ୍ରବେଶ କରୁଥିଲେ। ସେମାନଙ୍କର ନିର୍ଦ୍ଦେଶନା ଶୈଳୀରେ ଖୁବ୍ ପ୍ରଭାବିତ ହୋଇଥିଲେ। ଇଂଜିନିୟର ଚାକିରି କରିଥିଲେ ବି ସିନେମା ପ୍ରତି ମନ ସବୁବେଳେ ହାଇଁ ପାଇଁ ହେଉଥିଲା। ଏମିତି ନିଶା ଘାରିଲା ଯେ, ସେ ଲୋଭନୀୟ ଚାକିରି ଛାଡ଼ି ଚାଲି ଆସିଲେ ଜନ୍ମସ୍ଥାନ ବ୍ରହ୍ମପୁରକୁ। ଆରମ୍ଭ କଲେ ଗୋଟେ ଥିଏଟର କ୍ଲବ। କଳକାରଙ୍କୁ ଶିକ୍ଷା ଦେବାକୁ ବଳାଇଲେ ମନ। 'କିଏ ବୁଝିବ' ସିନେମା ଆରମ୍ଭ କଲେ। କେତେକ କାରଣରୁ ତାହା ରିଲିଜ୍ ହୋଇ ପାରିଲା ନାହିଁ।

୧୯୭୦ ଦଶକରେ ଓଡ଼ିଶାରେ ଭୁବନେଶ୍ୱର ମିଶ୍ର, ହରିପ୍ରସାଦ ଚୌରାସିଆ, ବାଳକୃଷ୍ଣ ଦାଶ, ଅକ୍ଷୟ ମହାନ୍ତି, ଶାନ୍ତନୁ ମହାପାତ୍ର, ପ୍ରଫୁଲ୍ଲ କର, ଉପେନ୍ଦ୍ର କୁମାର, ବାସୁଦେବ ରଥ ପ୍ରମୁଖ ଥିଲେ ଖୁବ୍ ଲୋକପ୍ରିୟ। ୧୯୭୭ ମସିହାରେ ଜେ ଆଦେନୀ ଆରମ୍ଭ କଲେ ନିଜର ସଙ୍ଗୀତ ଧର୍ମୀ ଚଳଚ୍ଚିତ୍ର- 'ଅନୁତାପ'। ଗୀତ ପାଇଁ ଅନେକ ଖ୍ୟାତନାମା ଗୀତିକାରଙ୍କ ଦ୍ୱାରସ୍ଥ ହେଲେ। ସିନେମା ଜଗତରେ ଅଜଣା ଅଶୁଣା ହୋଇଥିବାରୁ ଗୀତିକାରଗଣ ତାଙ୍କୁ ଫେରାଇ ଦେଇଥିଲେ। ନିରାଶ ହୋଇ ଗୀତ ଖୋଜୁଥିବା ବେଳେ ଜଣେ ବନ୍ଧୁ ପରାମର୍ଶ ଦେଲେ- କଟକରେ ଜଣେ ଯୁବ ଫୁଟବଲ ଖେଳାଳୀ ଭଲ ଗୀତ ଲେଖୁଛନ୍ତି। ତାଙ୍କ ଗୀତଗୁଡ଼ିକ ଖୁବ୍ ଚମତ୍କାର। ତାଙ୍କୁ 'ଅନୁତାପ' ସିନେମାର ଗୀତିକାର ଭାବେ ନିଆଯାଉ। ଏହି ଯୁବ ଗୀତିକାର ଥିଲେ ନିଜାମ୍। ତାଙ୍କୁ ପ୍ରଥମ କରି ସିନେମା ଜଗତକୁ ବାଟ କଢ଼ାଇ ଆଣିଥିଲେ ଜେ ଆଦେନୀ। ଦୁହେଁ ମୁସଲମାନ ସମ୍ପ୍ରଦାୟର ହୋଇଥିଲେ ହେଁ ପ୍ରଭୁ ଜଗନ୍ନାଥଙ୍କ ପ୍ରତି ସେମାନଙ୍କର ଥିଲା ଅସୀମ ଭକ୍ତି।

ନିଜାମ୍‌ଙ୍କ ଗୀତକୁ ଧରି ଜେ ଆଦେନୀ ଗଲେ କଲିକତା। ସେତେବେଳେ ଓଡ଼ିଶାରେ ବିଶିଷ୍ଟ ନାରୀ କଣ୍ଠ ଶିଳ୍ପୀ ନିର୍ମଳା ମିଶ୍ର ରହୁଥାନ୍ତି କଲିକତାରେ। ସକାଳେ ତାଙ୍କ ବାସଭବନରେ ପହଂଚିଲେ ଓ 'ଅନୁତାପ' ଚଳଚ୍ଚିତ୍ରରେ ଗୀତ ଗାଇବାକୁ ଅନୁରୋଧ କଲେ। ନିର୍ମଳା ମିଶ୍ର ନିଜ ମ୍ୟାନେଜରଙ୍କୁ ହାର୍ମୋନିୟମ ଆଣିବାକୁ କହିଲେ। ଜେ ଆଦେନୀଙ୍କ ସଙ୍ଗୀତ ଭଲ ଲାଗିଲେ, ସେ ଗାଇବେ। ଜେ ଆଦେନୀଙ୍କ କଣ୍ଠରୁ ଝରିଲା- "ନିଦଭରା ରାତି ମଧୁଝରା ଜହ୍ନ ଫିକା ଫିକା ଏଇ ଜୋଛନା/ ତୁମେ ନାହଁ ସାଥୀ ଆଜି ଏଇ ରାତି ଏକା ଏକା ଭଲ ଲାଗେନା।" ଗୀତର ମୁଖଡ଼ା ସରିଛି କି ନାହିଁ ଘର ଭିତରୁ ନିର୍ମଳା ମିଶ୍ରଙ୍କ ସ୍ୱର ଶୁଭିଲା- ଗୀତ ବହୁତ ସୁନ୍ଦର ହୋଇଚି। ମୁଁ ଗାଇବି। ତାଙ୍କ କଥା ଶୁଣି ଆନନ୍ଦରେ ଆଦେନୀଙ୍କ ଆଖିରୁ ଝରିଗଲା ଧାର ଧାର ଲୁହ। ସେତେବେଳେ ନିର୍ମଳା ମିଶ୍ର ଥିଲେ ଓଡ଼ିଆ ସଂଗୀତ ଜଗତର ଶ୍ରେଷ୍ଠ ଗାୟିକା, ସାମ୍ରାଜ୍ଞୀ। ତାଙ୍କୁ ପାଇବା ଥିଲା ଭାଗ୍ୟର କଥା। ସତକୁ ସତ, ନିଦଭରା ରାତି ଗୀତଟି ରାତାରାତି ସାରା ଓଡ଼ିଶାରେ ଚହଳ ସୃଷ୍ଟି କଲା। ଲୋକେ ଜାଣିଲେ ଯୋଡ଼ିଏ ନୂଆ ନାମ- ଜେ ଆଦେନୀ ଓ ନିଜାମ୍। ସେହି ଚଳଚ୍ଚିତ୍ରର ଅନ୍ୟ ଏକ ସୁମଧୁର ଗୀତ ଗାଇଥିଲେ କଣ୍ଠଶିଳ୍ପୀ ତାନ୍‌ସେନ୍ ସିଂହ। ଗୀତଟି-ନୂପୁର କାହିଁକି ମୁଁ ବାନ୍ଧିଲି...। ଅନ୍ୟ ସିନେମାରେ ତାନ୍‌ସେନ୍ କେତୋଟି ଗୀତ ଗାଇଥିଲେ ବି ଏଇ ଗୀତଟି ତାଙ୍କୁ ସର୍ବାଧିକ ଲୋକପ୍ରିୟ କରାଇଥିଲା। ନିର୍ମଳା ମିଶ୍ରଙ୍କ ବାବଦରେ କହିବା ଅନାବଶ୍ୟକ। 'ଅନୁତାପ' ଚଳଚ୍ଚିତ୍ର ପୂର୍ବରୁ ସେ ଯେମିତି ମୁକୁଟ ହାସଲ କରିଥିଲେ, ପରେ ବି ତାହା ଜାରି ରଖିଥିଲେ। ସେ ଓଡ଼ିଶାର 'ଲତା ମଙ୍ଗେସକର'।

ବିଡ଼ମ୍ବନା, 'ଅନୁତାପ' ଚଳଚ୍ଚିତ୍ର ପରେ ଘୋର ଆର୍ଥିକ ସଙ୍କଟରେ ପଡ଼ିଗଲେ ଜେ ଆଦେନୀ। ସରକାରୀ ସାହାଯ୍ୟ ପାଇବା ପାଇଁ ଶତ ଚେଷ୍ଟା କରି ସେ ବିଫଳ ହେଲେ। ସିନେମା ମୋହ ତାଙ୍କ ଆର୍ଥିକ ପରିସ୍ଥିତିକୁ ଜଡ଼ କରିଦେଲା। ବାଧ୍ୟ ହୋଇ ସେ ଫେରିଗଲେ ବମ୍ବେ। ସେଠାରେ ହିନ୍ଦୀ ଚଳଚ୍ଚିତ୍ର- 'ଜମାନା କ୍ୟା କହେଗା', 'ହମନେ ପ୍ୟାର କିୟା', 'ପ୍ରେମ ଉପହାର' ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଲେ। ତାପରେ ଫେରି ଆସିଲେ ଓଡ଼ିଶା। ବ୍ରହ୍ମପୁର ସହର ଛାଡ଼ି କଟକ ବକ୍ସିବଜାର ପେନ୍‌ସନ୍ ଲେନ୍‌ରେ ଘର କଲେ। ପତ୍ନୀ-ନଗ୍‌ମା, ପୁଅ ରଫିକ୍, ଝିଅ ଗୁଲନାର ଓ ଜବିନଙ୍କୁ ନେଇ ଚଳାଇଲେ ସଂସାର। ୧୯୮୧ ମସିହାରେ 'ହୀରା ମୋତି ମାଣିକ' ସିନେମାର ନିର୍ଦ୍ଦେଶନା ଦେଲେ। ତାଙ୍କର ଦୁଇଟି ଚଳଚ୍ଚିତ୍ର 'ପୂଜାରିଣୀ' ଓ 'ବାସନ୍ତୀ ଅପା' ବି କୌଣସି କାରଣରୁ ରିଲିଜ୍ ହୋଇ ପାରିନଥିଲା। ସେ 'ହାରି' ଯାଉଥିଲେ ସତ, ମାତ୍ର ହାର୍ ମାନୁନଥିଲେ। ସ୍କୁଟି ଚଳାଇ ଗୀତ ଗାଉଥିଲେ। ଛୋଟ ଛୋଟ ପିଲାଙ୍କୁ ବେଲୁନ୍ ଓ ଚକୋଲେଟ୍ ବାଂଟୁଥିଲେ। ଚାରି ବର୍ଷ ପୂର୍ବେ ପତ୍ନୀ- ନଗ୍‌ମାଙ୍କର ଘଟିଲା ଅକାଳ ବିୟୋଗ। ପୁଅ, ଝିଅ, ନାତି, ନାତୁଣୀଙ୍କ ଗହଣରେ ଥାଇ ବି ସେ ଖୁବ୍ ନିଃସଙ୍ଗ ପାଲଟିଗଲେ। ମାତ୍ର ୮୫ବର୍ଷ ବୟସରେ ହୃଦଘାତରେ ସେ ବି ଚାଲିଗଲେ ଆରପୁରକୁ। ଗୀତିକାର ନିଜାମ୍ ଓ ସଙ୍ଗୀତ ନିର୍ଦ୍ଦେଶକ ଜେ ଆଦେନୀ ଆଗପଛ ହୋଇ ବାହୁଡ଼ିଗଲେ। ଚିର ଅଭୁଲା ହୋଇ ରହିଗଲା ସେମାନଙ୍କର କାଳଜୟୀ ସଙ୍ଗୀତ-ନିଦଭରା ରାତି...., ନୂପୁର କାହିଁକି ମୁଁ ବାନ୍ଧିଲି....। ଓଡ଼ିଆ ସଂଗୀତ ଜଗତର ବେସାଲିସ୍ ବାଦଶାହା- ଜେ ଆଦେନୀ।

ଖୋଦାଙ୍କ ମଂଜିଲରେ ଖିଲ୍‌ତା ଗୁଲାବ୍।

ତାଙ୍କୁ ଆମର ଶହେ ସଲାମ୍, କୋଟିଏ ପ୍ରଣାମ।

+ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪
୯୯୩୭୭୯୧୨୪୪

## ସାହିତ୍ୟ ସମ୍ବାଦ

### ଭବାନୀ ଦାଶଙ୍କ ଗଳ୍ପ ପୁସ୍ତକ ଶେଷ ବୁନ୍ଦାକ ଲୁହ ଲୋକାର୍ପିତ



ବାଲିପାଟଣା, ୧୦/୪(ନି.ପ୍ର): ଆଜି ପୂର୍ବାହ୍ନରେ ଶିଶୁ ଅନନ୍ତ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧାପକ ଡଃ. ଭବାନୀ ଶଙ୍କର ଦାଶଙ୍କ ଗଳ୍ପ ପୁସ୍ତକ "ଶେଷ ବୁନ୍ଦାକ ଲୁହ" ଲୋକାର୍ପିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ମହାବିଦ୍ୟାଳୟ ପରିସରରେ ଅତିଥିମାନେ ବୃକ୍ଷରୋପଣ କରିଥିଲେ । ଅଧ୍ୟକ୍ଷ ବୈକୁଣ୍ଠ ନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜଳ ସଂପଦ ବିଭାଗ ଅର୍ନ୍ତଗତ ଡିଜାଇନ୍‌ର ମୁଖ୍ୟ ଯନ୍ତ୍ରୀ ବାଲେଶ୍ୱର ନାଥ ସାହୁ ଯୋଗ ଦେଇ ଶ୍ରୀ ଜଗନ୍ନାଥ ତତ୍ତ୍ୱ କିପରି ସାଧାରଣ ମଣିଷକୁ ଭଗବାନରେ ପରିଣତ କରିପାରେ ସେ ସମ୍ପର୍କରେ ମତ ରଖି ସୃଜନଶୀଳତା ଏକ ପ୍ରତିଭା ବୋଲି ଅବିହିତ କରିଥିଲେ । ଅନ୍ୟତମ ଅତିଥି ନିର୍ମାଣ ବିଭାଗର ମୁଖ୍ୟ ହିସାବ ନିରୀକ୍ଷକ ସୁନାକର ବେହେରା ଶିକ୍ଷକମାନେ ସର୍ବଦା ପଥପ୍ରଦର୍ଶକ ହୋଇ ଛାତ୍ରଛାତ୍ରୀଙ୍କ ଜୀବନକୁ ସାର୍ଥକ ମାର୍ଗରେ ନେବାରେ ସହାୟକ ହୋଇଥାନ୍ତି ବୋଲି ମତ ରଖିଥିଲେ ।

ବକ୍ତା ଦେବରାୟ କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ଗୀତିକାର ସଂଳାପକାର ଡ. ରଜନୀ ରଞ୍ଜନ ଦାଶ କହିଥିଲେ ଲେଖକ ଭିତରେ ଥିବା ଭାବ ପ୍ରବଣତା ହିଁ ଲେଖକୁ ସାର୍ଥକ ମାର୍ଗ ଦେଖାଇଥାଏ ଏବଂ ଗଳ୍ପ ପୁସ୍ତକ ଆକାଶ ଓ ମାଟି ମଝିରେ ଥିବା ସବୁ ଚରିତ୍ରମାନେ ଲେଖା ଭିତରରକୁ ଆସି ଏହାକୁ ଆହୁରି ଜୀବନ୍ତ କରିଥାଏ ବୋଲି କହିଥିଲେ । ଏହି ଅବସରରେ ବରିଷ୍ଠ ଶିଳ୍ପପତି ପ୍ରଶାନ୍ତ ଆଚାର୍ଯ୍ୟ, ବାଲିପାଟଣା ପ୍ରେସକ୍ଲବ ସଭାପତି ଦିଲ୍ଲୀପ ଓଝା ଏବଂ ବାଲିଅନ୍ତା ପ୍ରେସକ୍ଲବ ସଭାପତି ସୋମନାଥ ସ୍ୱାଇଁ ଅତିଥିମାନଙ୍କୁ ଖଣ୍ଡଆପାଟ ବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ଅଧ୍ୟାପକ ହେମନ୍ତ କୁମାର ମିଶ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ବିଜୟଲକ୍ଷ୍ମୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଧ୍ୟାପକ ଅଧ୍ୟାପିକା ନିମନ୍ତ୍ରିତ ଅତିଥିମାନେ ଉପସ୍ଥିତ ଥିଲେ ।

ଧର୍ମୀୟ ଉନ୍ମାଦନାରେ ଭାରତବର୍ଷ ବିଖଣ୍ଡିତ ହେଲାବେଳେ ସଂକଟରେ ପଡିଥିଲା ଯେଉଁ ସ୍ନେହ, ସମ୍ପର୍କ ଓ ବିଶ୍ୱାସ, ସେଇସବୁ ଜୀବନ୍ତ ଦଲିଲ୍‌ର କଳ୍ପରୂପ.. ଗଳ୍ପଗୁଚ୍ଛ...ଦୀପକଙ୍କ ନିଜସ୍ୱ ଶୈଳୀରେ... ପ୍ରତି ସଂଖ୍ୟାରେ ।






ଦୀପକ ରଂଜନ ମିଶ୍ର

# ॥ କେତେ କେତେ ପାକିସ୍ଥାନ ॥



କମଲେଶ୍ୱର
(୧୯୩୨-୨୦୦୭)

ପାକିସ୍ଥାନ ଏକ ଦେଶ ନୁହେଁ, ଏକ ମାନସିକତା । ଶହ ଶହ ବର୍ଷରୁ ଚଳିଆସିଥିବା ପରମ୍ପରା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ମଣିଷ ମଣିଷ ଭିତରେ ଭଲପାଇବା ଇତ୍ୟାଦି ପାଇଁ ଏହା ଏକ ପ୍ରତିବନ୍ଧକ । ଜୀବନର ଚଲାପଥରେ କୋଉଠି ପାକିସ୍ଥାନ ରହିଛି, କେଉଁଠି ଓ କେମିତି ତା'ର ନିର୍ମାଣ ଚାଲିଛି ତାହା ଆସନ୍ତୁ ଦେଖିବା ପ୍ରଖ୍ୟାତ ହିନ୍ଦୀ କଥାକାର କମଲେଶ୍ୱରଙ୍କ 'କିତ୍‌ନେ ପାକିସ୍ଥାନ' ଗଳ୍ପରେ ।

କାହାଣୀର ମୁଖ୍ୟ ଚରିତ୍ର ମଙ୍ଗଲ୍ । ଚୁନାର୍ ସହରରେ ତା'ର ଘର । ବାପା ଜଣେ ଲୁଗା ବ୍ୟବସାୟୀ । ସ୍ଥାନୀୟ ହାଇସ୍କୁଲର ଡ୍ରିଲ ମାଷ୍ଟରଙ୍କ ଝିଅ ସଲୀମା (ବନ୍ନୋ) ସହ ସେମାନେ ପିଲାଦିନରୁ ଖୁବ୍ ସାଙ୍ଗ । ଆସ୍ତେ ଆସ୍ତେ ବୟସ ବଢ଼ିବା ସହ ଉଭୟଙ୍କ ହୃଦୟରେ ପରସ୍ପର ପ୍ରତି ଜନ୍ମନିଏ ପ୍ରଗାଢ଼ ଭଲପାଇବା । ଦୁହେଁ ଦୁହିଙ୍କୁ ଘଡ଼ିଏ ନଦେଖିଲେ ଅସମ୍ଭାଳ ଅବସ୍ଥା । କିଶୋର ବୟସରେ ଉଭୟଙ୍କର ଏଭଳି ଅବାଧ ମିଳାମିଶାକୁ ପସନ୍ଦ କରନ୍ତିନି ମୁସଲମାନ ସମ୍ପ୍ରଦାୟର କିଛି ଛାମୁଆଁ ଲୋକ । ବଢ଼ିଲା ଝିଅର ଗୋଟେ କାଫେର ପୁଅ ସହ କି ନସରପସର ଯେ ! ସେମାନଙ୍କୁ ବାରମ୍ବାର ମନା କରାହୁଏ । ହେଲେ କିଛି ପରିବର୍ତ୍ତନ ହୁଏନି । ଶେଷକୁ ଦିନେ କମ୍ପାଉଣ୍ଡର ଜମୀନ୍ ମିଆଁ ଆସି ମଙ୍ଗଲ୍ ର ବାପାଙ୍କୁ ଧମକ୍ ଦିଏ । ପୁଅକୁ କିଛିଦିନ ପାଇଁ ଚୁନାର୍ ବାହାରକୁ ପଠାଇ ଦେବାପାଇଁ ଦିଏ ଆଦେଶ । ଭିନ୍ନ ଧର୍ମର ହୋଇଥିବାରୁ ଉଭୟଙ୍କ ବିବାହ ତ ଅସମ୍ଭବ । ହଁ, ଏଥିଯୋଗୁଁ ସାମ୍ପ୍ରଦାୟିକ ଦଙ୍ଗା ମାତିବାର ଯଥେଷ୍ଟ ସମ୍ଭାବନା ରହିଛି । ଗୋଟେ ପାକିସ୍ଥାନର ନିର୍ମାଣ ସହ ଆହୁରି ଅସଂଖ୍ୟ ପାକିସ୍ଥାନ ନିର୍ମାଣ ଚାଲିଥାଏ । କେତେ ହୃଦୟରେ ତ କେତେ ସ୍ଥାନ ବିଶେଷରେ । ପାକିସ୍ଥାନ କୌଣସି ଦେଶ ନୁହେଁ ବରଂ ଏକ ଦୁଃଖଦ ସତ୍ୟର ନାମ । ଯାହା ମଣିଷ ମଣିଷ ଭିତରେ ଦୂରତ୍ୱ ବୃଦ୍ଧି କରେ । କାନ୍ଦି କାନ୍ଦି ବନ୍ନୋ କହେ, "ତୁମେ ମୌଲବୀଙ୍କ ଧମକ୍‌ରେ ଚୁନାର୍ ଛାଡ଼ି ଏକୁଟିଆ କୁଆଡ଼େ ଯିବନି ମଙ୍ଗଲ୍ । ନହେଲେ ମୁଁ ଅରଖପତ୍ର ଖାଇ କିମ୍ବା ଗଙ୍ଗାନଦୀରେ ଡେଇଁ ନିଶ୍ଚିତ ଆତ୍ମହତ୍ୟା କରିବି ।" ଏଭଳି ବିଷମ ପରିସ୍ଥିତିରେ କ'ଣ ଯେ କରିବ ମଙ୍ଗଲ୍ କିଛି ଭାବି ପାରେନି ବିଚରା । ଏଣେ ଘରେ ଆତଙ୍କର ବାତାବରଣ । ପ୍ରତିଦିନ ଜଣେ ଦୁଇଜଣ ଆସି ଧମକାଉଥାନ୍ତି ବାପାଙ୍କୁ । ତାଙ୍କ କଥା ନମାନିଲେ ମଙ୍ଗଲ୍‌କୁ ହାଣି ଦେବେ ସେମାନେ । ଘରେ ନିଆଁ ଲଗାଇ ଜାଳିଦେବେ ସମସ୍ତଙ୍କୁ । ଡ୍ରିଲ୍‌ମାଷ୍ଟରଙ୍କ ହିନ୍ଦୁ ପ୍ରୀତି ପାଇଁ ତାଙ୍କ ସମ୍ପ୍ରଦାୟର ଅନେକ ତାଙ୍କୁ ପସନ୍ଦ କରୁ ନଥିଲେ । ଆଡ଼ପାଗଳାଟାଏ ବୋଲି କହୁଥିଲେ । ମୁଣ୍ଡ ଠିକ୍‌ଥିଲେ ସେ କ'ଣ ଗୋଟେ ହିନ୍ଦୁ ସନ୍ୟାସୀଙ୍କ ବିଷୟରେ କାବ୍ୟ ରଚନା କରିବାକୁ ମନ ବଳାଇ ଲେଖୁଥାନ୍ତେ ଭର୍ତ୍ତୃହରି ନାମା ! ଧର୍ମ ପରିବର୍ତ୍ତନ କରି ମୁସଲମାନ ହୋଇଥିବା ଜଣେ ଶ୍ରମିକର ବଂଶଧର ପରା ଇଏ । ଇରାନୀ-ତୁରାନୀ ରକ୍ତର ଲେଶମାତ୍ର ନାହିଁ ତାଙ୍କ ଦେହରେ । ତେଣୁ ସମସ୍ତେ ତାଙ୍କଠାରୁ ଦୂରତ୍ୱ ରଖି ଚଳୁଥିଲେ । ହେଲେ ମଙ୍ଗଲ୍ ଓ ବନ୍ନୋର ପ୍ରେମ ପ୍ରସଙ୍ଗ ଏଇ ଭେଦଭାବ ସବୁ ଦୂରେଇ ଦିଏ । ସମସ୍ତେ ଧର୍ମ ନାଁରେ ଅସ୍ତ୍ର ଉତ୍ତୋଳନ କରି ବନ୍ନୋର ରକ୍ଷାକର୍ତ୍ତା ସାଜନ୍ତି । ଡ୍ରିଲମାଷ୍ଟରଙ୍କର ଏମାନଙ୍କ ମିଳାମିଶାରେ କିଛି ଆପତ୍ତି ନଥିଲା ସିନା ହେଲେ ବଦଳିଯାଇଥିବା ପରିସ୍ଥିତିରେ ଅନନ୍ୟୋପାୟ ହୋଇ ସେ ମୌଲବୀଙ୍କ ନିର୍ଦ୍ଦେଶ ମାନିବାକୁ ରାଜି ହୋଇଯାଆନ୍ତି । ଲୁଚି ଲୁଚି ମଙ୍ଗଲ୍‌ଘରକୁ ଆସି ତା'ବାପାଙ୍କ ଆଗରେ ଖୁବ୍ କାନ୍ଦନ୍ତି ନିଜ ଅସହାୟତା ବ୍ୟକ୍ତକରି । ନିଜ କାବ୍ୟସାଧନା କିନ୍ତୁ ଜାରି ରଖିଥାନ୍ତି । ଯଦିଓ ବଡ଼ପାଟିରେ ତାକୁ ଆବୃତ୍ତି କରିବାର ସାହସ ନଥାଏ ତାଙ୍କର ।

ଦିନେ ଅନ୍ଧାର ରାତିରେ ମଙ୍ଗଲ୍‌ର ଚୁନାର୍ ଛାଡ଼ିବାର ଯୋଜନା ହୁଏ । ଚାରିଆଡ଼େ ଥମ୍‌ଥମ୍ ଭାବ । କିଏ ଜାଣିଛି କେତେବେଳେ "ୟା ଅଲୀ ୟା ଅଲୀ"ର ସ୍ଲୋଗାନ ଶୁଭିବା ସହ ଆରମ୍ଭ ହୋଇଯିବ ହଣାକଟା । ପାଞ୍ଚ ଛ'ଜଣ ହିନ୍ଦୁ ଯୁବକଙ୍କ ସହ ବାପା ମଙ୍ଗଲକୁ ନେଇଆସନ୍ତି ରେଲଷ୍ଟେସନକୁ । ପରସ୍ପର ବିରୋଧୀ ଗୁଡ଼ାଏ ଭାବନାରେ ବ୍ୟତିବ୍ୟସ୍ତ ଥାଏ ମଙ୍ଗଲ । ବେଳେ ବେଳେ ଭାବୁଥାଏ, ଘରକୁ ଫେରିଆସି ଗୋଟେ କାତି ଉଠାଇ ବିରୋଧ କରୁଥିବା ପ୍ରତ୍ୟେକ ମୁସଲମାନକୁ ଗଡ଼ଗଡ଼ କରି ହାଣି ଗାଁ ଦାଣ୍ଡ ରକ୍ତ ରଞ୍ଜିତ କରି ହାସିଲ କରିବ ବନ୍ନୋକୁ । ସେଥିରେ ବିଫଳ ହେଲେ ତାକୁ ହାଣି ନିଜେ ଡେଇଁପଡ଼ିବ ଗଙ୍ଗାନଦୀରେ । ଲୁଚି ପଳାଉଥିବାରୁ ଲଜ୍ଜାବୋଧ ସାଙ୍ଗକୁ ଭୟ ବି ଥାଏ ମନରେ । ବନ୍ନୋର ବାପା କିଛି ନକହି ଚୁପ୍ ରହିଲେ କାହିଁକି ଯେ ? ସେ କ'ଣ ଏମାନଙ୍କର ବିରୋଧ କରି ପାରି ନଥାନ୍ତେ ? କାବ୍ୟ ରଚନା ଛାଡ଼ି ଦେଇଥିଲେ ହୁଏତ ଲୋକେ ଏତେ ପ୍ରତିକ୍ରିୟାଶୀଳ ହୋଇ ନଥାନ୍ତେ । ମୁଗଲସରାଇ ଯାଉଥିବା ମାଲଗାଡ଼ିରେ ଚଢ଼ିଯାଏ ମଙ୍ଗଲ୍ । ଯାତ୍ରା କଲାବେଳେ ପାକିସ୍ଥାନ ଗୋଟେ ଧାରୁଆ ଖଣ୍ଡା ଭଳି ତା' ଛାତିରେ ଗଳି ତାକୁ ଖଣ୍ଡ ବିଖଣ୍ଡିତ କରି ପକାଉଥାଏ । ହୃଦୟ ଭିତରେ ଥିବା ଲଜ୍ଜା, ଭୟ, କ୍ରୋଧ, ଲୁହ, ରକ୍ତ, ପାଗଳପଣ ଓ ଭଲପାଇବା ଯେମିତି ପୋଡ଼ି ଛାରଖାର ହୋଇଯାଉଥାଏ । ସତ କହିବାକୁ ଗଲେ ସେଇ କ୍ଷଣଠୁଁ ବନ୍ନୋର ସ୍ମୃତି ମହତ୍ତ୍ୱହୀନ ମନେହୁଏ ତାକୁ । ତା'ର ଦରବେଶ୍‌ଙ୍କ ଭଳି ଯାଯାବର ଜୀବନ ଆରମ୍ଭ ହୁଏ । ସେ ଜାଣିଥାଏ କେବେ ଆଉ ଘରକୁ ଫେରି ପାରିବନି ବୋଲି । ତା' ମନକୁ ଡ୍ରିଲମାଷ୍ଟରଙ୍କ କଥା ଆସେ । ସେ ନିଶ୍ଚିତ ଅଣନିଃଶ୍ୱାସୀ ହୋଇପଡୁଥିବେ ଚୁନାରର ପରିବର୍ତ୍ତିତ ପରିସ୍ଥିତିରେ । ବନ୍ନୋର କ'ଣ ହେଲା କେଜାଣି ? ସେ ଗଙ୍ଗାନଦୀରେ ଝାସଦେଇ ଆତ୍ମହତ୍ୟା କରି ନଥିବ ନିଶ୍ଚିତ । ସେ ଥିବ । ରାତିରେ କାହାର ବିଛଣା ଉଷୁମ କରୁଥିବ । ପ୍ରେମ କରୁଥିବ । ମାଡ଼ ଖାଉଥିବ । ହାତରେ ମେହେନ୍ଦି ଲଗାଇ ପତ୍ନୀଧର୍ମ ପାଳନ କରିବାକୁ ଯାଇ ପତିର ଦୀର୍ଘ ଜୀବନ କାମନା କରୁଥିବ । ପୁଣି ଛୁଆଙ୍କ ଗୁହମୁତରେ ବ୍ୟସ୍ତ । କିଛିଟା ସ୍ମୃତି ତଥାପି ଅଭୁଲା ଥିବ ତା' ହୃଦୟରେ । ସେଇ ଅଟକି ଯାଇଥିବା ସମୟ ତା'ର ପାକିସ୍ଥାନ ବନିଯାଇଥିବ । ତାକୁ ଭୟଭୀତ କରିବା ପାଇଁ.... । ମଙ୍ଗଲ୍ ବମ୍ବେର ରେଳ କାରଖାନାରେ କିଛିଦିନ କାମ କରିବା ପରେ ପୁନା ଚାଲିଆସେ । ସ୍ଥାୟୀ ଭାବରେ ଗୋଟିଏ କାମରେ ଯୋଗଦିଏ । ତା' ବାପା ଚୁନାର୍ ଛାଡ଼ି ଅନ୍ୟତ୍ର ଚାଲିଯାଇଥିବା କଥା ସେ ଜାଣିବାକୁ ପାଏ । ଚୁନାର୍‌ରେ ସେମିତି ଆଉ କ'ଣ ରହି ଯାଇଥିଲା ଯେ ? ପାକିସ୍ଥାନ ବନିଗଲେ ମଣିଷ ଅଧା ରହିଯାଏ । ଫସଲ ବରବାଦ୍ ହୋଇଯାଏ । ଗଳି ସବୁ ସଂକୀର୍ଣ୍ଣ ହୋଇଯାଆନ୍ତି । ଆକାଶ ଫାଟିପଡ଼େ । ପବନ ବି ବୋହିବା ବନ୍ଦ କରିଦିଏ । ବାପା ଲେଖିଥାନ୍ତି- ଗଳି, ବାଦଲ, ଆକାଶ ଓ ପବନକୁ ଖୋଜି ଖୋଜି ସେମାନେ ଭିଓ୍ୱଣ୍ଡି ଚାଲିଆସିଛନ୍ତି । କପଡ଼ା ବ୍ୟବସାୟରେ ସୁବିଧା ସକାଶେ ସାଙ୍ଗରେ ଆଣିଥାନ୍ତି ଆଠଘର ମୁସଲମାନ ତନ୍ତୀ ଓ ଦୁଇଘର ବଢ଼େଇଙ୍କୁ । ଡ୍ରିଲମାଷ୍ଟର ବି ଚାଲିଆସିଥାନ୍ତି ସପରିବାର, ଭିଓ୍ୱଣ୍ଡି ସ୍କୁଲକୁ ତାଙ୍କର ବଦଳି କରେଇ । ବନ୍ନୋର ନିକାହ ସରିଯାଇଥାଏ ମୁନୀର ସହ । ସେ ତନ୍ତ ଚଳେଇବାରେ ଓସ୍ତାଦ । ରେଶମର ବଢ଼ିଆ କାରିଗର .... । ବନ୍ନୋକୁ ଦେଖିବାପାଇଁ ପାଗଳ ହୋଇଉଠେ ମଙ୍ଗଲ୍ । ହେଲେ ତା' ନିକାହ କଥା ଜାଣି ପୁଣି ମନ ମରିଯାଏ । ବାପା ବି ମନା କରିଥାନ୍ତି ତାକୁ ଭିଓ୍ୱଣ୍ଡି ଆସିବାକୁ । ବୋଧହୁଏ ମଙ୍ଗଲ୍‌କୁ ଦେଖି ମାଷ୍ଟର ସାହେବଙ୍କ ମନରେ କଷ୍ଟହେବାର ଆଶଙ୍କା କରି ।

ହେଲେ ପାକିସ୍ଥାନ କୋଉଠି ନାହିଁ ଯେ ! ଭିଓ୍ୱଣ୍ଡିରେ ବି ଦଙ୍ଗା ହୋଇଥିବା କଥା ସେ ଖବରକାଗଜରୁ ଜାଣେ । ମଙ୍ଗଲ୍ ଓ ବନ୍ନୋଙ୍କ ଭଲପାଇବାକୁ କେନ୍ଦ୍ର କରି ନୁହେଁ ବରଂ ଉଭୟ ସମ୍ପ୍ରଦାୟ ମଧ୍ୟରେ ଭଲପାଇବା ଆଦୌ ନଥିବା ଯୋଗୁଁ ଦଙ୍ଗା ହୋଇଥିବ ନିଶ୍ଚିତ । ପାଞ୍ଚବର୍ଷ ହେଲା ସେ ଦେଖିନାହିଁ ତା' ବାପାମା'ଙ୍କୁ । ସେମାନେ କେମିତି ଥିବେ କେଜାଣି ? ପରିବାରର ଖୋଜ୍ ଖବର ନେବାପାଇଁ ସେ ଦଙ୍ଗାର ବାରଦିନ ପରେ ଭିଓ୍ୱଣ୍ଡିରେ ପହଞ୍ଚେ । ବସ୍ତି ଭିତରେ ଏଠି ସେଠି ଘର ଗୁଡ଼ିକ ପୋଡ଼ି ପାଉଁଶ ହୋଇଯାଇଥାଏ । ପୋଲିସ୍ ପଇଁତରା ମାରୁଥାନ୍ତି । ନିର୍ଜନ ଲାଗୁଥାଏ ସମ୍ପୂର୍ଣ୍ଣ ସହର । ଖୋଜି ଖୋଜି ସନ୍ଧ୍ୟା ବେଳକୁ ଠିକଣା ଜାଗାରେ ପହଞ୍ଚେ ମଙ୍ଗଲ୍ । ହିନ୍ଦୁମାନେ କ'ଣ କରି ପକେଇଛନ୍ତି ସହରଟିକୁ ! ଏମିତି ଜନଶୂନ୍ୟ ସ୍ଥାନରେ କ'ଣ କେହି ମଣିଷ ରହିପାରିବ ? ଘରର ମୁଖ୍ୟ ଦରଜା ଖୋଲା ଥିବାରୁ ସେ ଭିତରକୁ ପଶିଯାଏ । ଅଗଣାରେ ଦୁଇଜଣ ସ୍ତ୍ରୀଲୋକ ଥାଆନ୍ତି । ଜଣେ ଅର୍ଦ୍ଧନଗ୍ନ ଥିବାବେଳେ ଅନ୍ୟଜଣକ ପାଖରେ ବସି ତା'ର ଫୁଙ୍ଗୁଳା ଛାତିକୁ ଆଉଁସି ଚାଲିଥାଏ । ଏଭଳି ଅବସ୍ଥା ଦେଖି ସଙ୍କୋଚରେ ମଙ୍ଗଲ୍ ବାହାରକୁ ବାହାରିଆସେ । କିଛି ସମୟ ପରେ ଡ୍ରିଲମାଷ୍ଟର ଆସନ୍ତି । ଦେଖୁ ଦେଖୁ ଚିହ୍ନି ପାରନ୍ତି ସିନା ହେଲେ କିଛି କହନ୍ତି ନାହିଁ । ତା'ସହ କେମିତି ବ୍ୟବହାର କରିବେ ସେଇ ଦ୍ୱନ୍ଦ୍ୱରେ ଥାଆନ୍ତି ବୋଧେ । ସେ ମୌନ ରହିବା ଦେଖି ମଙ୍ଗଲ୍ ତାଙ୍କୁ ତା'ବାପାଙ୍କ କଥା ପଚାରେ । ଉତ୍ତରରେ ମାଷ୍ଟର ସାହେବ କହନ୍ତି, ଦୁଇଦିନ ପୂର୍ବରୁ ସେମାନେ ଚୁନାର ଫେରିଯାଇଛନ୍ତି ବୋଲି । ସାଙ୍ଗରେ ଅଳ୍ପ କିଛି ଜିନିଷ ନେଇକରି ଯାଇଥିବା ବେଳେ ବାକି ସବୁ ଏଠି ଉପରମହଲାରେ ଅଛି । ତା'କୁ ଉପରମହଲାକୁ ଡାକିନେଇ କବାଟ ଖୋଲିଦିଅନ୍ତି । ଭୀଷଣ ଗରମ ଯୋଗୁଁ ରାତିରେ ଘର ଭିତରେ ଶୋଇବା ସମ୍ଭବ ନହେବାରୁ ସେ ଖଟ ନେଇ ଛାତ ଉପରକୁ ଚାଲିଆସେ । ଉପରୁ ତଳ ଅଗଣାଟି ସ୍ପଷ୍ଟ ଦେଖାଯାଉଥାଏ ଜହ୍ନ ଆଲୁଅ ଯୋଗୁଁ । ବ୍ଲାଉଜ ଖୋଲି, ଶାଢ଼ି ଅଣ୍ଟା ପାଖକୁ ଖସାଇ ଅର୍ଦ୍ଧନଗ୍ନ ଅବସ୍ଥାରେ ଚିତ୍ ହୋଇ ଶୋଇଥାଏ ବନ୍ନୋ । ସ୍ତନ ଦୁଇଟି ପାଣିଭରା ବେଲୁନ୍ ଭଳି ଅସ୍ୱାଭାବିକ ଭାବେ ଫୁଲି ରହିଥିବା ବେଳେ ସେ ଯନ୍ତ୍ରଣାରେ ଛଟପଟ ହେଉଥାଏ । ଅମ୍ମୀ ତା'ପାଖରେ ବସି ସ୍ତନଦୁଇଟିକୁ ଚିପୁଡ଼ି କ୍ଷୀର ବାହାର କରିଦେଉଥାନ୍ତି । ଏ ଦୃଶ୍ୟ ଦେଖି ମଙ୍ଗଲ ଆଶ୍ଚର୍ଯ୍ୟ ହୋଇଯାଏ । ନିଦ ଉଭେଇଯାଏ ତା' ଆଖିରୁ । ବାଡ଼ିପଟେ ଥିବା ପିପ୍ପଳ ଗଛର ଡାଳପତ୍ର ଖଡ଼୍‌ଖଡ଼୍ କରୁଥାଏ ପବନରେ । କେହିଜଣେ ତା'ମୂଳରେ ବସି କାନ୍ଦୁଥାଏ ଓ ବେଳେ ବେଳ ବଡ଼ପାଟିରେ କାହାକୁ କହୁଥାଏ, "କାଦିର ମିଆଁ, ଶଳା ପାକିସ୍ଥାନ ବନିଗଲା ବେ ! ଏବେ ସେଠି ଇହରାମ୍ ବାନ୍ଧିବା ଆଉ ତଲ୍‌ବିଆ କହିବା ।" ଭୋର ବେଳକୁ ଟିକେ ଆଖି ଲାଗିଛି କି ନାହିଁ ମାଷ୍ଟର ସାହେବ ଆସି ତାକୁ ଉଠେଇ ଦିଅନ୍ତି । ପୋଲିସ୍ ଆସିଥାଏ ତା'ର ଅନୁସନ୍ଧାନରେ । ବାହାର ଲୋକ କେହି ଆସିଲେ ତାଙ୍କ ଗତିବିଧି ଲକ୍ଷ୍ୟ କରୁଥାନ୍ତି ସେମାନେ । ତାକୁ ଥାନାକୁ ଡାକିନେଇ ପଚରା ଉଚୁରା କରନ୍ତି । ଠିକ୍ ସମୟରେ ତା'ର ସହାୟତା ପାଇଁ ମାଷ୍ଟର ସାହେବ ସେଇଠି ପହଞ୍ଚି ନଥିଲେ ବିଚରା ଭାରି ହଇରାଣ ହୋଇଥାନ୍ତା । ସେତେବେଳେ ତାଙ୍କର ମୁସଲମାନ ହୋଇଥିବା ଖୁବ୍ କାମରେ ଆସେ । ଦୁହେଁ ଥାନାରୁ ବାହାରି ଗୋଟେ କାଠଗଣ୍ଡି ଉପରେ ବସନ୍ତି । କିଛି ସମୟ ଗୁମ୍‌ସୁମ୍ ରହିବା ପରେ ମଙ୍ଗଲ୍ ହିଁ କଥା ଆରମ୍ଭ କରିବାକୁ ଯାଇ ପଚାରେ ଗତରାତି କ'ଣ ହୋଇଥିଲା ବୋଲି । ମାଷ୍ଟର ସାହେବ କହନ୍ତି, "ବଦ୍‌ରୁ ଟା ପାଗଳ ହୋଇଯାଇଛି । ତା'ର ଚାଳିଶଟା ତନ୍ତ ଥିଲା । ଦଙ୍ଗା ଜନିତ ଅଗ୍ନିକାଣ୍ଡରେ ସବୁ ଜଳି ପାଉଁଶ । ପଛପଟ ପିପ୍ପଳଗଛ ତଳେ ବସି ସାରାରାତି କାନ୍ଦେ ବିଚରା । ନିର୍ଦ୍ଧୁମ୍ ଗାଳି ଦିଏ ମଧ୍ୟ ।" "ଆଉ ଘରେ କିଛି ?" ମଙ୍ଗଳ ସାହସ କରି ପଚାରେ । ଜଣେ ଯୋଗୀଙ୍କ ଭଳି ନିର୍ଲିପ୍ତ ଭାବେ ସବୁକଥା ମାଷ୍ଟର ସାହେବ କହନ୍ତି, "ହଁ, ବନ୍ନୋ କାଲି ରାତିରେ ଖୁବ୍ କଷ୍ଟ ପାଉଥିଲା । ଦଙ୍ଗାର ତିନିଦିନ ପୂର୍ବରୁ ପୁଅଟେ ହୋଇଥିଲା ଡାକ୍ତର ସାରଙ୍ଗଙ୍କ ନର୍ସିଂ ହୋମ୍‌ରେ । ସେଠି ନିଆଁ ଲାଗିଯିବାରୁ ଦୁଇଟି ମା' ଓ ପାଞ୍ଚଟି ନବଜନ୍ମିତ ଶିଶୁ ଜଳି ମରିଯାଆନ୍ତି । ଛୁଆକୁ ହରାଇ ବନ୍ନୋ ବଞ୍ଚିଯାଏ । ଏବେ କ୍ଷୀର ଟାଣୁଥିବାରୁ ଖୁବ୍ କଷ୍ଟ ପାଉଛି ବିଚାରୀ ।" ମଙ୍ଗଲ, ପୁନା ଫେରିବାକୁ ପ୍ରସ୍ତୁତ ହେବାରୁ ମାଷ୍ଟରସାହେବ ତାକୁ ଥରେ ଚୁନାର ଯାଇ ବାପାଙ୍କୁ ଦେଖି ଆସିବାର ପରାମର୍ଶ ଦିଅନ୍ତି । ତାଙ୍କର ଗୋଟେ ହାତ କଟିଯାଇଛି । ଘର ସାମ୍ନାରେ ସେଦିନ ହଣାକଟା ଲାଗିଥାଏ । ସେ ନଥିଲେ ହୁଏତ ଏମାନେ କେହି ବଞ୍ଚି ନଥାନ୍ତେ । ଆକ୍ରମଣ ଏମାନଙ୍କ ଉପରେ ହୋଇଥିଲା । ସେ ବାହାରକୁ ବାହାରିଆସି ପ୍ରତିବାଦ କରିବାରୁ ତାଙ୍କୁ ଜଣେ ଖଣ୍ଡାରେ ଆଘାତ କରେ । ବାଁ ହାତଟି ଛିଣ୍ଡି ରାସ୍ତା ଉପରକୁ ଛିଟିକିପଡ଼େ । ସାହସ ମାନିବାକୁ ପଡ଼ିବ । ସେଇ କଟା ହାତଟିକୁ ଉଠାଇ ସେ ଲଢ଼ନ୍ତି । ରକ୍ତ ପିଚ୍‌କାରୀ ଭଳି ବାହାରୁଥାଏ । କଟାହାତଟି ତାଙ୍କର ହତିଆର ... ଦଙ୍ଗାକାରୀ ନିଆଁହୁଳା ଫିଙ୍ଗି ଧାଇଁ ପଳେଇ ଯାଆନ୍ତି । ଗଳିରେ ତାଙ୍କ ହାତ ଖଣ୍ଡ ଖଣ୍ଡ ହୋଇ ପଡ଼ିରହିଥାଏ । ଉଠେଇଲା ବେଳକୁ ସେ ବେହୋସ୍ ହୋଇଯାଇଥାନ୍ତି । ଡାକ୍ତରଖାନାରେ ଆଠଦିନ ରହି ଘରକୁ ଫେରି ସେ ଚୁନାର୍ ଚାଲିଯାଇଛନ୍ତି ।

ମଙ୍ଗଲ ଫେରିଆସେ ତା' କର୍ମସ୍ଥଳୀକୁ । ଚାରିପାଞ୍ଚମାସ ପରେ ଚିଠି ଆସେ ବାପାଙ୍କ ପାଖରୁ । ସେମାନେ ପୁଣି ଭିଓ୍ୱଣ୍ଡି ଫେରିଆସିଥାନ୍ତି । ମାରଓ୍ୱାଡ଼ି ଓ ସିନ୍ଧିଙ୍କ ପାଇଁ ବେପାର ମାନ୍ଦା ଚାଲିଥାଏ । ବନ୍ନୋକୁ ନେଇ ମୁନୀର ଚାଲିଯାଇଛି ବମ୍ବେ । ସେଠୁ ସେମାନେ ପାକିସ୍ଥାନ ଗଲେ କି କ'ଣ କିଏ ଜାଣିଛି । ଡ୍ରିଲ ମାଷ୍ଟର ଅର୍ଦ୍ଧପାଗଳ, ଘରେ ଡ୍ରିଲ୍ କଲାବେଳେ ସ୍କୁଲରେ କାବ୍ୟ ରଚନା କରୁଥାନ୍ତି । କେତେମାସ ଉତ୍ତାରୁ ମଙ୍ଗଲ ଥରେ ବମ୍ବେ ଯାଇଥାଏ ବ୍ୟକ୍ତିଗତ କାମରେ । ବନ୍ଧୁ କେଦାର ମନଫୁର୍ତ୍ତି କରିବା ଉଦ୍ଦେଶ୍ୟରେ ତାକୁ ସାଙ୍ଗରେ ନେଇଯାଏ ଗୋଟେ କୋଠୀକୁ । ମଙ୍ଗଲ୍‌କୁ ବିଅର ପିଉଥିବା ଅବସ୍ଥାରେ ଛାଡ଼ି ଦଲାଲ ସହ ସେ କିଛି ସମୟ ପାଇଁ ଅନ୍ତର୍ଦ୍ଧାନ ହୋଇଯାଏ । କେଦାର ଫେରିବାରୁ ସେମାନେ ମଝିର ବଡ଼ କୋଠରୀକୁ ଆସନ୍ତି । ଦଲାଲକୁ ବିଅରର ପଇସା ବଢ଼େଇ ଦେଉଥିବା ବେଳେ ପାଖ କୋଠରୀର କବାଟ ଖୋଲେ । ଜଣେ ସ୍ତ୍ରୀଲୋକ କେଦାର ହାତକୁ ତା'ର ଚାବି ପେନ୍ଥାଟି ବଢ଼େଇଦେଇ ଦଲାଲ ପାଖରେ ମଙ୍ଗଲ ଠିଆହୋଇଥିବା ଦେଖି ପଚାରେ, "ଆଉ କିଏ ଅଛି ?" ମଙ୍ଗଲ ଲେଉଟି ଦେଖେ, ଦ୍ୱାରବନ୍ଧ ଉପରେ ହାତରଖି ବ୍ଲାଉଜ୍ ଓ ସାୟା ପିନ୍ଧିଥିବା ଅବସ୍ଥାରେ ଠିଆ ହୋଇଥାଏ ବନ୍ନୋ ! ମଙ୍ଗଲ୍‌କୁ ଚିହ୍ନିପାରି ତୀର୍ଯ୍ୟକ ଠାଣୀରେ ଟିକେ ହସିଦିଏ । ବିଷାକ୍ତ ଶରଟିଏ ଯେଭଳି ବିନ୍ଧି ଦିଏ ତା' ଛାତିକୁ ଲକ୍ଷ୍ୟକରି । ଘୋର ତିରସ୍କାର ଭରିରହିଥାଏ ସେଇ ହସରେ । ବନ୍ନୋ ପ୍ରତିଶୋଧ ନେଉଥାଏ ଆପଣା ଉପରେ, ମଙ୍ଗଲ୍ ଉପରେ, ମୁନୀର ଉପରେ କି ପାକିସ୍ଥାନ ଉପରେ ? ମଙ୍ଗଲ ଓହ୍ଲେଇ ଆସେ ପାହାଚ । ତା'ପଛେ ପଛେ କେଦାର । ଏବେ କୋଉ ସହର ବାକିଅଛି ଯାହାକୁ ଛାଡ଼ି ପଳାଇବ ବିଚରା । କେଉଁଠି ସେ ଜିଇଁ ପାରିବ ଏକ ପରିପୂର୍ଣ୍ଣ ଜୀବନ । ସବୁଠି ତ ପାକିସ୍ଥାନର ଉପସ୍ଥିତି । ଲୋକଙ୍କୁ କ୍ଷତାକ୍ତ କରିବା, ବେଇଜ୍ଜତ କରିବା ଓ ହତ୍ୟା କରିବା ହିଁ ତ ତା'ର କାମ । (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

## ନୀଳଗିରିର ସର୍ବାଙ୍ଗୀନ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅନୁଦାନ

ନୀଳଗିରି,୧୦/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ନୀଳଗିରି ନିର୍ବାଚନ ମଣ୍ଡଳୀକୁ ନୀଳଗିରିର ବିକାଶ ପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ପାଣ୍ଠିରୁ ୧କୋଟି ଟଙ୍କା ଓ ବିଜୁ ସେତୁ ଯୋଜନାରେ ୪ଟି ପ୍ରକଳ୍ପ ପାଇଁ ୨୨କୋଟି ଟଙ୍କା ଅନୁମୋଦନ କରିଥିବା ଜଣାପଡ଼ିଛି। ଉକ୍ତ ଅନୁଦାନ ପାଇଁ ନୀଳଗିରି ବିଧାୟକ ବହୁବାର ଦାବୀ ଓ ଚିଠି ଲେଖିଲା ପରେ ଏହା ଅନୁମୋଦନ ହୋଇଥିବା ବିଧାୟକ ପ୍ରକାଶ କରିଛନ୍ତି । ସେଥିପାଇଁ ନୀଳଗିରି ବ୍ଲକର ବଣସୀମା ଅଞ୍ଚଳର ମାଟିଆଳି , ଭଉଁରିଆବାଡ଼, ଆରବନ୍ଧ, ସଜନାଗଡ଼, ତେଲିପାଳ ପଞ୍ଚାୟତର ପାଖାପାଖି ୨୫୦ ରୁ ଉର୍ଦ୍ଧ୍ୱ ମୋଟର ସାଇକେଲ ରାଲିରେ ଆସି ନୀଳଗିରି କାର୍ଯ୍ୟାଳୟରେ ପହଞ୍ଚି ମାନ୍ୟବର ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ଧନ୍ୟବାଦ ଜଣାଇଛନ୍ତି। ଅନୁରୂପ ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ସମାରୋହରେ ଉପେନ୍ଦ୍ର ଦାସ, ଉପେନ୍ଦ୍ର ନାୟକ, କୁଳମଣି ନାୟକ, ଅର୍ଜୁନ ମାରାଣ୍ଡି, ସାରେଲ ବାସ୍କେ, ନୁନୁ , ଶଶିକାନ୍ତ ମହାପାତ୍ର, ଟୁକୁ, ସଂଜୟ ନାୟକ, ସଂଜୟ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜଧାନୀରେ ବଢ଼ୁଛି ସଂକ୍ରମଣ : ୨୪ ଘଂଟାରେ ୧୭୧ ପଜିଟିଭ୍

ଭୁବନେଶ୍ୱର,୧୦/୦୪ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମଣ ଦିନକୁ ଦିନ ବଢିବାରେ ଲାଗିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଗତକାଲି ୧୫୦ ଜଣ ଆକ୍ରାନ୍ତ ଚିହ୍ନଟ ହାଇଥିବା ବେଳେ ଆଜି (ଶନିବାର)୧୭୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିରୁ ୪୫ ଜଣ କ୍ୱାରେଂଟାଇନ୍ ରେ ଥିବା ବେଳେ ୧୨୬ ଜଣ ଲୋକାଲ୍ କେସ୍ ରହିଛି। ଏନେଇ ବିଏମସି ଟ୍ୱିଟ୍ କରି ସୂଚନା ଦେଇଛି। ଆଜି ଚିହ୍ନଟ ହୋଇଥିବା ୧୨୬ କରୋନା ଆକ୍ରାନ୍ତଙ୍କ ଭିତରୁ ଖଣ୍ଡଗିରିରୁ ୧୬ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ଡେଲ୍‌ଟା ଛକରୁ ୧୧, ଓଲ୍ଡ ଟାଉନ୍ ରୁ ୬,ଟଙ୍କପାଣି ରୋଡ୍ ରୁ ୬, ପଟିଆରୁ ୬, ନୟାପଲ୍ଲୀରୁ ୫, ପାତ୍ରପଡ଼ାରୁ ୫, ଚନ୍ଦ୍ରଶେଖରପୁରରୁ ୫ , ଜାଗମରାରୁ ୪, ଆଇଆରସି ଭିଲେଜରୁ ୪, ନୀଳାଦ୍ରି ବିହାରୁ ୪, ରସୁଲଗଡ଼ରୁ ୩, ୟୁନିଟ୍ -୩ରୁ ୩ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ଏହାବ୍ୟତୀତ ବଡ଼ଗଡ଼, ଲକ୍ଷ୍ମୀସାଗର, ସତ୍ୟନଗର , ଶୈଳଶ୍ରୀ ବିହାର, ସହିଦ୍ ନଗର , ରେଂଟାଲ୍ କଲୋନୀ , ସତ୍ୟ ବିହାରୁ , ମୈତ୍ରୀ ବିହାରରୁ , ଜୟଦୁର୍ଗା ନଗରରୁ , ବିଜେବି ନଗରରୁ , ବୁଦ୍ଧେଶ୍ୱର କଲୋନୀରୁ , କଳିଙ୍ଗ ନଗରରୁ ୨ଜଣ ଲେଖାଏଁ ଏବଂ ଆଚାର୍ଯ୍ୟ ବିହାର, ବାଲିପାଟଣା, ଝାରପଡ଼ା, ବାପୁଜୀ ନଗର, ଡମଣା, ଡୁମ୍‌ଡୁମା, ହଂସପାଳ,ଜଣେ ଲେଖାଏଁ ଲୋକାଲ୍ କେସ୍ ଚିହ୍ନଟ ହୋଇଛନ୍ତି।

# ନୃତ୍ୟ ଚନ୍ଦ୍ରିକା ମହୋତ୍ସବ ଉଦ୍‌ଘାଟିତ

ଭଦ୍ରକ,୧୦/୦୪ (ନି.ପ୍ର): ଓଡ଼ିଶୀକୁ ନେଇ ଓଡ଼ିଶା ସମଗ୍ର ବିଶ୍ୱରେ ପରିଚିତ। ଗାନ୍ଧର୍ବ ବିଦ୍ୟାରେ ନୃତ୍ୟକୁ ପ୍ରାଧାନ୍ୟ ଦିଆଯାଇଛି । ଦେବାଧିଦେବ ମହାଦେବଙ୍କ ନଟରାଜ ରୂପ ହିଁ ନୃତ୍ୟର ଅୟମାରମ୍ଭ। ମହେଞ୍ଜୋଦାର ଓ ହରପ୍ପା ସଭ୍ୟତାରୁ ନୃତ୍ୟର ପରିପ୍ରକାଶ ବୋଲି ଇତିହାସମାନେ କହୁଥିବାବେଳେ ବୈଦିକ ଯୁଗରୁ ନୃତ୍ୟର ସୃଷ୍ଟି ବୋଲି ଗବେଷକମାନେ ମତ ଦେଇଥାନ୍ତି। ସେ ଯାହା ହେଉନା କାହିଁକି ଓଡ଼ିଶାର ବଡଠାକୁର ବିଶ୍ୱ ଦେବତା ମହାପ୍ରଭୁ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି ସମସ୍ତ ପର୍ବପର୍ବାଣୀ ପାଳିତ ହେଉଥିବାବେଳେ ଓଡ଼ିଶା ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଓଡ଼ିଶୀକୁ ନେଇ ସମଗ୍ର ବିଶ୍ୱ ଦରବାରରେ ପରିଚିତ। ସେଥିପାଇଁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ମାହାରୀ ଓ ଦେବଦାସୀ ପ୍ରଥା ଏବେବି ପ୍ରଚଳିତ ବୋଲି ଆଜି ଭଦ୍ରକ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ନୃତ୍ୟ ଚନ୍ଦ୍ରିକା ମହୋତ୍ସବର ବକ୍ତାମାନେ ନିଜ ନିଜର ମତ ରଖିଥିଲେ। ଏହି



ଅବସରରେ ନୃତ୍ୟ ଚନ୍ଦ୍ରିକା ଫାଉଣ୍ଡେସନର ସଭାପତିଙ୍କ ଅଧ୍ୟକ୍ଷତାରେ ଇଂ ଅଭୟ ସୂତାର ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଓ ଶିଶୁ ସାହିତ୍ୟିକ ହରମୋହନ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ସଂସ୍କୃତିକୁ ନୃତ୍ୟର ଅବଦାନ ସଂପର୍କରେ ଆଲୋଚନା କରିଥିଲେ। ଫାଉଣ୍ଡେସନର ସାଧାରଣ ସଂପାଦକ ପ୍ରଭାତ ମଲ୍ଲିକ ସ୍ୱାଗତ ଭାଷଣ ଅବସରରେ ଅନୁଷ୍ଠାନର ରୂପରେଖ ସଂପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅମରେନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, ଫାଉଣ୍ଡେସନର ସାଂସ୍କୃତିକ ସଂପାଦିକା ଆଦର୍ଶ ଶିକ୍ଷୟିତ୍ରୀ ରଶ୍ମିତା ଦାସ, ଆଦର୍ଶ ଶିକ୍ଷକ ପ୍ରଫୁଲ୍ଲ ମହାଳିକ, ସମାଜସେବୀ ଗୀତାରାଣୀ ଜେନା, କବି ସତ୍ୟପ୍ରକାଶ ସେଠୀ ପ୍ରମୁଖ ଯୋଗଦେଇ ନୃତ୍ୟ ଚନ୍ଦ୍ରିକା ଫାଉଣ୍ଡେସନର ଇତିହାସ ଓ ସାଂସ୍କୃତିକ ଜଗତକୁ ନୃତ୍ୟର ଆବଶ୍ୟକତା ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ୱେତପଦ୍ମା ଦାସ ବେହେରା, ପୁଷ୍ପମିତ୍ରା ବେହେରା, ପ୍ରଦୀପ କୁମାର ବେହେରା, ଗୁରୁ ଶ୍ରୀ ଶଶିଭୂଷଣ ଦାସ, ଦେବୀଦିପ୍ତା ହୋତାଙ୍କୁ ନୃତ୍ୟ ଗୁରୁ ଭାବେ ସମ୍ମାନିତ କରାଯାଇଥିଲାବେଳେ ୩୦ ଜଣ ଛାତ୍ରଛାତ୍ରୀମାନଙ୍କୁ ନୃତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମହୋତ୍ସବରେ ଭଦ୍ରକ ତଥା ଭଦ୍ରକ ବାହାରର ବହୁ କୁନି କୁନି କଳିକାମାନଙ୍କୁ ନେଇ ନୃତ୍ୟ ପରିବେଷଣ କରାଯାଇଥିଲା। ଭଦ୍ରକ ଉପକଣ୍ଠରେ ଅନୁଷ୍ଠିତ ଏହିଭଳି ସ୍ୱତନ୍ତ୍ର ମହୋତ୍ସବକୁ ବହୁ ବୁଦ୍ଧିଜୀବୀମାନେ ଭୂରି ଭୂରି ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ନୃତ୍ୟ ଚନ୍ଦ୍ରିକା ଫାଉଣ୍ଡେସନର କର୍ମକର୍ତ୍ତା ପରିଚାଳନା କରିଥିବାବେଳେ ନୃତ୍ୟ ଶିଳ୍ପୀ ଶ୍ୱେତପଦ୍ମା ଦାସ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଝେରା କାଠ ଗାଡ଼ି ଜବତ୍ କଲା ନୀଳଗିରି ପୋଲିସ, ବନବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ

ନୀଳଗିରି,୧୦/୦୪ (ନି.ପ୍ର): ଏକ ଝେରା ଟାଟା ଏସି ଗାଡ଼ି ଓଆର୦୧ଜେ-୭୮୯୧ ରେ କାଠ ଲଗ ଭର୍ତ୍ତି ହୋଇଥିବା ବେଳେ ନୀଳଗିରି ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଥାନାର ସବ୍‌ଇନିସପେକ୍ଟର ବାସୁଦେବ ଜୟସିଂହ ଏବଂ ଟାଉନ ହାବିଲଦାର ଯଦୁନାଥ ସେଠୀ ଉକ୍ତ ଗାଡ଼ିକୁ ପିଛା କରି ଡାହାଣିମରା ଛକ ଠାରେ ଜବତ କରି ଥାନାକୁ ଆଣିଥିଲେ । ଝେରା କାଠ ଗାଡ଼ି ସହ କାହାଳିଆ ଗ୍ରାମର ଲକ୍ଷ୍ମୀଧର ବାଗ ଓ ଜିତେନ୍ଦ୍ର ଦାସ ଙ୍କୁ ମଧ ପୋଲିସ ଗିରଫ କରିଥିଲା । ପରେ ନୀଳଗିରି ପୋଲିସ ନୀଳଗିରି ବନବିଭାଗକୁ ଜବତ ଗାଡ଼ି ସହ କାଠ ଓ ୨ ଅଭିଯୁକ୍ତକୁ ହସ୍ତାନ୍ତର କରିଥିଲେ । ନୀଳଗିରି ବନ ଅଧିକାରୀ ମନଓ୍ୱାର ଖାଁ ଜବତ କାଠ ଭର୍ତ୍ତି ଗାଡ଼ିକୁ ସିଲ କରିବା ସହ ୨ ଅଭିଯୁକ୍ତକୁ କୋର୍ଟ ଚଲାଣ କରିଛନ୍ତି । ଝେରା ଗାଡ଼ିରେ ୨୪ ସିଫ୍ଟ ଆମ୍ବ କାଠ ଥିବାର ବନବିଭାଗ ସୂତ୍ରରୁ ପ୍ରକାଶ । ଦୈନନ୍ଦିନ ଉକ୍ତ ରାସ୍ତାରେ ଝେରା କାଠ ଗାଡ଼ି ଯାଉଥିବାରୁ ବନବିଭାଗ ଓ କାଠ ମାଫିଆ ଙ୍କ ମଧୁଚନ୍ଦ୍ରିକାରେ ଆରମରେ ଚାଲାଣ ହେଉଥିବା ସାଧାରଣ ଅଭିଯୋଗ ହୋଇଛି ।

## ଅଗ୍ନି ବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚିଲେ ସଦର ବିଧାୟକ

ବାଲେଶ୍ୱର,୧୦/୦୪ (ନି.ପ୍ର): ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ବିପନ୍ନ ପରିବାରଙ୍କ ପାଖରେ ପହଞ୍ଚିଛନ୍ତି ସଦର ବିଧାୟକ ସ୍ୱରୂପ ଦାସ। ଗତକାଲି ରାତିରେ ସଦର ବ୍ଲକ ଅନ୍ତର୍ଗତ ଆଙ୍କ ପଞ୍ଚାୟତର ଆଗିରିଆ ଗ୍ରାମର କିରଣ କୁମାର ଗିରିଙ୍କ ଘରେ ନିଆଁ ଲାଗି ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଯାଇଥିଲା। ଏ ସମ୍ପର୍କରେ ଖବର ପାଇ ସଦର ବିଧାୟକ ଶ୍ରୀ ଦାସ ନିଜର ସହଯୋଗୀଙ୍କ ସହ ଶନିବାର ସେଠାରେ ପହଞ୍ଚ ଶ୍ରୀ ଗିରିଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ବ୍ୟକ୍ତିଗତ ଭାବେ ଯତକିଞ୍ଚିତ ସାହାଯ୍ୟ କରିବା ସହ ଖୁବଶୀଘ୍ର ସରକାରୀ ସାହାଯ୍ୟ ପ୍ରଦାନ କରିବା ନେଇ ସେ ପ୍ରତିଶ୍ରୁତି ଦେଇଥିଲେ।

## ବଟି ଆଦାୟରେ ସଂପୃକ୍ତ ନକଲି ଆର୍‌ଟିଓ ସହ ୨ ଗିରଫ

ଜଳେଶ୍ୱର, ୧୦/୪ (ନିପ୍ର) : ପ୍ରଶାସନୀକ ଉଦାସୀନତା ଯୋଗୁଁ ଜଳେଶ୍ୱରର ବିଭିନ୍ନ ରାସ୍ତାରେ ବ୍ୟାପକ ଚାନ୍ଦା ଆଦାୟ ହେଉଥିବାର ବହୁ ଅଭିଯୋଗ ପରେ ପୋଲିସ୍ ଚେଇଁ ଉଠିଛି । ଗତ ୨ ଦିନ ତଳେ ୬୦ନଂ ଜାତୀୟ ରାଜପଥର ନନ୍ଦିକା ବାଇପାସ୍‌ଠାରୁ ଏକ ଚିଙ୍ଗୁଡି ଖାଦ୍ୟ ଧରି ଆନ୍ଧ୍ରରୁ ଭୋଗରାଇ ଯାଉଥିବା ଓଡି୦୧ଏକେ ୨୩୭୦ କଣ୍ଟେନରର ଡ୍ରାଇଭରକୁ ଆରଟିଓ ପରିଚୟ ଦେଇ ଚାନ୍ଦା ମାଗିବା, ଟଙ୍କା ନ ଦେବାରୁ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ୍ ଏହାର ତଦନ୍ତ କରି ଆଜି ବେଲିଗୋପିନାଥପୁର ଗାଁର କାଳିକିଙ୍କର ମହାନ୍ତିଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ସେହିପରି ୫୭ନଂ ରାଜ୍ୟରାଜପଥରୁ ସୋଲପଟା ଯାଇଥିବା ରାସ୍ତାରେ ବ୍ୟାପକ ଚାନ୍ଦା ଆଦାୟ ଅଭିଯୋଗ ପରେ ପୋଲିସ୍ କାଶିଡିହା ଗାଁର ସନ୍ତୋଷ ଜେନା(୨୯)କୁ ଗିରଫ କରିବା ସହିତ ନଗଦ ୯୫୦ ଟଙ୍କା ଓ ଏକ ମୋବାଇଲ୍ ଜବତ୍ କରିଛି । ଗତି କିଛିମାସ ଧରି ୬୦ନଂ ଜାତୀୟ ରାଜପଥ, ଓଟିରୋଡ ଓ ୫୭ନଂ ରାଜ୍ୟ ରାଜପଥରେ ବ୍ୟାପକ ଚାନ୍ଦା ଆଦାୟ ହେଉଥିବାର ଅଭିଯୋଗ ହୋଇ ଆସୁଥିଲା ।

# ଧାମନଗରରେ ପୋଲିସ ପ୍ରଶାସନର ମିଳିତ ଚଢାଉ

## ବେଆଇନ୍ ବାଲିଟ୍ରାକ୍ଟର ସମେତ ମାସ୍କ ପିନ୍ଧିନଥିବା ଅମାନିଆଙ୍କ ଠାରୁ ଜରିମାନା ଆଦାୟ

ଧାମନଗର,୧୦/୦୪ (ନି.ପ୍ର): ଧାମନଗର ଅଂଚଳର ବିଗତ କିଛିଦିନ ତଳେ ଲଗାତାର ଭାବେ କରୋନା ସଂକ୍ରମିତ ଚିହ୍ନଟ ପରେ ତେଜିଛି ପ୍ରଶାସନ। ବିଶେଷ ଭାବେ ମାସ୍କ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛି ପୋଲିସ ପ୍ରଶାସନ। ଧାମନଗର ବ୍ଲକ ଅଂଚଳରେ ଥିବା ବିଭିନ୍ନ ପଂଚାୟତ ଅଂଚଳରେ ଛୋଟବଡ଼ ବଜାର ଉପରେ ଅଚାନକ ଚଢାଉ କରାଯିବା ସହ ସହରାଞ୍ଚଳରେ ସାଧାପୋଷାକ ଧାରୀ ପୋଲିସ ପଇଁତରା ମାରି ବ୍ୟବସାୟୀ ଓ ରାସ୍ତାରେ ଜାତାୟତ କରୁଥିବା ମାସ୍କ ପିନ୍ଧିନଥିବା ଅମାନିଆଙ୍କ ଠାରୁ ଜରିମାନା ଆଦାୟ କରୁଛି। ଆସନ୍ତା ୧୪ଦିନ



ପାଇଁ ମାସ୍କ ବ୍ୟବହାର ଜରୁରୀ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣରେ ପରେ ତତ୍ପର ହୋଇ ଉଠିଛି ପୋଲିସ ପ୍ରଶାସନ। ଗତ କାଲି ଶୁକ୍ରବାର ଅପରାହ୍ନରେ ଧାମନଗର ଅତିରିକ୍ତ ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଓ ପୋଲିସ ପକ୍ଷରୁ ଏସ୍‌ଆଇ ମୋତିଲାଲ ମାରାଣ୍ଡି ତାଙ୍କ ସଦଳବଳେ ମିଳିତ ଚଢାଉ କରାଯାଇ ମାସ୍କ ପିନ୍ଧିନଥିବା ବ୍ୟକ୍ତିଙ୍କ ଠାରୁ ଜରିମାନା ଆଦାୟ କରାଯାଇଥିବାବେଳେ ବେଆଇନ୍ ବାଲିପରିବହନ କରୁଥିବା ଦୁଇଟି ଟ୍ରାକ୍ଟରକୁ ଜବତ କରାଯିବା ସହ ଗାଡ଼ି ମାଲିକଙ୍କ ଠାରୁ ୧୦୧୬୦ଟଙ୍କା ହିସାବରେ ୨୦୩୬୦ଟଙ୍କା ଜରିମାନା ଆଦାୟ କରାଯାଇଥିବା ଅତିରିକ୍ତ ତହସିଲଦାର ଶ୍ରୀ ବିଶ୍ୱାଳଙ୍କ ଠାରୁ ସୂଚନା ମିଳିଛି। ଧାମନଗର ବ୍ଲକ ଓ ଏନ୍‌ଏସି ଅଂଚଳରେ ୩ଦିନ ମଧ୍ୟରେ ୭ଜଣ କରୋନା ପଜିଟିଭ ଚିହ୍ନଟ ପରେ ପୋଲିସ ପ୍ରଶାସନ ପକ୍ଷରୁ ଏହି ଅଚାନକ ଚଢାଉ ଫଳରେ ବେଆଇନ୍ ବାଲି ଚାଲାଣ କରୁଥିବା ମାଫିଆ ଓ କୋଭିଡ଼ କଟକଣା ମାନୁନଥିବା ବ୍ୟକ୍ତିଙ୍କ ମନରେ ଛାନିଆ ପସିଥିବା ଜଣାଯାଇଛି ।

# ଶୁକୃଳି ବ୍ଲକରେ ତାଲା ପକାଇଲେ ବ୍ଲକ ଅଧ୍ୟକ୍ଷା ଓ ପିଆରଆଇ ମେମ୍ବର

## ବିଭିନ୍ନ ଦାବି ସହିତ ବ୍ଲକ ବିଡ଼ିଓଙ୍କୁ ତୁରନ୍ତ ରିଲିଫ ଦାବିରେ ବ୍ଲକ କାର୍ଯ୍ୟାଳୟରେ ଆନ୍ଦୋଳନ

ବାରିପଦା,୧୦/୦୪ (ନି.ପ୍ର): ଶୁକୃଳି ବ୍ଲକର ଦଶଟି ପଂଚାୟତର କୋଡିଏ ଜଣ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ବ୍ଲକ ଅଧ୍ୟକ୍ଷଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯାଇଥିବାର ଖବର ମିଳିଛି। ବିଭିନ୍ନ ଦାବୀ ସହିତ ବ୍ଲକ ବିଡ଼ିଓଙ୍କୁ ତୁରନ୍ତ ରିଲିଫ ଦାବୀରେ ବ୍ଲକ କାର୍ଯ୍ୟାଳୟ ସମେତ ମୁଖ୍ୟ ଫାଟକରେ ତାଲା ପକେଇଲେ ଶୁକୃଳି ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଚାତାର ଏବଂ ପିଆରଆଇ ମେମ୍ବର ମାନେ। ଏଥି ସହିତ ବ୍ଲକ



ସମ୍ମୁଖରେ ସମସ୍ତ ନିର୍ବାଚିତ ପ୍ରତିନିଧି ମାନେ ଧାରଣାରେ ବସିଥିବାର ଦେଖାଯାଇଛି । ବ୍ଲକ ବିଡ଼ିଓଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ବର୍ତ୍ତମାନ ସୁକୃଳି ବ୍ଲକରେ ସମସ୍ତ ଉନ୍ନୟନ କାର୍ଯ୍ୟ ବନ୍ଦ ହୋଇ ପଡ଼ିଥିବା ବେଳେ ତୁରନ୍ତ ନୂତନ ବିଡ଼ିଓ ନିଯୁକ୍ତି ଦାବୀ କରିଛନ୍ତି ଆନ୍ଦୋଳନରତ ନିର୍ବାଚିତ ଜନ ପ୍ରତିନିଧି ମାନେ। ସୂଚନା ମୁତାବକ ଜାନୁଆରୀ ମାସରୁ ସୁକୃଳି ବିଡିଓ ଙ୍କ ବଦଳି ହୋଇଥିଲେ ମଧ୍ୟ ତାଙ୍କୁ ରିଲିଫ କରାଯାଉ ନାହିଁ । ବିଡିଓ ବଦଳି ଆଳରେ ଅଫିସ ମଧ୍ୟ ଆସୁନାହାନ୍ତି। ତା ଛଡା ବ୍ଲକରେ ସହକାରୀ ଯନ୍ତ୍ରୀ ପଦବୀ ଏବଂ ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଦବୀ ମଧ ଦୀର୍ଘଦିନ ହେବ ଖାଲି ପଡ଼ିଛି। ଯାହାଫଳରେ ବ୍ଲକ ଅଂଚଳରେ ଉନୟନ ମୂଳକ କାମ ଗୋଟେ ପ୍ରକାର ଠପ ହୋଇଯାଇଛି। ଲୋକେ ବିଭିନ୍ନ କାମ ପାଇଁ ବାରମ୍ବାର ବ୍ଲକର ଦ୍ୱାରସ୍ଥ ହୋଇ ନିରାଶ ହେଉଛନ୍ତି। ଖାଲିଥିବା ପଦବୀ ପୂରଣ ପାଇଁ ବିଭିନ୍ନ ସମୟରେ ଜନସାଧାରଣଙ୍କ ଦ୍ୱାରା ଦାବୀ ହୋଇ ଆସୁଥିଲେ ମଧ କୌଣସି ସୁଫଳ ନମିଳିବାରୁ ପୁରୁଣା ବିଡ଼ିଓଙ୍କ ରିଲିଫ ଦାବୀ କରି ଶୁକ୍ରବାର ସକାଳ ୧୦.୩୦ମିନିଟ ସମୟରେ ବ୍ଲକ କାର୍ଯ୍ୟାଳୟ ଗେଟରେ ତାଲା ପକାଇ ଗେଟ ସମ୍ମୁଖ୍ୟରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିଲେ ସମସ୍ତ ପିଆରଆଇ ମେମ୍ବର।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଗୋଟିଏ ଦିନରେ ୧୩୭୪....

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୩୫୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୭ ଜଣ, ବରଗଡ଼ରୁ ୫୯ ଜଣ, ଭଦ୍ରକରୁ ୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨, କଟକରୁ ୫୧ ଜଣ, ଦେବଗଡ ଜିଲ୍ଲାରୁ ୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୫ ଜଣ, ଗଜପତି ଜିଲ୍ଲାରୁ ୮, ଗଞ୍ଜାମରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୯ ଜଣ, ଯାଜପୁରରୁ ୨୫ ଜଣ, ଝାରସୁଗୁଡ଼ାରୁ ୫୨ ଜଣ, କଳାହାଣ୍ଡିରୁ ୪୫ ଜଣ, କନ୍ଧମାଳ ଜିଲ୍ଲାରୁ ୩ ଜଣ. କେନ୍ଦ୍ରାପଡ଼ାରୁ ୪ ଜଣ, କେନ୍ଦୁଝରରୁ ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୯୩ ଜଣ, କୋରାପୁଟରୁ ୮ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜରୁ ୨୬ ଜଣ, ନବରଙ୍ଗପୁରରୁ ୨୦ ଜଣ, ନୟାଗଡ଼ରୁ ୧୩ ଜଣ, ନୂଆପଡ଼ାରୁ ୧୩୫ ଜଣ, ପୁରୀରୁ ୪୪ ଜଣ, ରାୟଗଡ଼ାରୁ ୪୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୭୭ ଜଣ, ସୋନପୁରରୁ ୪ ଜଣ, ସୁନ୍ଦରଗଡ଼ରୁ ୩୫୫ ଜଣ ଓ ଷ୍ଟେଟ୍ ପୁଲରୁ ୪୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ୨୦୧୧ ପରେ ପୁଣି ପୁରୀ ଏମାର....

ସଦସ୍ୟମାନେ ଏମାର ମଠରେ ପ୍ରବେଶ କରିଥିଲେ । ଏମାର ମଠର ନୂଆ ଟ୍ରଷ୍ଟ ବୋର୍ଡ ଅନୁସାରେ ଝଞ୍ଜାପିଟା ମଠର ମହନ୍ତ ବାବା ସଚ୍ଚିଦାନନ୍ଦ ମହାରାଜଙ୍କୁ ମଠର ଦାୟିତ୍ୱ ଦିଆଯାଇଛି । ଏହି ସମୟରେ ମଠରୁ କିଛି ଅଳଙ୍କାର ଠାବ ହୋଇଥିଲା । ମଠ ଭିତରେ ପୂଜା ପାଉଥିବା ରାମାନୁଜଙ୍କ ମୂର୍ତି ଓ ମୂର୍ତିରେ ଲାଗୁଥିବା ଅଳଙ୍କାର ଓ ଝୁଲଣ ବେଶରେ ଲାଗୁଥିବା ସମସ୍ତ ଅଳଙ୍କାରର ତାଲିକା ପ୍ରସ୍ତୁତ କରାଯିବ ବୋଲି କହିଥିଲା ପ୍ରଶାସନ । ସୂଚନା ଥାଉକି ୨୦୧୧ ମସିହାରେ ଏମାର ମଠର ମରାମତି କାମ ଚାଲିଥିବା ବେଳେ ମଠ ଭିତରୁ ୫୧୧ ଖଣ୍ଡ ରୂପା ଇଟା ମିଳିଥିଲା । ଏହାକୁ ନେଇ ସେତେବେଳେ ହଟଚମଟ ସୃଷ୍ଟି ହୋଇଥିଲା । ୧୦ ବର୍ଷ ପରେ ପୁଣି ମଠ ଭିତରୁ ରୂପା ଇଟା ମିଳିବା ପରେ ଏହାକୁ ନେଇ ପ୍ରଶାସନ ସଜାଗ ହୋଇଛି । ଏନେଇ ଅଧିକ ଖୋଳତାଡ ହେବାର ଆବଶ୍ୟକତା ରହିଛି ।

## ପଶ୍ଚିମବଙ୍ଗରେ ମତଦାନ ବେଳେ....

୯ଟା ୩୫ମିନିଟ ସମୟରେ ବୁଥ୍ ନଂ ୧୨୬ନିକଟରେ ପ୍ରାୟ ୫୦ରୁ ୬୦ଜଣ ଲୋକ ସିଆଇଏସଏଫର କ୍ୱିକ୍ ରେସପନ୍ସ ଟିମ ଉପରେ ଆକ୍ରମଣ କରିଥିଲେ। ନିଜକୁ ବଞ୍ଚାଇବା ପାଇଁ ସିଆଇଏସଏଫର କ୍ୱିକ୍ ରେସପନ୍ସ ଟିମ ପବନରେ ୬ରାଉଣ୍ଡ ଗୁଳି ଚଳାଇଥିଲେ। ଏହା ପରେ ସିଆଇଏସଏଫର ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ସେଠାରୁ ଚାଲି ଆସିଥିଲେ। ଏହାର ଘଣ୍ଟାକ ପରେ ପାଖାପଡ଼ି ୧୫୦ଜଣ ଦୁର୍ବୃତ୍ତ ବୁଥ ନମ୍ବର ୧୮୬ରେ ପହଞ୍ଚି ଡିୟୁଟିରେ ଥିବା ମତଦାନ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ପ୍ରଥମେ ସେ ହୋମ ଗାର୍ଡ ଏବଂ ଆଶା କର୍ମଚାରୀଙ୍କୁ ମାଡ଼ ମାରିବା ସହ ବୁଥ ଭିତରକୁ ଆସି ଭଙ୍ଗାରୁଜା କରିଥିଲେ। କିଛି ଦୁର୍ବୃତ୍ତ ସିଆଇଏସଏଫ କର୍ମଚାରୀଙ୍କ ବନ୍ଧୁକ ଛଡ଼ାଇବାକୁ ଚେଷ୍ଟା କରିଥିଲେ। ଧିରେ ଧିରେ ପରିସ୍ଥିତି ଅସମ୍ଭାଳ ହେବାରୁ ସିଆଇଏସଏଫର କ୍ୱିକ୍ ରେସପନ୍ସ ଟିମ ନିଜ ଜୀବନ ବଞ୍ଚାଇବାକୁ ଯାଇ ଗୁଳି ଚଳାଇଥିଲେ, ଯାହାଦ୍ୱାରା ୪ଜଣଙ୍କର ମୃତ୍ୟୁ ଘଟିଥିଲା।

## ରାଜ୍ୟରେ ବଢ଼ି ଚାଲିଛି ....

ଗଂଜାମ ପ୍ରଶାସନ । ବ୍ରହ୍ମପୁର ରେଳ ଷ୍ଟେସନ ସମ୍ମୁଖରେ ପାଂଚଟି କୋଭିଡ ସ୍କ୍ରିନିଂ, ଟେଷ୍ଟିଂ ସେଂଟରରେ ଯାତ୍ରୀଙ୍କୁ ପରୀକ୍ଷା କରାଯାଉଛି । ଅନ୍ୟପଟେ ଗଜପତି ପାରଳାଖେମୁଣ୍ଡିରେ ଶୁକ୍ରବାର ତେଲଗୁ ଷ୍ଟାର ପବନ କଲ୍ୟାଣଙ୍କ ନୂଆ ଫିଲ୍ମ ରିଲିଜ ହୋଇଥିଲା । ଟିକେଟ କାଉଁଟର ଓ ସିନେମା ହଲରେ ଦେଖିବାକୁ ମିଳିଥିଲା ଅସମ୍ଭାଳ ଭିଡ । ଖବର ପାଇ ପୁଲିସ ଚଢାଉ କରିଥିଲା ଓ ଛତ୍ରଭଙ୍ଗ ଦେଇଥିଲେ ଲୋକେ । କୋଭିଡ ନିୟମ ଉଲଂଘନ ଅଭିଯୋଗରେ ୪ଟି ସିନେମା ହଲ ଜୟା, ଲକ୍ଷ୍ମୀ, ନଟରାଜ ଓ କ୍ରିଷ୍ଣାକୁ ସିଲ୍ କରିଛି ପ୍ରଶାସନ ।

## ଅଷ୍ଟ୍ରେଲିଆରେ ଦୁଇଟି ତୋଫାନ ....

୯୬୦ ମାଇଲ ଦୀର୍ଘ ଉପକୂଳରେ ତାଣ୍ଡବ ରଚିବ । ଏନେଇ ପ୍ରଶାସନ ତରଫରୁ ସେଠିକାର ଲୋକଙ୍କୁ ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ କରାଯିବା ସହ ପବନର ଭୟାବହତା ଉପରେ ସୂଚିତ କରାଯାଇଛି । ଅନ୍ୟପଟେ ଓଡେଟା ଶନିବାର ବିଳମ୍ବିତ ରାତି ସୁଧା ଉପକୂଳରେ ପହଂଚିବ । ଫଳରେ ବିସ୍ତିର୍ଣ୍ଣ ଅଞ୍ଚଳରେ ବନ୍ୟାଭଳି ପରିସ୍ଥିତି ସୃଷ୍ଟି କରିବା ସହ ବ୍ୟାପକ କ୍ଷୟକ୍ଷତି କରିବ ବୋଲି ଆକଳନ କରାଯାଇଛି । ସମାଚାର ଏଜେନ୍ସି ଆଇଏଏନଏମ ମୁତାବକ ଇଣ୍ଡୋନେସିଆର ପୂର୍ବ ନୁସା ତେଙ୍ଗାରା କ୍ଷେତ୍ରରେ ତୋଫାନ ସରୋଜା ଆଣିଥିବା ବନ୍ୟାରେ ମାଟି ଅତଡା ଖସି ୧୬୭ ଜଣଙ୍କର ମୃତ୍ୟୁ ହୋଇଛି ଓ ୪୫ ଲୋକ ନିଖୋଜ ଅଛନ୍ତି ।

## କାଳବୈଶାଖୀ ସମ୍ଭାବନା....

ବୌଦ୍ଧ, ସୁବର୍ଣ୍ଣପୁର. ବଲାଙ୍ଗୀର , କଟକ, ଢେଙ୍କାନାଳ , କେନ୍ଦୁଝର ଓ ମୟୁରଭଂଜ ଏବଂ ଆସନ୍ତା ୧୨ ତାରିଖ ସକାଳ ୮ଟା ୩୦ରୁ ୧୩ ତାରିଖ ସକାଳ ୮ଟା ୩୦ ମଧ୍ୟରେ କୋରାପୁଟ, ରାୟଗଡା , ଗଜପତି, ଗଂଜାମ, ନୟାଗଡ, କଟକ, ବୌଦ୍ଧ, ମୟୁରଭଂଜ ଓ କେନ୍ଦୁଝର ଜିଲ୍ଲାରେ ବଜ୍ରପାତ , କାଳବୈଶାଖୀ ବର୍ଷା ସହ ପ୍ରବଳ ବେଗରେ ପବନ ବୋହିବାର ସମ୍ଭାବନା ରହିଥିବାରୁ ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ମଇ ୧୫ରୁ ୨୫ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦/୦୪ (ନି.ପ୍ର): ଆଗାମୀ ମଇ ୨୯ତାରିଖ ଦିନ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ସରକାର ତାର ପଂଚମ ପାଳିର ଦ୍ୱିତୀୟ ବର୍ଷ ପୂରଣ କରୁଛି । ଏହି ପରିପ୍ରେକ୍ଷୀରେ ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ ରେ ସରକାର ଙ୍କ ବିଭିନ୍ନ ବିଭାଗ କେତେ ସଫଳ ହୋଇଛନ୍ତି ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବେ । ଆଗମୀ ମଇ ୧୫ ରୁ ୨୫ ପର୍ଯ୍ୟନ୍ତ ଏହି ସମୀକ୍ଷା ଚାଲିବ। ଶନିବାର ଦିନ ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ପରିଷଦର ସଭ୍ୟ ମାନଙ୍କୁ ବ୍ୟକ୍ତିଗତ ଭାବରେ ପତ୍ର ଲେଖି ଏହା ଜଣାଇଛନ୍ତି । ସଚିବ ମାନଙ୍କ ଉପସ୍ଥିତି ରେ ମନ୍ତ୍ରୀମାନେ ସେମାନଙ୍କ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପାଂଚଟି ପ୍ରମୁଖ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଙ୍କୁ ଅବଗତ କରିବେ। ଏହା ସହିତ ୫-ଟି ଓ ମୋ ସରକାର କାର୍ଯ୍ୟକ୍ରମ ସେମାନଙ୍କ ବିଭାଗରେ କିଭଳି କାର୍ଯ୍ୟ କାରୀ କରାଯାଇଛି ଏବଂ ଏହା ସେମାନଙ୍କ ବିଭାଗର କାର୍ଯ୍ୟ ଧାରାରେ କିଭଳି ଉନ୍ନତି ଆଣିଛି ଓ ବିଭାଗ କୁ କେତେ ଲୋକାଭିମୁଖୀ କରିପାରିଛି ସେ ସମ୍ପର୍କରେ ମଧ ମନ୍ତ୍ରୀ ମାନେ ମୁଖ୍ୟମନ୍ତ୍ରୀ ଙ୍କୁ ଅବଗତ କରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗଣତନ୍ତ୍ର ରେ ଜନତା ହେଉଛନ୍ତି ମାଲିକ । ତେଣୁ ଗଣତନ୍ତ୍ର ରେ ଉତର ଦାୟିତ୍ୱ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାର ସାଢ଼େ ଚାରି କୋଟି ଜନତା ଯେଉଁ ଦାୟିତ୍ୱ ଆମକୁ ଦେଇଛନ୍ତି। ଯେଉଁ ପ୍ରତିଶ୍ରୁତି ଆମେ ଲୋକଙ୍କୁ ଦେଇଛୁ ତାକୁ ପାଳନ ଦିଗରେ କେତେ ଦୂର ଆମେ ସଫଳ ହୋଇଛୁ ତାର ହିସାବ ଲୋକଙ୍କୁ ଦେବାକୁ ହେବ ଓ ଏହା ଗଣତନ୍ତ୍ରର ମର୍ଯ୍ୟାଦା ବୃଦ୍ଧି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ ଯେ ୨୦୧୯ ମଇ ୨୯ ତାରିଖ ଦିନ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ସରକାର ତାର ପ୍ରଥମ ବୈଠକରେ ଦଳର ନିର୍ବାଚନ ଇସ୍ତାହାରକୁ କାର୍ଯ୍ୟ କାରୀ କରିବା ପାଇଁ ନୀତଗତ ନିଷ୍ପତି ନେଇ ଥିଲେ । ଆଗାମୀ ମଇ ୨୯ରେ ମନ୍ତ୍ରୀ ପରିଷଦର ସ୍ୱତନ୍ତ୍ର ବୈଠକରେ ବିଭିନ୍ନ ବିଭାଗର ସଫଳତା ଉପସ୍ଥାପନ କରାଯାଇ ଲୋକଙ୍କୁ ଅବଗତ କରାଯିବ।୨୦୧୪ ନିର୍ବାଚନ ପରେ ମଧ ଦଳର ଇସ୍ତାହାରକୁ କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ପରିଷଦ ନୀତଗତ ନିଷ୍ପତ୍ତି ନେଇଥିଲେ।

# ଅପରାଧିଙ୍କୁ ସମର୍ଥନ କରିବା ବିଜେପିର ଅଭ୍ୟାସଗତ: ବିଜେଡି

ଭୁବନେଶ୍ୱର,୧୦/୦୪ (ନି.ପ୍ର): ମିଥ୍ୟା ଏବଂ ଭିତିହୀନ ବିବୃତି ଦେବା ସହିତ ଅପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ସମର୍ଥନ କରିବା ଓଡିଶା ବିଜେପିର ଅଭ୍ୟାସଗତ ହୋଇଗଲାଣି । ଆଜିର ସାମ୍ବାଦିକ ସମ୍ମିଳନୀରେ ସେମାନେ ଜଣେ ଅପରାଧୀଙ୍କୁ ସମର୍ଥନ କରିଛନ୍ତି ଯାହା କି ଅତ୍ୟନ୍ତ ଦୁଃଖଦାୟକ ଏବଂ ନିନ୍ଦନୀୟ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି। ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ଶ୍ରୀ ମହାନ୍ତି କହିଛନ୍ତି ଯେ ବିଜେପି ଯେଉଁ ତୁମ୍ବନାଥ ସୁବୁଦ୍ଧିଙ୍କ ରକ୍ଷାପାଇଁ ଆଗକୁ ଆସିଛି ତାଙ୍କର ଆହୁରି ଅନେକ ଅପରାଧିକ ମାମଲା ରହିଛି । ୨୦୧୦ ମସିହା ଜୁଲାଇ ୨୨ ତାରିଖରେ ଧିର ସାମଲ ହତ୍ୟା ମାମଲାରେ ତୁମ୍ବନାଥଙ୍କୁ ଗିରଫ କରାଯାଇଥିଲା । ଏହି ହତ୍ୟାକାଣ୍ଡ ବ୍ରହ୍ମପୁର ଥାନା ବଡବଜାର ସ୍ଥିତ ନଗର ସାହିରେ ଘଟିଥିଲା । ଏହି ମାମଲାରେ ସେ ଗିରଫ ହୋଇ ଜେଲ୍ ଯାଇଥିଲା ଓ ପରବର୍ତୀ ସମୟରେ ଚିକିତ୍ସା ପାଇଁ ତାକୁ ବ୍ରହ୍ମପୁର ସର୍କଲ ଜେଲ୍ ରୁ ଏମକେସିଜିକୁ ପଠାଯାଇଥିଲା । ଚିକିତ୍ସାଧୀନ ଥିବାବେଳେ, ୩ ନଭେମ୍ବର ୨୦୧୦ରେ ସେ ବ୍ରହ୍ମପୁର ସ୍ଥିତ ଏମକେସିଜି ହସ୍ପିଟାଲରୁ ଫେରାର ହୋଇଯାଇଥିଲା । ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ଅମାନୁଷିକ ଆକ୍ରମଣ ଏବଂ ଅନ୍ୟାନ୍ୟ ମାମଲାରେ ମଧ ସେ ଜଡିତ । ଗତ ମାସ ୧୪ ତାରିଖରେ ସେ ପୁରୀ ଶ୍ରୀମନ୍ଦିର ଭିତରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିଲା ଏବଂ ପବିତ୍ର ରୋହିଣୀ କୁଣ୍ଡର କାଠ ଘୋଡଣିକୁ ଜବରଦସ୍ତ କାଢି ଦେଇଥିଲା । ଯେଉଁମାନେ ତାକୁ ବୁଝାଇବାକୁ ଚେଷ୍ଟା କରିଥିଲେ ସେ ସେମାନଙ୍କୁ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା । ଏପରି କାର୍ଯ୍ୟକଳାପ ପାଇଁ ତାକୁ ଗିରଫ କରାଯାଇଥିଲା । ବିଜେପି ଶାନ୍ତିପୂର୍ଣ୍ଣ ଓଡିଶାକୁ ଉତର ପ୍ରଦେଶ କିମ୍ବା ବିହାରରେ ପରିଣତ କରିବାକୁ ଚେଷ୍ଟା ନକରନ୍ତୁ ।

## ବାରିପଦା ସହରର ସମସ୍ୟା ନେଇ ପୂର୍ବତନ ଉପନଗରପାଳଙ୍କ ଦାବିପତ୍ର

ବାରିପଦା,୧୦/୦୪ (ନି.ପ୍ର): ଶତାୟୁ ସହର ବାରିପଦାରେ କ୍ରମାନ୍ୱୟେ ଜନସଂଖ୍ୟା ବଢିବା ସହିତ ଲୋକଙ୍କ ବିଭିନ୍ନ ସମସ୍ୟା ମଧ୍ୟ ବଢିଛି । ତେବେ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ପୌର ପରିଷଦରେ ରହିଥିବା କିଛି ସମସ୍ୟାର ସମାଧାନ କରିବା ନିମନ୍ତେ ବାରିପଦା ପୌରପରିଷଦର ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି ପୌରପାଳିକାର ନିର୍ବାହୀ ଅଧିକାରୀ ତଥା ବାରିପଦା ଉପଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡି ଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଥିବା ଜଣାଯାଇଛି । ଦାବୀପତ୍ର ମୁତାବକ ବାରିପଦା ସହରର ଡ୍ରେନେଜ ସିଷ୍ଟମର ଉନ୍ନତି କରଣ ହୋଇପାରି ନଥିବାରୁ ଏବେ ଅସରାଏ ଦୁଇ ଅସରା ବର୍ଷା ହେଲେ ସହରର ବିଭିନ୍ନ ସ୍ଥାନରେ ଲୋକଙ୍କ ଘରେ ଡ୍ରେନପାଣି ପଶି କୃତ୍ରିମ ବନ୍ୟାର ଭ୍ରମ ସୃଷ୍ଟି କରୁଛି ଡ୍ରେନେଜ ସିଷ୍ଟମକୁ ଅପଡେଟ ପ୍ଲାନରେ ନିର୍ମାଣ କରାଯାଇ ସହରର ଜଳ ନିଷ୍କାସନ ବ୍ୟବସ୍ଥାକୁ ସନ୍ତୁଳିତ କରାଯିବା, ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ସହରରେ ସୁବ୍ୟବସ୍ଥିତ ଭାବରେ ୱାଟର ଟେପ ବ୍ୟବସ୍ଥା କରାଯିବା, ବାରିପଦା ସହରରେ ଥିବା ସ୍ମଶାନ ଗୁଡିକରେ ଆନୁସଙ୍ଗିକ ସୁବନ୍ଦୋବସ୍ତ ଯେପରି, ପାନୀୟଜଳ, ବିଶ୍ରାମ ସ୍ଥଳି, ବସିବା ପାଇଁ ବେଂଚ ଆଦି ନିର୍ମାଣ କରାଯିବା, ବାରିପଦା ସହରରେ ଥିବା ଗୋପବନ୍ଧୁ ଭବନର ପୁନରୁଦ୍ଧାର ସହିତ ଏହାକୁ ଏକ ସ୍ମୃତି ସ୍ଥଳରେ ପରିଣତ କରିବା, ବାରିପଦା ସହରରେ ରାସ୍ତାକଡରେ ଗରୀବ ଉଠା ଦୋକାନୀ ମାନଙ୍କର ବସିବା ପାଇଁ ନୂତନ ଭେଣ୍ଡିଂ ଜୋନ ନିର୍ମାଣ କରାଯିବା, କଚେରି ମାର୍କେଟରେ ମାଛ ଓ ମାଂସ ଦୋକାନୀ ଏବଂ ପରିବା ଦୋକାନୀଙ୍କୁ ବିଧିବଦ୍ଧ ଭାବରେ ଅଲଗା ଅଲଗା ବସାଇବାର ସୁବନ୍ଦୋବସ୍ତ କରିବା ଆହି ଦାବୀ ସମ୍ବଳିତ ଦାବୀପତ୍ର ପ୍ରଦାନ କରିବା ସହିତ ସମସ୍ୟା ଗୁଡିକର ସମାଧାନ ବାବଦରେ ପୌର ନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା କରିଥିବାର ଜଣାଯାଇଛି ।

## ବିଜେପି ମହିଳା ମୋର୍ଚ୍ଚାର ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା



ବାଲେଶ୍ୱର,୧୦/୦୪ (ନି.ପ୍ର): ଜିଲା ବିଜେପି ମହିଳା ମୋର୍ଚ୍ଚା ଓ ସ୍ୱଚ୍ଛ ଭାରତ ଅଭିଯାନ କମିଟିର ମିଳିତ ସହଯୋଗରେ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ରକ୍ଷା ସମ୍ପର୍କିତ ଏକ ସଚେତନତା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସହରର ଟାଉନଥାନା ଛକରୁ ବାହାରିଥିବା ଶୋଭାଯାତ୍ରାକୁ ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର ଉଦଘାଟନ କରିବା ସହିତ ସାମ୍ପ୍ରତିକ କରୋନା ଭଳି ମହାମାରୀ ସ୍ଥିତିରେ ପରିବେଶ ସୁରକ୍ଷା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି ବୋଲି କହିଥିଲେ। ଏନେଇ ବିଜେପି ପକ୍ଷରୁ ସମଗ୍ର ରାଜ୍ୟରେ ଜନସଚେତନତା କାର୍ଯ୍ୟକ୍ରମ ଜାରିର ରହିଥିବା ବେଳେ ବାଲେଶ୍ୱରରେ ମଧ୍ୟ ମହିଳାମାନେ ସଚେତନ ହୋଇପାରିଛନ୍ତି ବୋଲି ସେ କହିଥିଲେ। ବିଶେଷ କରି ପ୍ଲାଷ୍ଟିକ ବର୍ଜନକୁ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ଶ୍ରୀ ମହାପାତ୍ର କହିଥିଲେ। କେବଳ ସହରାଞ୍ଚଳ ନୁହେଁ ବରଂ ଆଗାମୀ ଦିନରେ ଏହି ଅଭିଯାନ ଗ୍ରାମାଞ୍ଚଳରେ ବି କାର୍ଯ୍ୟକାରୀ ହେବ ବୋଲି ସେ ସୂଚନା ଦେଇଥିଲେ। ଜିଲା ବିଜେପି ଉପ-ସଭାନେତ୍ରୀ କମଳା ବିନ୍ଧାଣୀ, ସ୍ୱଚ୍ଛ ଭାରତ ଅଭିଯାନ ଜିଲା ପ୍ରଭାରୀ ଲମ୍ବୋଦର ନାୟକ, ସଂଯୋଜକ କମଳ ଲୋଚନ ଦାସ, ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ବିଜେପି ନଗର ସଭାପତି ଚିତ୍ତରଂଜନ ପଣ୍ଡା, ସାଧାରଣ ସମ୍ପାଦକ ଯୋଗନେ ଚନ୍ଦ୍ର ରଣା, ଉପସଭାପତି ସିଦ୍ଧେଶ୍ୱର ବିନ୍ଧାଣୀ, ଦେବବ୍ରତ ମିଶ୍ର, ସୁବୋଧ ଚନ୍ଦ୍ର ପଣ୍ଡା, ଜିଲା ବିଜେପି ସମ୍ପାଦିକା ପିଙ୍କି ପ୍ରଧାନ, ସୁସ୍ମିତା ଚାନ୍ଦ ଓ ରେଣୁ ବିଶ୍ୱାଳ, ନଗର ମହିଳା ସଭାନେତ୍ରୀ ସୁସ୍ମିତା ପଣ୍ଡା, ନଗର ସମ୍ପାଦିକା ଜୁବୁଲି ମହାନ୍ତି, ସୁକାନ୍ତି ଦେବଗୋସ୍ୱାମୀ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଏହି ଶୋଭାଯାତ୍ରା ଟାଉନଥାନା ଛକରୁ ବାହାରି ସିନେମାଛକ ପର୍ଯ୍ୟନ୍ତ ଆସିଥିଲା। ଶତାଧିକ ମହିଳା ପରିବେଶ ସୁରକ୍ଷା ଓ ପ୍ଲାଷ୍ଟିକ ବର୍ଜନ ସମ୍ପର୍କିତ ସ୍ଲୋଗାନ ଦେଇ ବିଭିନ୍ନ ପ୍ଲାକାର୍ଡ଼ ପ୍ରଦର୍ଶନ ପୂର୍ବକୁ ଏହି ର୍ୟାଲିରେ ଯାଉଥିବା ଲକ୍ଷ୍ୟ କରାଯାଇଥିଲା। ଅନୁପମା ଦାସ, ମାନସୀ ଦାସ, ମଧୁଶ୍ରୀ ପଣ୍ଡା, ମୀନାକ୍ଷୀ ମହାପାତ୍ର, ସୁଜାତା ସିଂ, ସବିତା ବେହେରା, ପାର୍ବତୀ ଜେନା, ସୀତା ମୁର୍ମୁ, ଚଞ୍ଚଳା ପ୍ରଧାନ, ସଂଜୁ ପଣ୍ଡା, ସ୍ୱର୍ଣ୍ଣପ୍ରିୟା ନାଥ, ସ୍ନେହଲତା ସ୍ୱାଇଁ ପ୍ରମୁଖ ବିଜେପି ମହିଳା ମୋର୍ଚ୍ଚାର କର୍ମକର୍ତ୍ତା ଓ ସଦସ୍ୟାମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସହରର ବିଭିନ୍ନ ଗଳିରେ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ

ବାଲେଶ୍ୱର,୦୯/୦୪ (ନି.ପ୍ର): ଦିନକୁ ଦିନ ବାଲେଶ୍ୱର ସହରର ପୋଲିସ ପ୍ରଶାସନର ଶିଥିଳତା ଯୋଗୁଁ ସହରରେ ବିଭିନ୍ନ ଗଳି ଓ ସ୍ଥାନମାନଙ୍କରେ ଅସାମାଜିକ ବ୍ୟକ୍ତିଙ୍କର ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । ପୋଲିସ ପ୍ରଶାସନର ଶିଥିଳତା କିମ୍ବା ଅପାରଗତା ଯୋଗୁଁ ସମଗ୍ର ଜିଲ୍ଲାରେ ହିଂସାକାଣ୍ଡ ଓ ଅସାମାଜିକ ଲୋକଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ଜିଲ୍ଲାର ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଏହାର ସଦ୍ୟ ଉଦାହରଣ ହେଉଛି ବାଲେଶ୍ୱର ସ୍ଥିତ ଶ୍ରୀକଣ୍ଠପୁରର କାଳୀମନ୍ଦିର ପାଖ, କନ୍‌ଭେଣ୍ଟ୍ ସ୍କୁଲର ପଛ ଗଳି । ଏଠାରେ ରାତି କିମ୍ବା ଦିନ ସମୟରେ ବହୁ ମଦୁଆ ଓ ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି । ଫଳରେ ଦିନ କିମ୍ବା ରାତିରେ ଝିଅବୋହୂମାନେ ସେହି ଗଳି ଦେଇ ଯିବାକୁ ନିଜକୁ ନିରାପଦ ମଣୁନାହାନ୍ତି । ପୋଲିସ ପ୍ରଶାସନକୁ ଅନୁରୋଧ ଏଥିପ୍ରତି ବିହିତ ପଦକ୍ଷେପ ନେଲେ ଏ ଅଞ୍ଚଳର ପରିବେଶ ସଜାଡ଼ି ଯାଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଆଧ୍ୟାତ୍ମିକତା ମଣିଷକୁ ସତ୍‌ପଥରେ ପରିଚାଳିତ କରେ



ଜଳେଶ୍ୱର, ୧୦/୪ (ନିପ୍ର) : ଅତୀତରେ ଗ୍ରାମାଂଚଳର ଲୋକେ ଆଧ୍ୟାତ୍ମିକ ଚିନ୍ତା ଚେତନାରେ କାଳାତିପାତ କରୁଥିଲେ । ପରୋପକାର, ଦେବଭକ୍ତି, ମାନବିକତା ଓ ସମାଜସେବା ଯୋଗୁଁ ସେମାନେ ଶୃଙ୍ଖଳିତ, ସତ୍‌ପଥଗାମୀ ହେଉଥିଲେ। କିନ୍ତୁ ଏବେ ଲୋକେ ସେଥିରୁ ନିବୃତ୍ତ ହେଉଥିବାରୁ ସାମାଜିକ ସ୍ଖଳନ ଦେଖା ଦେଇଛି ବୋଲି ନେତୁଆ ପଂଚାୟତର କପାସୁଦା ଗାଁରେ କପିଳେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ମତପ୍ରକାଶ ପାଇଛି । ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟଯୁବମୋର୍ଚ୍ଚ ସାଧାରଣ ସଂପାଦକ ରାଜାଶ୍ରୀ ମହାନ୍ତି ଯୋଗ ଦେଇଥିବା ବେଳେ ଚନ୍ଦନ କୁମାର ରାଉଳ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତି ସଦସ୍ୟ ସୁରେଶ କୁମାର ମହାନ୍ତି, ସତ୍ୟନାରାୟଣ ଦାସ, ବିଜୟ କୁମାର କଣ୍ଡା, ସପନ ରାଉଳ, ଦିଲ୍ଲିପ ରାଉଳ, ରତନ କୁମାର ଦତ୍ତ, ଝଡେଶ୍ୱର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ଜିଲ୍ଲାରୁ ଆଉ ୩୦ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ

ଭଦ୍ରକ,୧୦/୦୪ (ନି.ପ୍ର): ଜିଲ୍ଲାରୁ ଆଉ ୩୦ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ନୂତନ ଆକ୍ରାନ୍ତଙ୍କୁ ମିଶାଇ ଜିଲ୍ଲାର ମୋଟ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ଶତକ ପାର କରି ୧୨୩ରେ ପହଞ୍ଚିଛି। ଜିଲ୍ଲାରୁ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୬୫୯ ହୋଇଥିବା ବେଳେ ସୁସ୍ଥ ହୋଇଛନ୍ତି ୭୫୧୧ଜଣ। ନୂତନ ଆକ୍ରାନ୍ତ ମଧ୍ୟରେ ଭଦ୍ରକ ପୌରପାଳିକାର ୬ ନଂ ୱାର୍ଡର ଶାରଦାବିହାର ଅଞ୍ଚଳରୁ ଜଣେ, ଭଦ୍ରକ ବ୍ଲକ ବଣିଆ ପଞ୍ଚାୟତ ଶରଗଡ଼ିଆ ଗ୍ରାମରୁ ଜଣେ, ଏରେଇଁ ପଞ୍ଚାୟତ ଏରେଇଁ ଗ୍ରାମରୁ ଜଣେ, ଗେଲପୁର ପଞ୍ଚାୟତ ଗେଲପୁର ଗ୍ରାମରୁ ୨ଜଣ, କୋରଡାଙ୍ଗ ଗ୍ରାମରଜଣେ, ମାଟିଆପିଡୁଳୀ ଗ୍ରାମରୁ ୩ଜଣ, ବଣିଆ ୯ଜଣ, ଭଣ୍ଡାରିପୋଖରୀ ବ୍ଲକର ଅଦେଇକଣା ଗ୍ରାମରୁ ଜଣେ, କହରାପୋଖରୀ ଗ୍ରାମରୁ ଜଣେ, ଆକୁଳିକଣା ଗ୍ରାମରୁ ଜଣେ, ବାରିକପୁର ଗ୍ରାମରୁ ଜଣେ, ବନ୍ତ ବ୍ଲକ ସାହୁପଡ଼ା ଗ୍ରାମରୁ ଜଣେ, ତୋଡଙ୍ଗା ଗ୍ରାମରୁ ଜଣେ, ପରିବିନ୍ଧା ଗ୍ରାମରୁ ଜଣେ, ବଡ଼ସଦାଡ଼ୋ ଗ୍ରମାରୁ ଜଣେ, ଚାନ୍ଦବାଲି ବ୍ଲକ ଶାସ୍ତ୍ରୀଘାଟ ବଡ଼ବଜାରରୁ ଜଣେ, ବିରିଆଡିଆ ଗ୍ରାମରୁ ଜଣେ, ବାଲେଶ୍ୱର ଜିଲ୍ଲା ସିମୁଳିଆ ଅଞ୍ଚଳର ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଡାକ୍ତରଙ୍କୁ ଦୁର୍ବ୍ୟବହାର ଘଟଣା : ରକ୍ତଦାତା ସଂଘର ଅଭିଯୁକ୍ତଙ୍କୁ ଗିରଫ ଦାବୀ

ନୀଳଗିରି,୧୦/୦୪ (ନି.ପ୍ର): ନୀଳଗିରି ମେଡିକାଲ ପରିସରରେ ଗତ ୭ତାରିଖରେ ଫଳକ ଭାଙ୍ଗିବା ଓ ଡାକ୍ତରଙ୍କୁ ଦୁର୍ବ୍ୟବହାର ଘଟଣାରେ ଆଜି ରକ୍ତ ଦାତା ସଂଘ ପକ୍ଷରୁ ନୀଳଗିରି ଏନ.ଏ.ସି. କଲ୍ୟାଣ ମଣ୍ଡପରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୁକ୍ତମାନଙ୍କ ଗିରଫ ଦାବୀ କରିଛନ୍ତି । ସୂଚନାସାରେ କେନ୍ଦ୍ରମନ୍ତ୍ରୀଙ୍କ ତଥାକଥିତ ସମର୍ଥକ ବୋଲାଉଥିବା କିଛି ଯୁବକ ଯେଉଁ ଭଳି ଭାବେ ଟ୍ରକ ମାଲିକ ସଂଘ ଦ୍ୱାରା ନିର୍ମିତ ହୋଇଥିବା ୪ଟି କ୍ୟାବିନକୁ ଉଦ୍‌ଘାଟନ କରାଯିବାର ମାତ୍ର ୧୦ମିନିଟ ମଧ୍ୟରେ ଫଳକ ରେ କେନ୍ଦ୍ରମନ୍ତ୍ରୀଙ୍କ ନାମ ନ ଥିବାର ଫଳକକୁ ଭାଙ୍ଗିବା ସହ ଏସ.ଡି.ଏମ.ଓ. ଡା. ଅଜୟ କୃଷ୍ଣ ସାମଲଙ୍କ କାର୍ଯ୍ୟାଳୟରେ ପଶି ଯେଉଁ ଭଳି ଭାବେ ଅଶୋଭନୀୟ ଅଭଦ୍ରଚିତ ବ୍ୟବହାର କରିବା ଘଟଣାକୁ ଆଜି ନୀଳଗିରି ରକ୍ତଦାତା ସଂଘ ପକ୍ଷରୁ ଘୋର ନିନ୍ଦା କରିବା ସହ ଘଟଣାର ସଂପୃକ୍ତି ଥିବା ସମସ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରିଛନ୍ତି। ଘଟଣା ପରଠାରୁ ନୀଳଗିରି ମେଡିକାଲରେ ଏକ ପ୍ରକାର ସ୍ୱାସ୍ଥ୍ୟସେବା ଭୁଷୁଡ଼ି ପଡ଼ିଥିବା ବେଳେ ସ୍ଥାନୀୟ ପ୍ରଶାସନ ଘଟଣାକୁ ଗୁରୁତ୍ୱ ଦେବା ସହ ନୀଳଗିରି ମେଡିକାଲରେ ଶାନ୍ତି ଫେରାଇ ଆଣିବା ପାଇଁ ସାମ୍ବାଦିକ ସମ୍ମିଳନୀରେ ରକ୍ତଦାତା ସଂଘର ରବି ରାଉତ, ବିଜୟପାତ୍ର, ଭଗବାନ ମହାନ୍ତି ନିବେଦନ କରିଛନ୍ତି ।

## ଘର ସାମ୍ନାରୁ ମହିଳାଙ୍କ ବେକରୁ ସୁନାହାର ଝାମ୍ପିନେଲେ ଦୁର୍ବୃତ୍ତ

### ବାରିପଦାରେ ବଢୁଛି ଅପରାଧ, ନିୟନ୍ତ୍ରଣ ପାଇଁ ନାହାନ୍ତି ଆବଶ୍ୟକ ପୋଲିସ କର୍ମଚାରୀ

ବାରିପଦା,୧୦/୦୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଦିନକୁ ଦିନ ଅପରାଧ ହାର ବଢୁଥିବା ବେଳେ ଅପରାଧୀଙ୍କ ଚରାଭୂଇଁ ପାଲଟିଲାଣି ବାରିପଦା ସହର। କିଛି ଦିନ ତଳେ ବାରିପଦା ସହର ସମେତ ରାଇରଙ୍ଗପୁର, ଉଦଳା, ବେତନୋଟି ଭଳି ସହରରେ ଲୁଟ୍, ରାହାଜାନୀ, ଛିନତାଇ ଭଳି ଜଘନ୍ୟ ଅପରାଧ ହୁହୁ ହୋଇ ବଢିଚାଲିଥିବାର ଦେଖାଯାଉଛି। ସେପଟେ ପୋଲିସ ଅପରାଧୀକୁ ଧରିବାରେ ଅନେକ କ୍ଷେତ୍ରରେ ବିଫଳ ହେଉଥିବା ଅଭିଯୋଗ ହେଉଛି। ତେବେ ଶୁକ୍ରବାର ଦିନ ଘ୧:୨୦ମିନିଟ ସମୟରେ ବାରିପଦା ଟାଉନ ଥାନା ଅନ୍ତର୍ଗତ ୱାର୍ଡ ନଂ ୧୧ ଢ଼ିପାସାହିର ପ୍ରଦୀପ କୁମାର ଦାସଙ୍କ ସ୍ତ୍ରୀ ମାଳତୀ ଦାସଙ୍କ ଅଭିଯୋଗ ଅନୁସାରେ ଘର ସମ୍ମୁଖରୁ ଦୁଇ ଜଣ ଯୁବକ ଗୋଟିଏ ବାଇକରେ ଆସି ମହିଳାଙ୍କ ବେକରୁ ସୁନା ଚେନ ଛିଡାଇ ଝାମ୍ପି ନେଇଥିଲେ। ମହିଳା ଜଣକ ପାଟି କରିବାରୁ ସ୍ଥାନୀୟ ଲୋକମାନେ ଘରୁ ବାହାରି ଦେଖିଲା ବେଳକୁ ବାଇକରେ ଲୁଟେରା ମାନେ ଫେରାର ହୋଇଯାଇଥିବା ସୂଚନା ଦେଇଛନ୍ତି ମହିଳା ଜଣକ। ତେବେ ଅଭିଯୋଗ ପରେ ପୋଲିସ-ଲୁଟେରାଙ୍କୁ ଖୋଜିବା ପାଇଁ ଜାଲ ବିଛାଇ ତଦନ୍ତ ଆରମ୍ଭ କରିଦେଇଥିବା ସୂଚନା ଦେଇଛନ୍ତି ବାରିପଦା ଟାଉନ ଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତି। ଏହା ସହ ଅପରାଧ ନିୟନ୍ତ୍ରଣ ପାଇଁ ଜିଲ୍ଲାରେ ଆବଶ୍ୟକ ସଂଖ୍ୟକ ପୋଲିସ ନଥିବା ବେଳେ ଅପରାଧୀ ଧରିବା ପାଇଁ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ନଥିବାରୁ ପୋଲିସ ଅପରାଧିକୁ ଠାବ କରିବା ଓ ଧରିବାରେ ନାକେଦମ ହେଉଥିବାର ଜଣା ଯାଇଛି।

## ଓଡିଶା ଇତିହାସ ପୁସ୍ତକ ଉନ୍ମୋଚନ ଉତ୍ସବର ସିଧାପ୍ରସାରଣ କାର୍ଯ୍ୟକ୍ରମ



ବାରିପଦା,୧୦/୦୪ (ନି.ପ୍ର): ଡ.ହରେକୃଷ୍ଣ ମହତାବଙ୍କ ରଚିତ ଓଡିଶା ଇତିହାସର ହିନ୍ଦୀ ଅନୁବାଦ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆଜି ଲୋକାର୍ପିତ ହୋଇଯାଇଛି। ଏହି ଉନ୍ମୋଚନ ସଭାର ସିଧାପ୍ରସାରଣ ଏକ କାଳୀନ ସାରା ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଭାରଚୁଆଲ ମାଧମରେ ହୋଇଥିଲା। ଏହି ଲୋକାର୍ପଣ ଉତ୍ସବରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସହିତ ପେଟ୍ରୋଲିୟମ ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଓ କଟକ ସାଂସଦ ଭର୍ତୃହରି ମହତାବ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା ବାରିପଦା ସ୍ଥିତ କଲ୍ୟାଣୀ ମହିଳା ସମିତି ସଭାଗୃହରେ ଇଞ୍ଜିନିୟର ମନୋଜ ଦଳ ବେହେରାଙ୍କ ପୌରହିତ୍ୟରେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥିଲା। ଅଧାପକ ସମରେନ୍ଦ୍ର ବଶା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସଭାକୁ ପରିଚାଳିତ କରିଥିଲେ। ଏଥିରେ ଜିଲ୍ଲାର ତଥା ଜିଲ୍ଲା ବାହାରରୁ ଅନେକ ସାହିତ୍ୟିକ, ବୁଦ୍ଧିଜୀବୀ, ସମାଜସେବୀ ଓ ଯୁବଗୋଷ୍ଠୀ ସାମିଲ ହୋଇଥିଲେ। ଏହି ସଭାରେ ପଣ୍ଡିତ ଭାଗବତ ପଣ୍ଡା ଗୀତା ଶ୍ଳୋକ ଆବୃତି କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ପଦ୍ମନାଭ ସାହୁ, ଆଶିଷ ବଶା, କମଳାକାନ୍ତ ପ୍ରହରାଜ, ନିରୋଜ ପଣ୍ଡା, ଅଜିତ କବାଟ, ଅଜିତ ପାଣିଗ୍ରାହୀ, କୈବଲ୍ୟ ପ୍ରସାଦ ମହାପାତ୍ର ଓ ଅନ୍ୟାନ୍ୟ ବ୍ୟକ୍ତିଗଣ ଓଡିଶା ଇତିହାସ ତଥା ଏ ପୁସ୍ତକର ଉପାଦେୟତା ଉପରେ ଆଲୋକପାତ କରିଥିଲେ । ସଭା ଶେଷରେ ସତୀଶ ବେହେରା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଗୋରୁ ବେପାରୀ ଗିରଫ : ୮ ଗୋରୁ ଉଦ୍ଧାର

ନୀଳଗିରି,୧୦/୦୪ (ନି.ପ୍ର): ଆଜି ଏକ ପିକ୍‌ଅପ୍ ଗାଡ଼ିରେ ଗୋରୁ ଭର୍ତ୍ତି କରି ଯାଉଥିଲା ବେଳେ ଗ୍ରାମର କିଛି ଯୁବକ ଉକ୍ତ ଗାଡ଼ିକୁ ଅଟକାଇ ଗୋରୁ ସହ ୨ ବେପାରିଙ୍କୁ କାବୁ କରି ଥାନାକୁ ଖବର ଦେଇଥିଲେ । ଖବର ପାଇ ଘଟଣା ସ୍ଥଳରେ ବରହମପୁର ଥାନା ଅଧିକାରୀ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଦୁଇ ଗାଈ ବେପାରିଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ବରହମପୁର ଥାନା ଅଞ୍ଚଳର କେନାଲ ରାସ୍ତା ଶିଶୁ ମନ୍ଦିର ନିକଟରେ ଓଡି୧୧ଭିଝ୨୧୬ ନମ୍ବର ବିଶିଷ୍ଟ ଏକ ପିକ୍‌ଅପ ଭେନ୍ କୁ କିଛି ସ୍ଥାନୀୟ ଯୁବକ ଅଟକାଇଥିଲେ। ଉକ୍ତ ପିକ୍‌ଅପ୍ ଗାଡ଼ିରେ ୮ଟି ଗୋରୁଙ୍କର ମୁହଁ ବାନ୍ଧି ଅତି ଅମାନୁଷିକ ଭାବେ ବାହାରକୁ ଚାଲାଣ ହେଉଥିଲା । ସ୍ଥାନୀୟ ଯୁବକ ସନାତନ ବେହେରା ଙ୍କ ଅଭିଯୋଗମୂଳେ ୩୧/୨୧ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇ ତଦନ୍ତ ଚାଲୁଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲ୍ଲା ହରିପୁର ଅଞ୍ଚଳର ରାଜେଶ ମାଡୁଲି ଓ ତ୍ରିଲୋଚନ ମାଡୁଲି ବୋଲି ଜଣାପଡ଼ିଛି । ତେବେ ଏହି ରାସ୍ତାରେ ପ୍ରତ୍ୟେହ ଗୋରୁ ଚାଲାଣ ହେଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଆସୁଥିବା ବେଳେ ପୋଲିସ ଜାଣିଶୁଣି ଚୁପ୍ ରହିବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି ।

## କୋଭାକ୍ସିନ୍ ର ଦ୍ୱିତୀୟ ଡୋଜ୍ ନେଲେ ଅପରାଜିତା

ଭୁବନେଶ୍ୱର,୧୦/୦୪ (ନି.ପ୍ର): ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଶନିବାର ଦିନ କୋଭିଡ୍ ଟୀକାର ଦ୍ୱିତୀୟ ଡୋଜ୍ ନେଇଛନ୍ତି। ଭୁବନେଶ୍ୱର ଏମସ୍ ରେ ସେ କୋଭାକ୍ସିନ୍ ର ଦ୍ୱିତୀୟ ଡୋଜ୍ ନେଇଥିବା ନେଇ ଟୁଇଟ୍ କରି ସୂଚନା ଦେଇଛନ୍ତି। ଆମେ ସମସ୍ତେ ସୁରକ୍ଷିତ ଓ ସୁସ୍ଥ ରହିବା ଉଚିତ୍ ବୋଲି ଉଲ୍ଲେଖ କରିଛନ୍ତି।

## ନା ବାଳିକାର ଅପହରଣର ୯୦ ଦିନ : ୧ ଗିରଫ ୩ ଫେରାର

ଜଳେଶ୍ୱର, ୧୦/୪ (ନିପ୍ର) : ରାଇବଣିଆ ଥାନାର ଜଣେ ୧୬ ବର୍ଷ ବୟସ୍କା ନାବାଳିକା ଗତ ଜାନୁଆରୀ ୧୦ ତାରିଖରେ ଅପହରଣ ହୋଇଥିବାର ଏକ ମାମଲା ୨/୨୧ରାଇବଣିଆ ଥାନାରେ ରୁଜୁ ହୋଇଥିଲା । ଏ ସମ୍ପର୍କରେ ପୁଲିସ୍‌ର ଖାମଖିଆଲି ନିତୀ ଯୋଗୁଁ ଗ୍ରାମବାସୀମାନେ ସେହି ଗାଁର ଜଣଙ୍କ ଘରୁ ନାବାଳିକାକୁ ଉଦ୍ଧାର କରିଥିଲେ । ନା ବାଳିକାକୁ ଅନୈତିକ କାର୍ଯ୍ୟରେ ବ୍ୟବହାର କରିବାଲାଗି ମସୁଧା ସଂପର୍କରେ ନାବାଳିକା ମଧ୍ୟ ବୟାନ ରଖିଥିଲେ । ନା ବାଳିକାଠାରୁ କେତେକ ଅଳଙ୍କାର ଛିନ୍‌ତାଇ କରିଥିବା ଅଭିଯୋଗ ହୋଇଥିଲା । ଦୀର୍ଘ ୯୦ଦିନ ବିତିଯାଇଥିଲେ ମଧ୍ୟ ପୁଲିସ୍ କାହାକୁ ଗିରଫ କରିବାରେ ସମର୍ଥ ହୋଇନଥିଲେ । ଗତ ରାତିରେ ମୁଖ୍ୟ ଅଭିଯୁକ୍ତ କେଦାର ବେହେରା ଗିରଫ ହୋଇଥିବା ବେଳେ ଏହି କାର୍ଯ୍ୟକୁ ଉସୁକାଉଥିବା ରଂଜନା ବେହେରା, ଦୌପଦି ବେହେରା, ନନ୍ଦକିଶୋର ବେହେରାକୁ ପୁଲିସ୍ ଗିରିଫ କରିନଥିବା ଅଭିଯୋଗ ହୋଇଛି । କେଦାର ବେହେରା ପୂର୍ବରୁ ଏପରି କେତେକ ନାବାଳିକା ଅପହରଣ ଘଟଣାରେ ଅଭିଯୋଗ ହୋଇଥିଲା । ଅଭିଯୁକ୍ତ ମାନଙ୍କ ମଧ୍ୟରୁ ଘଟଣାକୁ ଟାଳିଦେବାପାଇଁ ମାର୍ଚ୍ଚ ୧୯ ତାରିଖରେ ଓଡିଶା ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ୯୦୩/୨୧ ରୁଜୁ କରିଥିବା ବେଳେ ମାନ୍ୟବର କୋର୍ଟ ଜଳେଶ୍ୱର ଜେଏମ୍‌ଏଫସି କୋର୍ଟରେ ହାଜର ହେବାପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେମାନେ ଆତ୍ମସମର୍ପଣ କରିନାହାନ୍ତି। ଏଥିପ୍ରତି ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

## କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କୁ ଧରିବ ସ୍ୱତନ୍ତ୍ର ଟିମ୍

ଭୁବନେଶ୍ୱର,୧୦/୦୪ (ନି.ପ୍ର): କୋଭିଡ୍ ନିୟମ ମାନୁନଥିଲେ ସିସିଟିଭି ଆଧାରରେ ଅମାନିଆଙ୍କ ନିକଟରେ ପହଂଚିବ ପୋଲିସ୍ । ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ସିସିଟିଭି ଫୁଟେଜ୍ ଦେଖି ସେଠାରେ ପହଂଚିବା ସହ ତାଙ୍କ ଠାରୁ ଫାଇନ୍ କାଟିବ। ସଂକ୍ରମଣ ବଢୁଥିବା ବେଳେ ନିୟମ ଉଲ୍ଲଂଘନ କଲେ ଆଉ ନିସ୍ତାର ମିଳିବ ନାହିଁ। ନୂଆ ନିୟମ ଅନୁସାରେ ଫାଇନ୍ କଟାଯିବ ବୋଲି କହିଛନ୍ତି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ।

## ଜିଲ୍ଲାରେ ବଢୁଛି କରୋନା ଗ୍ରାଫ : ଚିନ୍ତାରେ ପ୍ରସାଶନ ଓ ଜନତା

### କରୋନା କଟକଣା କଡାକଡି ପାଳନ ପାଇଁ ସତର୍କ କଲେ ଜିଲ୍ଲାପାଳ




ବାରିପଦା,୧୦/୦୪ (ନି.ପ୍ର): ସମଗ୍ର ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଆରମ୍ଭ ହୋଇ ସାରିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ଦିନକୁ ଦିନ କରୋନାର ସ୍ଥିତି ବିଗିଡ଼ିବାରେ ଲାଗିଛି। ଶୁକ୍ରବାର ଜିଲ୍ଲାରୁ ୫୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବାପରେ କରୋନା ଗ୍ରାଫ ଜିଲ୍ଲାରେ ଦିନକୁଦିନ ବଢୁଥିବାର ଦେଖା ଯାଇଛି। ଦୁଇ ଦିନ ତଳେ ମୟୂରଭଞ୍ଜ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱରେ ବାରିପଦା ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କୁ ସଚେତନ କରାଇଥିଲେ। କରୋନାର ଦ୍ୱିତୀୟ ପର୍ଯ୍ୟାୟ ଲହରରେ ଆଜି ଜିଲ୍ଲାର କରୋନା ଗ୍ରାଫ ଅର୍ଦ୍ଧଶତକ ପାର କରିଥିବା ବେଳେ ଜିଲ୍ଲାରେ ମୋଟ ୧୭୬ ଜଣ ସକ୍ରିୟ ସଂକ୍ରମିତ ବ୍ୟକ୍ତି ରହିଥିବାର ଜଣା ଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ କରୋନା କଟକଣା ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଜିଲ୍ଲାରେ ୫୦ଟି ଆଇସିୟୁ ପ୍ରସ୍ତୁତ ହୋଇଥିବା ବେଳେ ତିନୋଟି ମୋବାଇଲ ଭ୍ୟାନକୁ ତତ୍କାଳୀନ ସେବା ପାଇଁ ପ୍ରସ୍ତୁତ ରଖାଯାଇଛି। ଆବଶ୍ୟକ ପଡ଼ିଲେ ବେଡ଼ ସଂଖ୍ୟା ବୃଦ୍ଧି କରାଯିବା ସହିତ ଗୁରୁତର ରୋଗୀଙ୍କୁ ଆବଶ୍ୟକ ପଡିଲେ କଟକ ବା ଭୁବନେଶ୍ୱର ସ୍ଥାନାନ୍ତର କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ତେବେ ମୟୂରଭଞ୍ଜ ଜିଲ୍ଲା ପଶ୍ଚିମବଙ୍ଗ ଓ ଝାଡଖଣ୍ଡର ସୀମାନ୍ତ ଅଂଚଳରେ ରହିଥିବାରୁ ସୀମାନ୍ତ ପ୍ରବେଶ ପଥ ଗୁଡିକରେ ନଜର ରଖା ଯିବା ସହିତ ପଶ୍ଚିମ ବଙ୍ଗର ସଂକ୍ରମିତ ମାନେ ଜିଲ୍ଲାକୁ ଆସି କରୋନାର ପ୍ରଥମ ଲହରରେ ଯେଉଳି ଜିଲ୍ଲାର କରୋନା ଗ୍ରାଫକୁ ଅହେତୁକ ଭାବରେ ବୃଦ୍ଧି କରିଥିଲେ ସେହିପରି ଏବେ ପଶ୍ଚିମବଙ୍ଗରେ ନିର୍ବାଚନ ଚାଲିଥିବାରୁ ନିର୍ବାଚନ ସରିବା ପରେ ଜିଲ୍ଲାରେ କାମ କରୁଥିବା ପଶ୍ଚିମବଙ୍ଗର ବହୁ ସଂଖ୍ୟାରେ ଲୋକ ମୟୂରଭଞ୍ଜ ଫେରିବେ। ଏଣୁ ଏଥିପ୍ରତି ମଧ ପୋଲିସ ଓ ଜିଲ୍ଲା ପ୍ରସାଶନ ଧ୍ୟାନ ଦେବା ଦରକାର ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି । ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସ୍କାଡ ଗଠନ କରାଯାଇ ଛକ ବଜାର, ହାଟ ବସଷ୍ଟାଣ୍ଡ ଆଦି ଗହଳି ସ୍ଥାନରେ କରୋନା ଗାଇଡଲାଇନ କଡାକଡି ପାଳନ ଉପରେ ଗୁରୁତ୍ୱ ଦିଆଯାଉଥିବାର ଦେଖା ଯାଉଛି। ତେବେ ଯାହାବି ହେଉ କରୋନା ଗ୍ରାଫ ଜିଲ୍ଲାରେ ଉର୍ଦ୍ଧମୁଖି ଥିବା ବେଳେ ପ୍ରସାଶନ ଓ ଜନତାଙ୍କର ଚିନ୍ତା ବଢାଇ ଦେଇଛି କରୋନାର ୨ୟ ଲହର।

## ବାବା ବଡାମ ଠାକୁର ପୂଜା ଅନୁଷ୍ଠିତ



ବାରିପଦା (ପି.ଏନ.ଏସ.) ତା୦୯/୦୪ ସ୍ଥାନୀୟ ତୁଳସୀଚଉରା ସ୍ଥିତ ବାବା ବଡ଼ାମ ଠାକୁରଙ୍କର ଆସ୍ଥାନ ଠାରେ ବାର୍ଷିକ ବଡପୂଜା ଅନୁଷ୍ଠିତ ହୋଇଯାଇଅଛି। ଚଳିତ ବର୍ଷ କୋଭିଡ କଟକଣା ଯୋଗୁଁ କମିଟି ପକ୍ଷରୁ ନିୟମାବଳୀକୁ ସଠିକ୍ ଭାବରେ ପାଳନ କରାଯାଇ ଥିଲା ଏବଂ ନିରାଡମ୍ବର ଭାବରେ ପୂଜା ସମ୍ପନ୍ନ ହୋଇଥିଲା। ପୂର୍ବବର୍ଷ ମାନଙ୍କ ପରି ପୂଜା ମହା ଆଡ଼ମ୍ବରେ ନହୋଇଥିଲେ ମଧ ଗ୍ରାମବାସୀଙ୍କ ମନରେ ପୂଜାକୁ ନେଇ ଗଭୀର ଭକ୍ତି ଏବଂ ଉତ୍ସାହ ଦେଖିବାକୁ ମିଳିଥିଲା। ପୂଜା କମିଟୀ ତରଫରୁ ପୀଠ ଉପସ୍ଥାପକ ସ୍ୱର୍ଗତ ଭାସ୍କର ମହାପାତ୍ରଙ୍କ ଉଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ଚଳିତ ବର୍ଷ କମିଟିର ସଭାପତି ଅନନ୍ତ କୁମାର ଦାସ,ସମ୍ପାଦକ ପ୍ରଦୀପ ଖିଲାର, ସହ -କୋଷାଧକ୍ଷ ଦେବାନନ୍ଦ ଜେନା, ଅନ୍ୟ ସଭ୍ୟ ମାନଙ୍କ ମଧ୍ୟରେ ସରୋଜ ମହାପାତ୍ର , ଗଦାଧର ନାଏକ, ଦିଲ୍ଲିପ ନାଏକ ପ୍ରମୁଖ ଉପସ୍ଥିତ ରହି ପୂଜାକୁ ସୁଚାରୁ ରୂପେ ପରିଚାଳନା କରାଇଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo